

ରାଜ୍‌ଙ୍କ ସହ ସାମନ୍ଥାଙ୍କ ଫଟୋ ଭାଇରାଲ

▸ପୃଷ୍ଠା ୧୦ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-321 ◆BHUBANESWAR ◆TUESDAY ◆20 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୨୧ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୦ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଏସିଆରେ ଦ୍ରୁତଗତିରେ ବ୍ୟାପୁଛି କରୋନାର ଜେଏନ୧ ପ୍ରଜାତି | ସିଙ୍ଗାପୁରରୁ ୧୪ ହଜାର ନୂଆ ରୋଗୀ ଚିହ୍ନଟ

■ **ସିଙ୍ଗାପୁର, ୧୯।୫ (ଏଜେନ୍ସି):** କରୋନା ଭୂତାଣୁ ପୁଣି କାୟା ବିସ୍ତାର କରିବାରେ ଲାଗିଛି । ଏସିଆର ଅନେକ ଦେଶରେ ଏହି ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ସିଙ୍ଗାପୁର, ହଂକଂ, ଚୀନ୍ ଏବଂ ଥାଇଲାଣ୍ଡ ଭଳି ଦେଶରେ ଏହା ଚିନ୍ତା ବଢ଼ାଇଲାଣି । ଏବେ ଓମିକ୍ରନର ନୂଆ ପ୍ରଜାତି ଜେଏନ୍୧ ଏବଂ ଏହାର ଉପ-ପ୍ରଜାତି ଏଲଏଫ୭, ଏନବି୧.୮ ଯୋଗୁଁ ସଂକ୍ରମଣ ବୃଦ୍ଧି ପାଉଥିବା କୁହାଯାଉଛି । ଏହି ଭୂତାଣୁ ସିଙ୍ଗାପୁରରେ ଅଣାୟତ୍ତ ପରିସ୍ଥିତି ସୃଷ୍ଟି କରିଛି । କେବଳ ମେ' ମାସ ପ୍ରାରମ୍ଭରେ ୧୪ ହଜାରରୁ ଅଧିକ ମାମଲା ସାମ୍ନାକୁ ଆସିଛି । ଏପ୍ରିଲ ଶେଷରେ ଏହି ସଂଖ୍ୟା ୧୧,୧୦୦ ଥିଲା । ଏବେ ମାମଲା ୨୮ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ହସ୍ପିଟାଲରେ ଭର୍ତ୍ତି ହେବା ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇଛି । କିନ୍ତୁ ଆଇସିୟୁ ରୋଗୀସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ତେବେ ଏହି ପ୍ରଜାତି ପୂର୍ବାପେକ୍ଷା ଅଧିକ ବିପଜ୍ଜନକ ବୋଲି ଏ ପର୍ଯ୍ୟନ୍ତ କୌଣସି ପ୍ରମାଣ ନାହିଁ । କିନ୍ତୁ ଏହି ଲହରରେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ, ସେମାନେ ବେଶି ଆକ୍ରାନ୍ତ ହୋଇଛନ୍ତି ବୋଲି ଜଣେ ଅଧିକାରୀ କହିଛନ୍ତି ।



ସିଙ୍ଗାପୁରକୁ ଦେଖି ଚୀନ୍ ଏବଂ ଥାଇଲାଣ୍ଡ ସତର୍କ ହୋଇଯାଇଛନ୍ତି । ଚୀନ୍‌ରେ ରୋଗୀସଂଖ୍ୟା ଦ୍ୱିଗୁଣିତ ହୋଇଯାଇଛି । ଲୋକଙ୍କୁ ବୁଷ୍ଟର ଡୋଜ ନେବାକୁ ପରାମର୍ଶ ଦିଆଯାଇଛି । କରୋନା ଲହର ଦ୍ରୁତଗତିରେ ବ୍ୟାପିପାରେ ବୋଲି ଚୀନ୍ ପକ୍ଷରୁ କୁହାଯାଇଛି । ଥାଇଲାଣ୍ଡରେ ଦୁଇଟି ଅଲଗା ଅଲଗା ପ୍ରଜାତିର ମାମଲା ବୃଦ୍ଧି ପାଉଛି । ଭାରତରେ ୧୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୬୨୦୦ କୋଟିର ଠକେଇ | ଇଡି ପଞ୍ଝାରେ ୟୁକୋ ବ୍ୟାଙ୍କ ପୂର୍ବତନ ଅଧ୍ୟକ୍ଷ

■ **ନୂଆଦିଲ୍ଲୀ,୧୯।୫(ଏଜେନ୍ସି):** ୟୁକୋ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ସୁବୋଧ କୁମାର ଗୋଏଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି । କୋଲକାତାର ଏକ କମ୍ପାନୀ ସହିତ ଜଡିତ ୬୨୦୦ କୋଟିରୁ ଅଧିକ ଟଙ୍କାର ବ୍ୟାଙ୍କ ଋଣ ଠକେଇ ସହ ସଂପୃକ୍ତ ମନି ଲଣ୍ଡରିଂ ଅଭିଯୋଗରେ ତାଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ସିଏସ୍‌ପିଏଲ୍) ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ତଦନ୍ତ ସହ ଜଡିତ ଗୋୟଲଙ୍କୁ ମେ ୧୬ରେ ତାଙ୍କ ବାସଭବନରୁ ଗିରଫ କରାଯାଇଥିଲା । ତାଙ୍କୁ ଚଳିତମାସ ୧୭ରେ କୋଲକାତାର ଏକ ସ୍ୱତନ୍ତ୍ର ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) କୋର୍ଟରେ ହାଜର କରାଯାଇଥିଲା । ଏହାପରେ ତାଙ୍କୁ ମେ' ୨୧ ପର୍ଯ୍ୟନ୍ତ ଇଡି ହେପାଜତକୁ ପଠାଇ ଦେଇଥିବା ଇଡି ପକ୍ଷରୁ ଏକ ବିବୃତିରେ କୁହାଯାଇଛି । ଏହି ତଦନ୍ତର ଅଂଶ ସ୍ୱରୂପ, ଇଡି ଏପ୍ରିଲ ମାସରେ ଗୋଏଲ ଏବଂ ଅନ୍ୟ କିଛି ଲୋକଙ୍କ ଘର ଉପରେ ଚଢାଉ କରିଥିଲା । ସିଏସ୍‌ପିଏଲ୍‌କୁ ଋଣ ସୁବିଧା ମଞ୍ଜୁର କରିବା ଏବଂ ପରବର୍ତ୍ତୀ ସମୟରେ ୬୨୧୦.୭୨ କୋଟି ଟଙ୍କା (ସୁଧ ବିନା ମୂଳ ପରିମାଣ) ଋଣର ବଡ଼ ଧରଣର ଅର୍ଥ ହେରାଫେରିରୁ ସିବିଆଇ ଏଥିରେ ମନି ଲଣ୍ଡରିଂ ହୋଇଥିବା ଜଣିବାକୁ ପାଇଥିଲା । ଇଡି ଦାବି କରିଛି ଯେ ୟୁକୋ ବ୍ୟାଙ୍କର ସିଏମଡି ଭାବରେ ଗୋୟଲଙ୍କ କାର୍ଯ୍ୟକାଳ ସମୟରେ ସିଏସପିଏଲକୁ ବିପୁଳ ଋଣ ସୁବିଧା ମଞ୍ଜୁର କରାଯାଇଥିଲା ।



# କେନ୍ଦ୍ରୀୟ ଅନୁଦାନ କମିଲା ୧୮%

## ଉତ୍ସବମନସ୍କ ସରକାର; ଆର୍ଥିକ ସ୍ୱାସ୍ଥ୍ୟକୁ ନିଘା ନାହିଁ

■ **ଭୁବନେଶ୍ୱର,୧୯।୫(ସମିସ):** ତିନି ସପ୍ତାହ ପରେ କ୍ଷମତା ଦଖଲର ବର୍ଷପୂର୍ତ୍ତି ପାଳନ କରିବ ଡବଲ ଇଞ୍ଜିନ୍ ସରକାର । ଏହାକୁ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏହି ସମୟରେ ରାଜ୍ୟରେ ଆର୍ଥିକ ପରିଚାଳନା, କେନ୍ଦ୍ରୀୟ ଅନୁଦାନ ସର୍ବୋପରି ଟିକସ ସଂଗ୍ରହକୁ ନେଇ ଯେଉଁ ଚିତ୍ର ଆସିଛି, ତାହା ଅର୍ଥନୈତିକ ବିଶେଷଜ୍ଞଙ୍କ ନିଦ ହଜାଇ ଦେଇଛି । ମାତ୍ର ବର୍ଷଟିଏ ମଧ୍ୟରେ ରାଜ୍ୟର ବିତ୍ତୀୟ ପରିଚାଳନା ଲଗାମହୀନ ହୋଇ ପଡ଼ିଛି । ନିଜସ୍ୱ ରାଜସ୍ୱ, ଅଣ ରାଜସ୍ୱ, କେନ୍ଦ୍ରୀୟ ଅନୁଦାନ ସବୁ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆୟ କମିଛି । ଏପରିକି ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ଅସମର୍ଥ ହେବାରୁ କେନ୍ଦ୍ର ସରକାର ଅନୁଦାନ ହ୍ରାସ କରିଥିବା ମଧ୍ୟ କୁହାଯାଉଛି । ବିଡ଼ମ୍ବନା ହେଉଛି ୨୦୨୩-୨୪ ଆର୍ଥିକ ବର୍ଷର ଅନ୍ତିମ ମାସ ଅର୍ଥାତ୍ ମାର୍ଚ୍ଚ ୨୦୨୪ରେ ରାଜ୍ୟ ସରକାର କେନ୍ଦ୍ରଠାରୁ ଯେତିକି ଅନୁଦାନ ପାଇଥିଲେ, ୨୦୨୪-୨୫ ଆର୍ଥିକ ବର୍ଷର ଅନ୍ତିମ ମାସ ଅର୍ଥାତ୍ ମାର୍ଚ୍ଚ ୨୦୨୫ରେ ପୂର୍ବବର୍ଷଠାରୁ କମ୍ ଅନୁଦାନ ପାଇଛନ୍ତି । ଅନ୍ୟପକ୍ଷରେ ଋଣ ବାବଦରେ କେନ୍ଦ୍ର ସରକାରଙ୍କଠାରୁ ଅଧିକ ଅର୍ଥ ଆଣିଛନ୍ତି । ବିତ୍ତୀୟ ପରିଚାଳନାରେ ଏପରି ବିଳକ୍ଷଣ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟକୁ ରୁଗ୍‌ଣ କରିଥିଲେ ହେଁ ସରକାର ଏହାକୁ ନଜରଅନ୍ଦାଜ କରି ଚାଲିଛନ୍ତି ।



**ରାଜ୍ୟର ନିଜସ୍ୱ ଟିକସ, ଅଣଟିକସ ଆଦାୟ ନୈରାଶ୍ୟଜନକ**

ସୂଚନା ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷ ଅର୍ଥାତ୍ ବିଜେଡି ଶାସନର ଶେଷ ସମୟରେ କେନ୍ଦ୍ରୀୟ ଅନୁଦାନ ବାବଦରେ ଓଡ଼ିଶା ପାଇଥିଲା ୨୧୦୧୧ କୋଟି ଟଙ୍କା । ଯାହା ପୂର୍ବବର୍ଷର ୨୦୨୨-୨୩ର ଅନୁଦାନ ତୁଳନାରେ ୧୫.୪୫ ପ୍ରତିଶତ ଅଧିକ ରହିଥିଲା । ମାତ୍ର ୨୦୨୪ରେ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ୍ ସରକାର ଓଡ଼ିଶାରେ କ୍ଷମତାସୀନ ହେବା ପରେ କେନ୍ଦ୍ରୀୟ ଅନୁଦାନ ଦ୍ୱିଗୁଣିତ ହେବା ଆଶା କରାଯାଉଥିଲା । ମାତ୍ର ବିଡ଼ମ୍ବନା ହେଉଛି ଡବଲ ଇଞ୍ଜିନ୍ ସରକାର କେନ୍ଦ୍ରରୁ ଅଧିକ ଋଣ ଆଣିବାରେ ତ ସଫଳ ହେଲା, ମାତ୍ର ଅଧିକ ଅନୁଦାନ ଆଣିବାରେ ସଫଳ ହୋଇ ପାରିଲା ନାହିଁ । ୨୦୨୪-୨୫ ଅର୍ଥାତ୍ ବିଜେପି ଶାସନର ପ୍ରଥମ ବର୍ଷରେ ଓଡ଼ିଶାକୁ ମାତ୍ର ୧୭୨୧୮ ୯ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ମିଳିଛି । ଯାହା ବିଜେଡିର ଶେଷ ବର୍ଷର ଶାସନ ସମୟରେ ମିଳିଥିବା କେନ୍ଦ୍ରୀୟ ଅନୁଦାନରୁ ୧୮.୧୯ ପ୍ରତିଶତ କମ୍ ।

ତେବେ ଅନୁଦାନ ହ୍ରାସକୁ ନେଇ ଅର୍ଥନୈତିକ ବିଶେଷଜ୍ଞମାନେ ଯେଉଁ କାରଣଟି ଦର୍ଶାଇଛନ୍ତି ତାହା ଅତ୍ୟନ୍ତ ସାଂଘାତିକ । କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ଯୋଗୁଁ ଓଡ଼ିଶାକୁ ଅନୁଦାନ ହ୍ରାସ ପାଇଥିବା କୁହାଯାଉଛି । ସାଧାରଣତଃ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ପର୍ଯ୍ୟାୟକ୍ରମେ କେନ୍ଦ୍ରୀୟ ଅନୁଦାନ ପ୍ରଦାନ କରିଥାଆନ୍ତି । ପ୍ରତ୍ୟେକ ପର୍ଯ୍ୟାୟରେ ଅନୁଦାନ ବ୍ୟୟ ପରେ କେନ୍ଦ୍ରକୁ ଖର୍ଚ୍ଚ ବିବରଣୀ ପଠାଯିବା ପରେ ପରବର୍ତ୍ତୀ କିସ୍ତି ମିଳିଥାଏ । ମାତ୍ର ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ବ୍ୟୟ କରିବାରେ ଅସମର୍ଥ ହୋଇଥିବାରୁ ପରବର୍ତ୍ତୀ କିସ୍ତି ଅର୍ଥ ଓଡ଼ିଶାକୁ ମିଳିଲା ନାହିଁ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ବିଭିନ୍ନ ବିଭାଗର ବଜେଟ ବରାଦ ବ୍ୟୟ ନ ହେବା ବିଭିନ୍ନ ବିଭାଗ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଯାହା କେନ୍ଦ୍ରୀୟ ଅନୁଦାନ ▸ପୃଷ୍ଠା-୭

## ଭାରତ ଧର୍ମଶାଳା ନୁହେଁ: ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି):** ଭାରତ ଧର୍ମଶାଳା ନୁହେଁ । ସବୁଆଡୁ ଆସୁଥିବା ଶରଣାର୍ଥୀଙ୍କୁ ଦେଶରେ କାହିଁକି ଶରଣ ଦିଆଯିବ? ଆମେ ୧୪୦ କୋଟି ଲୋକଙ୍କ କଥା ବୁଝିବା ଲାଗି ସଂଘର୍ଷ କରୁଛୁ । ଏଲ୍‌ଟିଟିଇରେ ସାମିଲ ଥିବା ସନ୍ଦେହରେ ଏହି ଶ୍ରୀଲଙ୍କା ନାଗରିକଙ୍କୁ ୨୦୧୫ରେ ଗିରଫ କରାଯାଇଥିଲା । ୟୁଏପିଏ ମାମଲାରେ ୭ ବର୍ଷର ଦଣ୍ଡାଦେଶ ଭୋଗିସାରିବା ପରେ ତାଙ୍କୁ

**ସବୁଆଡୁ ଆସୁଥିବା ଶରଣାର୍ଥୀଙ୍କୁ ଦେଶରେ ଆଶ୍ରୟ ଦେଇହେବନି**

**ଶ୍ରୀଲଙ୍କା ନାଗରିକଙ୍କ ଆବେଦନ ଖାରଜ କଲେ ଅଦାଲତ**



ଚାରିଆଡୁ ଆସିଥିବା ଶରଣାର୍ଥୀଙ୍କୁ ଦେଶରେ ଶରଣ ଦେଇହେବ ନାହିଁ । ଦେଶାନ୍ତର ଉପରେ ରୋକ୍ ଲଗାଇବା ଲାଗି ଶ୍ରୀଲଙ୍କା ନାଗରିକ (ତାମିଲ)ଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଏହି ଟିପ୍ପଣୀ ଦେଇଛନ୍ତି । ଶରଣ ଦେବା ପାଇଁ ସେ କରିଥିବା ଆବେଦନକୁ ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି । ତୁରନ୍ତ ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ବିରୋଧରେ ସେ ସୁପ୍ରିମକୋର୍ଟ ଯାଇଥିଲେ । ମାମଲାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ । ସେ ଭିସା ନେଇ ପତ୍ନୀଙ୍କ ସହ ଭାରତ ଆସିଥିବା କହିଥିଲେ । କାରଣ ଶ୍ରୀଲଙ୍କାରେ ପତ୍ନୀଙ୍କ ଜୀବନ ପ୍ରତି ବିପଦ ଥିଲା ବୋଲି ସେ ଦର୍ଶାଇଥିଲେ । ଏବେ ପତ୍ନୀ ଏବଂ ପିଲାଛୁଆ ଭାରତରେ ରହୁଛନ୍ତି । କିନ୍ତୁ ତାଙ୍କୁ ▸ପୃଷ୍ଠା-୭

## ଶ୍ୱାସରୁଦ୍ଧ ହୋଇ ୪ ଶିଶୁ ମୃତ

■ **ମାଲକାନଗିରି, ୧୯।୫ (ସମିସ):** ଖେଳ ଖେଳରେ କାର୍ ମଧ୍ୟରେ ପଶି ଡୋର୍ ଦେଇଦେଲେ । କିନ୍ତୁ ଏହି ଖେଳ ଯେ ସେମାନଙ୍କ ପାଇଁ କାଳ ପାଲଟିଯିବ, ଭାବି ନଥିଲେ । ଡୋର୍ ଖୋଲି ନ ପାରିବାରୁ କିଛି ସମୟ ମଧ୍ୟରେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଲେ । ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲା ଦ୍ୱାରପୁଡି ଗାଁରେ ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି ।

**କାଳ ହେଲା କାର୍‌ରେ ଖେଳ**

ଏହି ୪ ଶିଶୁ ଆଜି ଘର ନିକଟରେ ଖେଳୁଥିଲେ । ସେଠାରେ ପାର୍କିଂ ହୋଇଥିବା ଏକ କାର୍‌ର ଡୋର୍ ଖୋଲାଥିବା ଦେଖି ତା' ଭିତରେ ପଶି ଯାଇଥିଲେ ଏବଂ ଡୋର୍‌ଟିକୁ ଭିତରୁ ବନ୍ଦ କରିଦେଇଥିଲେ । କାର୍‌ର ସବୁତକ ଡୋର୍ ବନ୍ଦ ହୋଇଯିବା ପରେ ଧୀରେଧୀରେ ଭିତରେ ଥିବା ଅମ୍ଳଜାନ ସରିଯାଇଥିଲା । ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ସମସ୍ତେ ଛଟପଟ ହୋଇଥିଲେ ଏବଂ କାର୍ ଭିତରୁ ବାହାରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଡୋର୍ ଖୋଲିବା କୌଶଳ ସେମାନଙ୍କୁ ଜଣାନଥିଲା । କିଛି ସମୟ ମଧ୍ୟରେ ଜଣଙ୍କ ପରେ ଜଣେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ । ପରିବାରଲୋକ ବହୁ ଖୋଜାଖୋଜି କରି ସେମାନଙ୍କୁ କାର୍ ଭିତରୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ ।

## ଯୁବତୀଙ୍କୁ ୬ ଦିନ ଗଣଦୁଷ୍କର୍ମ

■ **ବାଲିଗୁଡ଼ା, ୧୯।୫ (ସମିସ):** ଔଷଧ ପାଇଁ ବଜାରକୁ ଆସିଥିବା ବାପା-ମା' ଛେଉଣ୍ଡ ଜଣେ ଯୁବତୀଙ୍କୁ ସହାୟତା ଆଳରେ ଅପହରଣ କରିବା ଏବଂ ଏକ ଭଡ଼ାଘରେ ଅଟକ ରଖି ୬ ଦିନ ଧରି ଗଣଦୁଷ୍କର୍ମ କରିବା ଘଟଣା କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି । ଏହି ଘଟଣାରେ ପୁଲିସ୍ ଜଣେ ଅଟୋ ଚାଳକ ସମେତ ତା'ର ୨ ସହଯୋଗୀଙ୍କୁ ଆଜି ଗିରଫ କରିଛି ।




ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।।ଯେ ଗତ ୧୧ ତାରିଖରେ ପୀଡ଼ିତା କିଛି ଔଷଧ କିଣିବାକୁ ମୁଖ୍ୟ ବଜାରକୁ ଆସିଥିଲେ । ବାଲିଗୁଡ଼ା ପାର୍କ ନିକଟରେ ବସିଥିବା ବେ ।।ଳେ ଏକ ଅଟୋ ଆସି ତାଙ୍କୁ ତାଙ୍କ ଘରେ ଛାଡ଼ିଦେବାକୁ କହି ଚାଳକ ଅଟୋରେ ବସାଇଥିଲା । କିନ୍ତୁ ତାଙ୍କୁ ତାଙ୍କ ଘରେ ଛାଡ଼ିବା ପରିବର୍ତ୍ତେ ଜୋର୍‌ଜବରଦସ୍ତ ବାଲିଗୁଡ଼ାସ୍ଥିତ ଏକ ଭଡ଼ା ଘରକୁ ନେଇ ବନ୍ଦୀ କରି ରଖିଥିଲା । ଅଟୋ ଚାଳକ ଓ ତା'ର ୨ ସହଯୋଗୀ ୬ଦିନ କାଳ ସେଠାରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ । ପୀଡ଼ିତାଙ୍କ ବାପା-ମା'ଙ୍କ ମୃତ୍ୟୁ ହୋଇଥିବା ବେଳେ ସେ ତାଙ୍କ ସମ୍ପର୍କୀୟଙ୍କ ପାଖରେ ରହୁଥିଲେ । ସେ ମଝିରେ ମଝିରେ ଗୀତ ଶିଖିବାକୁ ଆସି ବାଲିଗୁଡ଼ାରେ ଏପରି କିଛି ଦିନ ରହି ଫେରୁଥିବାରୁ ସମ୍ପର୍କୀୟ ଆଉ ଖୋଜିନଥିଲେ । ତେବେ ପୁଲିସ କୌଣସି ସୂତ୍ରରୁ ଏହି ଖବର ପାଇ ଭଡ଼ା ଘରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା । ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଥିବାରୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ପୁଲିସ ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରିବା ପରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି । ତେବେ ତଦନ୍ତରେ ବାଧା ଉପୁଜିବା ଏବଂ ଟିଆଇ ପରେଡ୍ ହୋଇନଥିବାରୁ ଅଭିଯୁକ୍ତଙ୍କ ପରିଚୟ ଗଣମାଧ୍ୟମକୁ ଦେବାକୁ ମନା କରିଦେଇଛନ୍ତି ଏସ୍‌ଡିପିଓ ।

## ୨୮ରେ ପ୍ରଧାନମନ୍ତ୍ରୀଙ୍କ ପୋଲାଭରମ୍ ବୈଠକ

**ଯୋଗଦେବେ ଓଡ଼ିଶା, ଆନ୍ଧ୍ର, ତେଲଙ୍ଗାନା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ**

■ **ଭୁବନେଶ୍ୱର,୧୯।୫(ସମିସ):** ପୋଲାଭରମ ପ୍ରକଳ୍ପରେ ଓଡ଼ିଶାର ସ୍ୱାର୍ଥ ଏବଂ ଦାବି ଦିନକୁ ଦିନ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି । ଓଡ଼ିଶାର ସବୁ ପ୍ରକାରର ବିରୋଧ ଏବଂ



ଉଦ୍‌ବେଗ ସତ୍ତ୍ୱେ ଏହି ପ୍ରକଳ୍ପ ଶୀଘ୍ର ସାରିବାକୁ ଆନ୍ଧ୍ରକୁ କେନ୍ଦ୍ର ସରକାର ସବୁ ପ୍ରକାର ସହାୟତା ପ୍ରଦାନ କରିଛନ୍ତି । ରାଜ୍ୟ ସରକାର ଏହି ପ୍ରସଙ୍ଗରେ ରହସ୍ୟମୟ ନିରବତା ଅବଲମ୍ବନ କରିବା ରାଜ୍ୟବାସୀଙ୍କୁ ନିରାଶ କରିଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ପୋଲାଭରମ୍ ପ୍ରକଳ୍ପ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆହ୍ୱାନ କରିବା ଓଡ଼ିଶାବାସୀଙ୍କ ପାଇଁ ଆଶା ସଞ୍ଚାର କରିଛି । ଏହି ବୈଠକରେ ଓଡ଼ିଶା ସହ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଓ ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ ।

## ବାଟବଣା ସ୍ୱାସ୍ଥ୍ୟସେବା | ଟ୍ୟୁମର୍ ରୋଗୀଙ୍କୁ ଗର୍ଭବତୀ ଚିକିତ୍ସା

■ **କୋରାପୁଟ, ୧୯।୫ (ସମିସ):** ପେଟରେ ବଢ଼ୁଛି ଟ୍ୟୁମର୍; କିନ୍ତୁ ତାଙ୍କୁ ଗର୍ଭବତୀ ଦର୍ଶାଇ ଚାଲିଛି ଚିକିତ୍ସା । ଦିନେ କି ଦୁଇ ଦିନ ନୁହେଁ, ମାସ ମାସ ଧରି ଦିଆଯାଉଛି ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ବଟିକା ସାଙ୍ଗକୁ ଟିକା । ଆଉ ଏପଟେ ପେଟରେ ବଢ଼ୁଥିବା ଟ୍ୟୁମର୍ ତା'ର କାୟା ବିସ୍ତାର କରିଚାଲିଛି । ଦିନକୁ ଦିନ ତାହା ଅଧିକରୁ ଅଧିକ ମାରାତ୍ମକ, ପ୍ରାଣଘାତୀ ହେବାରେ ଲାଗିଛି । ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅଞ୍ଚଳରେ ଜଣେ ମହିଳାଙ୍କ ଜୀବନ ସହ ସ୍ୱାସ୍ଥ୍ୟ ବିଭାଗର ଏପରି ଖେଳ ଏବେ ତାଙ୍କ ପାଇଁ କାଳ ସାଜିଛି । ମହିଳାଜଣଙ୍କ ହେଲେ, ଖୁରାଗାଁ ଗ୍ରାମର କବିଚନ୍ଦ୍ର ଝୋଡ଼ିଆ ପରଜାଙ୍କ ସ୍ତ୍ରୀ ରୁନି ଝୋଡ଼ିଆ ପରଜା । ଏହି ଘଟଣା ପଦାକୁ ଆସିବା ପରେ ଏବେ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କ ଅବସ୍ଥା ଉଦ୍‌ବେଗଜନକ ରହିଛି । ଏହି ଘଟଣା ଯୋଗୁଁ ରୁନିଙ୍କ ପରିବାରଲୋକ ଭୀଷଣ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି ।

ସୂଚନାନୁଯାୟୀ, ୬ ମାସ ତଳେ ରୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ସେ ସ୍ଥାନୀୟ ଆଶାଦିଦିଙ୍କ ସହ ଯୋଗାଯୋଗ କରିଥିଲେ । ଆଶାଦିଦି ତାଙ୍କୁ ପଚରାଉଚରା କରି

**ମାନସିକ ଯନ୍ତ୍ରଣାରେ ଦମ୍ପତି**

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଗର୍ଭ ପରୀକ୍ଷା କିଟ୍ ସହାୟତାରେ ତାଙ୍କର ପରୀକ୍ଷା କରାଇଥିଲେ । ସେଥିରେ ରୁନି ଗର୍ଭବତୀ ଥିବା ଜଣାପଡ଼ିଥିଲା । ତେଣୁ ଗତ ୨୦୨୪ ଡିସେମ୍ବର ୨୭ ତାରିଖରେ ଆଶାଦିଦିଜଣଙ୍କ ରୁନିଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ତାଙ୍କ ନାମରେ ମମତା କାର୍ଡ, ସ୍ୱାସ୍ଥ୍ୟକାର୍ଡ କରାଇ ଦେଇଥିଲେ । ଏପରିକି, ଗର୍ଭବତୀଙ୍କୁ ଦିଆଯାଉଥିବା ଇଞ୍ଜେକସନ୍, ଟିକା ଓ ଅନ୍ୟାନ୍ୟ ଔଷଧ ଦେବାର ବ୍ୟବସ୍ଥା ମଧ୍ୟ କରିଥିଲେ । ଏହା ପରଠାରୁ ତାଙ୍କୁ ଗର୍ଭବତୀ ମହିଳାଙ୍କ ଭଳି ନିୟମିତ ସମସ୍ତ ଚିକିତ୍ସା କରାଯାଉଥିଲା । ନିୟମିତ ବ୍ୟବଧାନରେ ଆଶା ଓ ଅଙ୍ଗନବାଡ଼ି ଦିଦିଙ୍କ ସହଯୋଗରେ ରୁନିଙ୍କୁ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ସହାୟତା ଯୋଗାଇ ଦେଉଥିଲେ । ତାଙ୍କୁ ଦିଆଯାଇଥିବା ଚିକିତ୍ସାର ବିସ୍ତୃତ ବିବରଣୀ ତାଙ୍କ ପାଖରେ ଥିବା କାର୍ଡରେ ମଧ୍ୟ ଉଲ୍ଲେଖ ରହିଛି । ଚଳିତ ବର୍ଷ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚରେ ମଧ୍ୟ ରୁନି ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ସ୍ୱାସ୍ଥ୍ୟ ଯାଞ୍ଚ କରିଥିବା ସେଥିରେ ଉଲ୍ଲେଖ ରହିଛି । ପରବର୍ତ୍ତୀ ସମୟରେ ରୁନିଙ୍କ ପେଟ ଯନ୍ତ୍ରଣା ସହ ଅନ୍ୟାନ୍ୟ ସମସ୍ୟା ବାହାରିଥିଲା । ଯନ୍ତ୍ରଣା ଅସହ୍ୟ ▸ପୃଷ୍ଠା-୭

**ୟୁଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍**

## ପ୍ରିୟଙ୍କାଙ୍କ ଅଡୁଆ ବଢୁଛି, ଜେରା କରିବ ଏନ୍‌ଆଇଏ

■ **ଭୁବନେଶ୍ୱର, ୧୯।୫ (ସମିସ):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇଥିବା ହରିୟାଣା ହିସାର୍‌ର ୟୁଟ୍ୟୁବର୍ ଜ୍ୟୋତି ମଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍‌ର ଖୋଳତାଡ଼ ଆରମ୍ଭ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) । ଜ୍ୟୋତିଙ୍କ ସହ ପୁରୀର

**ପୁରୀ ପୁଲିସ୍‌ଠାରୁ ତଥ୍ୟ ସଂଗ୍ରହ କଲା ଏନ୍‌ଆଇଏ**

ପ୍ରିୟଙ୍କା ସେନାପତିଙ୍କ ସଂପର୍କ ଥିବା ଓ ଉଭୟ ପାକିସ୍ତାନ କରତାରପୁର ଯାଇଥିବାରୁ ଏନ୍‌ଆଇଏ ପୁରୀ ଏବଂ ହରିୟାଣା ପୁଲିସ୍‌ଠାରୁ ଦୁହିଁଙ୍କ ବାବଦରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଛି । ଫଳରେ ପ୍ରିୟଙ୍କାଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି । ଏନ୍‌ଆଇଏର ଏକ ଟିମ୍ ଖବ୍‌ଶୀଘ୍ର ପ୍ରିୟଙ୍କାଙ୍କୁ ପଚରାଉଚରା କରିବ ବୋଲି ଜଣାପଡ଼ିଛି । ଆବଶ୍ୟକ ପଡ଼ିଲେ, ତାଙ୍କୁ ହେପାଜତକୁ ମଧ୍ୟ ନେଇପାରେ ବୋଲି କୁହାଯାଉଛି ।



ପ୍ରିୟଙ୍କାଙ୍କ ସହ ଜ୍ୟୋତି

ଜ୍ୟୋତି-ପ୍ରିୟଙ୍କାଙ୍କୁ ନେଇ ଜାତୀୟ ସ୍ତରରେ ଘଣ୍ଟାଚକଟା ଆରମ୍ଭ ହୋଇଥିଲା ବେଳେ କେନ୍ଦ୍ର ସ୍ୱରାଷ୍ଟ ମନ୍ତ୍ରାଳୟ (ଏମ୍‌ଏଚ୍‌ଏ) ନିର୍ଦ୍ଦେଶକୁ ଅପେକ୍ଷା ରହିଛି । ଜ୍ୟୋତି ପୁରୀରେ ପହଞ୍ଚିବା ପରେ କୁଆଡ଼େ ଯାଇଥିଲେ? କେଉଁଠି ରହିଥିଲେ? କାହାକାହା ସହ ମିଶିଥିଲେ? ଶ୍ରୀମନ୍ଦିରକୁ କେତେଥର ଯାଇଥିଲେ? ପୁରୀ ।।ରେ ଥାଇ କାହା କାହା ସହ ଯୋଗାଯୋଗରେ ଥିଲେ? ପୁରୀ ପରେ ଅନ୍ୟ କେଉଁ ଜିଲ୍ଲାକୁ ଯାଇଥିଲେ? ଆଦି ସଂପର୍କରେ ଭିତିରିଆ ଖୋଳତାଡ଼ ଆରମ୍ଭ କରିଛି ଏନ୍‌ଆଇଏ । ସେହିପରି ପ୍ରିୟଙ୍କାଙ୍କ ଆକାଉଣ୍ଟକୁ ପାକିସ୍ତାନ କିମ୍ବା ଅନ୍ୟ କେଉଁ ସହରରୁ ଟଙ୍କା ଆସିଛି କି ନାହିଁ ତାହାର ମଧ୍ୟ ଯାଞ୍ଚ କରାଯାଉଛି । ଭାରତୀୟ ଗୁଇନ୍ଦା ସଂସ୍ଥା ଗତ କିଛି ମାସ ହେବ, ଜ୍ୟୋତିଙ୍କ ସହିତ ପ୍ରିୟଙ୍କାଙ୍କ ଗତିବିଧି ଉପରେ ମଧ୍ୟ ନଜର ରଖିଥିଲା ।

### ୯ ଜଣଙ୍କୁ 'ଅନ୍‌ଫଲୋ' କଲେ ପ୍ରିୟଙ୍କା

■ **ପୁରୀ,୧୯।୫(ସମିସ):** ଜ୍ୟୋତିଙ୍କ ସହିତ ପ୍ରିୟଙ୍କାଙ୍କ ସମ୍ପର୍କକୁ ନେଇ ଦୁଇଦିନ ହେବ ଖୋଳତାଡ଼ ଚାଲିଛି । ଯଦିଓ ପ୍ରିୟଙ୍କାଙ୍କ ଭୂମିକା କ'ଣ ରହିଛି, ତାହା ସ୍ପଷ୍ଟ ହୋଇନାହିଁ, କିନ୍ତୁ ଅଡୁଆ ବଢ଼ିବାରେ ଲାଗିଛି । ଅନ୍ୟପକ୍ଷରେ ଦୁଇ ଦିନ ଭିତରେ ୯ ଜଣଙ୍କୁ ଅନ୍‌ଫଲୋ କରିସାରିଲେଣି ପ୍ରିୟଙ୍କା । ପୂର୍ବରୁ ତାଙ୍କ ଇନ୍‌ଷ୍ଟା ଆଇଡିରେ ୨୨୫ ଜଣଙ୍କୁ ଫଲୋ କରୁଥିଲେ । ଦୁଇଦିନ ଧରି ଚର୍ଚ୍ଚାରେ ଥିବା ପ୍ରିୟଙ୍କା ଫଲୋ କରୁଥିବା ସଂଖ୍ୟା ୨୧୬କୁ ଖସି ଆସିଛି । ଏହି ଦୁଇ ତିନି ଦିନ ମଧ୍ୟରେ ପ୍ରିୟଙ୍କା କାହାକୁ ଅନ୍‌ଫଲୋ କରିଛନ୍ତି, ତାକୁ ନେଇ ଉଠିଛି ପ୍ରଶ୍ନ । ପୂର୍ବରୁ ପ୍ରିୟଙ୍କା ନିଜ ପାକିସ୍ତାନ ଗସ୍ତର ରିଲ୍‌ସ ଓ ଭିଡିଓକୁ ଉଭୟ ୟୁଟ୍ୟୁବ୍ ଆକାଉଣ୍ଟ ଏବଂ ଇନ୍‌ଷ୍ଟାରୁ ଡିଲିଟ୍ ▸ପୃଷ୍ଠା-୭

# ଗୁଇନ୍ଦା ତାଲିକାରେ ଆଉ ଜଣେ ସୁନ୍ଦରୀ

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଯୁଦ୍ଧ ବେଳେ ମଧ୍ୟ ଭାରତ ସଂପର୍କରେ ପାକିସ୍ତାନକୁ ଗୁପ୍ତ ତଥ୍ୟ ଯୋଗାଉଥିଲେ ଜ୍ୟୋତି ମଲହୋତ୍ରା। ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇଥିବା ଜ୍ୟୋତି ସଂପର୍କରେ ହରିଆଣା ପୁଲିସ ଅନେକ ବିସ୍ଫୋରକ ତଥ୍ୟ ଦେଇଛି। ସେ କେବଳ ଯେ ପାକିସ୍ତାନ ଓ ଚୀନ ଯାଇ ତାଙ୍କ 'ଗୁଇନ୍ଦା' ବନ୍ଧୁତା ବଢ଼ାଇଥିଲେ ତାହା ନୁହେଁ, ଅର୍ଥ ଲୋଭରେ ଦେଶର ନିରାପତ୍ତାକୁ ବିପଦରେ ପକାଇବାକୁ ବି ସେ ଭୁଲୁନଥିଲେ। ପୁଲିସ ତଥ୍ୟ ଅନୁଯାୟୀ ପାକିସ୍ତାନ ବିରୋଧରେ ଭାରତର ଅପରେସନ ସିନ୍ଦୂର ପୂର୍ବଦିନ ଜ୍ୟୋତି ନୂଆଦିଲ୍ଲୀ ଯାଇ ପାକିସ୍ତାନର ହାଇକମିସନ କର୍ମଚାରୀଙ୍କ ସହିତ ସଂପର୍କ ସ୍ଥାପନ କରିଥିଲେ। ଭାରତ ପକ୍ଷରୁ ଅବାଞ୍ଛିତ ଘୋଷିତ ପାକ୍ ହାଇକମିସନ କର୍ମଚାରୀ ଦାନିସ ସହିତ କଥାବାର୍ତ୍ତା ହୋଇଥିଲେ ଜ୍ୟୋତି। ଅନେକ ଦିନ ଧରି ତାଙ୍କ ସଂପର୍କରେ ଥିଲେ ଜ୍ୟୋତି। ପାକ୍ ଡ୍ରୋନ ଆକ୍ରମଣ ଆଶଙ୍କାରେ ଯେତେବେଳେ ଅନେକ ଅଞ୍ଚଳକୁ ଅନ୍ଧାର କରାଯାଉଥିଲା, ସେତେବେଳେ ମଧ୍ୟ ସେ କିଛି ତଥ୍ୟ ପାକିସ୍ତାନକୁ ଦେଇଛନ୍ତି। କେବଳ ଜ୍ୟୋତି ନୁହନ୍ତି, ସମାନ ଅଭିଯୋଗରେ ଧରାପଡ଼ିଥିବା ଅନ୍ୟ ୪ ଜଣ ମଧ୍ୟ ପାକିସ୍ତାନକୁ ଗୁଇନ୍ଦା ତଥ୍ୟ ଯୋଗାଉଥିଲେ।

ହରିଆଣା ପୁଲିସର ଜଣେ ଅଧିକାରୀ କହିଛନ୍ତି ଯେ ଯୁଦ୍ଧ ସମୟରେ ନିଜ ପାଇଁ ପ୍ରଚାର ଲାଗି ପାକିସ୍ତାନ ଜ୍ୟୋତିଙ୍କୁ ନିୟୋଜିତ କରିଥିଲେ। ସେ ତାଙ୍କର ୟୁଟ୍ୟୁବ୍



ଚାନେଲ ମାଧ୍ୟମରେ ପାକିସ୍ତାନର ଭାବମୂର୍ତ୍ତିକୁ ସ୍ୱଚ୍ଛ ଦେଖାଇବା ଲାଗି ଉଦ୍ୟମ କରିଥିଲେ। ଏଥିପାଇଁ ପାକିସ୍ତାନ ତାଙ୍କୁ ବିପୁଳ ଅର୍ଥ ଦେଇଛି। ଜ୍ୟୋତିଙ୍କର ଯାହା ଆୟ ଥିଲା, ତା ଠାରୁ ଅଧିକ ଖର୍ଚ୍ଚ କରୁଥିଲେ। ଏପରିକି ତାଙ୍କର ବିଦେଶ ଗସ୍ତ ଖର୍ଚ୍ଚ ମଧ୍ୟ ଅନ୍ୟମାନେ ଉଠାଇଛନ୍ତି। ସେ ରାଜକୀୟ ଜୀବନ ବିତାଉଥିଲେ। ପାକିସ୍ତାନ ଓ ଚୀନ ଗସ୍ତ ବେଳେ ବେଳେ ସେ ନାମୀଦାମୀ ହୋଟେଲରେ ରହିବା ସହିତ ବିଳାଶପୂର୍ଣ୍ଣ କାରରେ ଯାତ୍ରା କରୁଥିଲେ। ତାଙ୍କର ବ୍ୟାଙ୍କ ଖାତା ଯାଞ୍ଚ ବେଳେ ଏଭଳି ଅନେକ ତଥ୍ୟ ପୁଲିସ ହାତରେ ଲାଗିଛି। ଏତେ ଅର୍ଥ ତାଙ୍କୁ କିଏ ଦେଉଥିଲା ଏବଂ ତାଙ୍କର ବିଦେଶ ଗସ୍ତ ଖର୍ଚ୍ଚ କିଏ ବହନ କରୁଥିଲା ? ଏ ସମ୍ପର୍କରେ ଜ୍ୟୋତିଙ୍କୁ

■ **ଅର୍ଥ ଲୋଭରେ ପାକିସ୍ତାନୀ ଜାଲରେ ଫସୁଥିଲେ**

■ **ବ୍ଲାକ୍ଆଉଟ୍ ବେଳେ ବି ପାକିସ୍ତାନକୁ ସୂଚନା ଦେଉଥିଲେ ୟୁଟ୍ୟୁବର ଜ୍ୟୋତି**

■ **ବିଦେଶ ଗସ୍ତ ଖର୍ଚ୍ଚ ବହନ କରୁଥିଲା କିଏ ?**

ପଚରାଉଚରା କରଯାଉଛି। ସେ ୮ଟି ଦେଶ ଗସ୍ତ କରିଥିବା ଜଣାପଡ଼ିଛି। ଗତ କିଛି ମାସ ଧରି ତାଙ୍କର ଗତିବିଧି ଉପରେ ନଜର ରଖାଯାଇଥିଲା। ତାଙ୍କ ସହିତ ବାନ୍ଧବୀ ଓଡ଼ିଶାର ପ୍ରିୟଙ୍କା ମଧ୍ୟ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାର ନଜରରେ ରହିଆସିଛନ୍ତି।

ଇତିମଧ୍ୟରେ ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ବିଭିନ୍ନ ରାଜ୍ୟରୁ ୧୧ ଜଣଙ୍କୁ ଗିରଫ କରାଗଲାଣି। ସେମାନଙ୍କ ମଧ୍ୟରେ ଅଛନ୍ତି ୟୁଟ୍ୟୁବର, ଛାତ୍ର, ସିକ୍ୟୁରିଟି ଗାର୍ଡ, ସାଧାରଣ ବ୍ୟକ୍ତି ଓ ସଫ୍ଟୱେୟର ଇଞ୍ଜିନିୟର। ସେମାନଙ୍କର ଘର ହେଉଛି ପଞ୍ଜାବ, ହରିଆଣା ଓ ଉତ୍ତର ପ୍ରଦେଶରେ। ସେମାନଙ୍କର ବୟସ ୨୦ରୁ ୩୦ ମଧ୍ୟରେ ହେବ। ଅର୍ଥଲୋଭ, ପାକିସ୍ତାନକୁ ମାଗଣା ଗସ୍ତ ଓ ଅନ୍ୟ ମିଛ ପ୍ରତିଶ୍ରୁତି ଦେଇ ସାମାଜିକ ଗଣମାଧ୍ୟମ ଜରିଆରେ ପାକିସ୍ତାନ ସେମାନଙ୍କୁ ପ୍ରଭାବିତ କରୁଥିଲା। ଏହି ନେଟୱର୍କରେ ଅଛନ୍ତି ଆଉ ଜଣେ ମହିଳା। ସେ ହେଉଛନ୍ତି ପଞ୍ଜାବର ୩୨ ବର୍ଷୀୟ ଗଜାଲା। ଅର୍ଥ ବଦଳରେ ସେ ପାକିସ୍ତାନୀ ଏଜେଣ୍ଟଙ୍କୁ ସୂଚନା ଯୋଗାଉଥିଲେ। ଅର୍ଥ କାରବାର ଏବଂ ଭିସା କାରବାର ନେଇ ପାକିସ୍ତାନ ହାଇକମିସନର ବିତାଡ଼ିତ କର୍ମଚାରୀ ଦାନିସ ସହିତ ସଂପର୍କରେ ଥିଲେ। ଗଜାଲା ଓ ଅନ୍ୟ ଗୁପ୍ତଚର ଭିସା ପାଇଁ ଦାନିସ ସହିତ କଥାବାର୍ତ୍ତା କରୁଥିଲେ। ଅନଲାଇନରେ ଦାନିସ ସେମାନଙ୍କୁ ଟଙ୍କା ପଠାଉଥିଲା।


ଏହି ଗୁପ୍ତଚର ତାଲିକାରେ ଯୋଡ଼ି ହୋଇଛନ୍ତି ପଞ୍ଜାବର ଜଣେ ଛାତ୍ର। ସେ ହେଲେ ଦେବେନ୍ଦର ସିଂହ। ପଟିଆଲା ଖାଲସା କଲେଜ ଛାତ୍ର ଦେବେନ୍ଦରଙ୍କୁ ହରିଆଣାରୁ ଗିରଫ କରାଯାଇଛି। ସେ ଭାରତୀୟ ସେନା ସଂପର୍କରେ ଅନେକ ସମ୍ବେଦନଶୀଳ ତଥ୍ୟ ପାକିସ୍ତାନକୁ ଯୋଗାଉଥିବା ଅଭିଯୋଗ ହୋଇଛି। ପଟିଆଲା ମିଲିଟାରି କ୍ୟାଣ୍ଟନମେଣ୍ଟର ଚିତ୍ର ଉତ୍ତୋଳନ କରି ସେ ପାକିସ୍ତାନକୁ ପଠାଇଥିବା କୁହାଯାଉଛି। ଗତ ନଭେମ୍ବରରେ ସେ ପାକିସ୍ତାନ ଗସ୍ତରେ ଯାଇଥିବା ଜଣାପଡ଼ିଛି।

■ **କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

## ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କୁ ସମାନ ପେନ୍‌ସନ୍ ଦିଅ

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ହାଇକୋର୍ଟର ସମସ୍ତ ଅବସରପ୍ରାପ୍ତ ବିଚାରପତିଙ୍କୁ ସମ୍ପୂର୍ଣ୍ଣ ଏବଂ ସମାନ ପେନ୍‌ସନ ଦେବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିଚାରପତିଙ୍କ ନିଯୁକ୍ତି ତାରିଖ, ଜିଲ୍ଲା କୋର୍ଟ ହେଉ କି ବାର୍‌ରୁ ପଦୋନ୍ନତି ପାଇଥିଲେ କିମ୍ବା ସ୍ଥାୟୀ ଏବଂ ଅସ୍ଥାୟୀ ବିଚାରପତି ହୋଇଥିଲେ ମଧ୍ୟ କୌଣସି ଭେଦଭାବ କରାଯିବ ନାହିଁ। ସେହିପରି ସମସ୍ତ ଜିଲ୍ଲା ଜଜ୍‌ଙ୍କ ସହିତ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି)ର ବିଚାରପତିଙ୍କୁ ଅବସରପରେ ସମାନ ସୁବିଧାସୁଯୋଗ ପ୍ରଦାନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ୱାନ ର୍‌ୟାଙ୍କ, ୱାନ ପେନ୍‌ସନ (ଓଆରଓପି) ନୀତିକୁ ସମର୍ଥନ ଦେଇ ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି ବିଆର ଗଭାଇ କହିଛନ୍ତି ଯେ ନ୍ୟାୟିକ ସ୍ୱାଧୀନତାର ସୁରକ୍ଷା ପାଇଁ ଦରମା, ଅବସର ପରବର୍ତ୍ତୀ ସୁବିଧାସୁଯୋଗ ସମାନ ହେବା ଜରୁରୀ। ନ୍ୟାୟିକ କାର୍ଯ୍ୟାଳୟର ଗରିମା ରକ୍ଷା ପାଇଁ ମଧ୍ୟ ଏହା ଆବଶ୍ୟକ। ଗ୍ରାଚୁଇଟି, ପାରିବାରିକ, ବିଧବା କିମ୍ବା ଅନ୍ୟ ନିର୍ଭରଶୀଳଙ୍କୁ ମିଳୁଥିବା ଭତ୍ତା ମଧ୍ୟ ସମସ୍ତଙ୍କ ପାଇଁ ସମାନ ରହିବ। ଏ ସବୁ ସୁବିଧା ପ୍ରଦାନରେ ଭେଦଭାବ କରାଗଲେ ଧାରା ୧୪ର ଉଲ୍ଲଙ୍ଘନ ହେବ। ହାଇକୋର୍ଟ ଅବସରପ୍ରାପ୍ତ ମୁଖ୍ୟ ବିଚାରପତିଙ୍କୁ ବର୍ଷକୁ ୧୫ ଲକ୍ଷ ଏବଂ ବିଚାରପତିଙ୍କୁ ୧୩.୫ ଲକ୍ଷ ଟଙ୍କା ଦେବାକୁ ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବାଇଡେନ୍‌ଙ୍କୁ କ୍ୟାନ୍‌ସର




ୱାସିଂଟନ, ୧୯।୫ (ଏଜେନ୍ସି): ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ (୮୨)ଙ୍କୁ ପ୍ରୋଷ୍ଟେଟ କ୍ୟାନ୍‌ସର ହୋଇଛି। ଏହା ଅଧିକ ଜଟିଳ ହୋଇଗଲାଣି। ଏହି କର୍କଟ ତାଙ୍କ ହାଡ଼ ପର୍ଯ୍ୟନ୍ତ ବ୍ୟାପି ଗଲାଣି। ବାଇଡେନଙ୍କ ପାର୍ଟି ଡେମୋକ୍ରାଟ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ ପରିସ୍ରାରେ ସମସ୍ୟା ହେବାରୁ ବାଇଡେନ ଗତ ସପ୍ତାହରେ ଡାକ୍ତରଙ୍କୁ ଦେଖାଇ ଥିଲେ। ଶୁକ୍ରବାର ଯାଞ୍ଚ ପରେ ଏହି ରୋଗ ବିଷୟରେ ଜଣା ପଡ଼ିଥିଲା। ଏହି ରୋଗ ବ୍ୟାପି ଅଧିକ ଜଟିଳ ରୂପ ଧାରଣ କରିଛି। ଏହି କର୍କଟ ହରମୋନ-ସେନ୍‌ସିଟିଭ ପରି ମନେହୁଏ। ତେଣୁ ପ୍ରଭାବୀ ଢଙ୍ଗରେ ଏହାର ଚିକିତ୍ସା କରାଯିବା ଉଚିତ। ଏବେ ବାଇଡେନଙ୍କ ପରିବାର ସମ୍ଭାବ୍ୟ ଚିକିତ୍ସା ବ୍ୟବସ୍ଥା ବିଷୟରେ ସମୀକ୍ଷା କରୁଛନ୍ତି।

## ହରିୟାଣାରୁ ୩ ମାସରେ ୪୧୦୦ ଲୋକ ନିଖୋଜ

ଚଣ୍ଡିଗଡ଼, ୧୯।୫ (ଏଜେନ୍ସି): ହରିୟାଣାରୁ ଚାଞ୍ଚଲ୍ୟକର ମାମଲା ସାମ୍‌ନାକୁ ଆସିଛି। ରାଜ୍ୟରୁ ତିନି ମାସ ମଧ୍ୟରେ ୪୧୦୦ରୁ ଅଧିକ ଲୋକ ନିଖୋଜ ହୋଇଯାଇଛନ୍ତି। ବର୍ଷର ପ୍ରଥମ ତିନି ମାସରେ ଏପରି ହୋଇଛି। ଅର୍ଥାତ୍ ଦିନକୁ ୪୫ରୁ ଅଧିକ ଲୋକ ଗାଏବ ହୋଇଛନ୍ତି। ଏହା ବାଦ୍ ହଜାରେରୁ ଅଧିକ ଅପହରଣ ମାମଲା ରୁଜୁ ହୋଇଛି। ଗତ ବର୍ଷ ତୁଳନାରେ ହତ୍ୟା ମାମଲା ମଧ୍ୟ ଅଧିକ ବୃଦ୍ଧି ପାଇଛି। ଏହା ସୁରକ୍ଷା ବ୍ୟବସ୍ଥାର ବିଫଳତା ଏବଂ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ଦର୍ଶାଉଛି। ହରିୟାଣା ମାନବାଧିକାର କମିଶନ ସୋମବାର ଏହା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଉପରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପାକିସ୍ତାନ ଟାର୍ଗେଟ୍‌ରେ ଥିଲା ସ୍ୱର୍ଣ୍ଣ ମନ୍ଦିର



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଅପରେସନ ସିନ୍ଦୂର ପରେ ପାକିସ୍ତାନ ଭାରତର ବିଭିନ୍ନ ଧାର୍ମିକ ସ୍ଥଳ ଏବଂ ସେନା ଘାଟୀକୁ ନିଶାଣ କରି କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିଥିଲା। ଏହି ଧାର୍ମିକ ସ୍ଥଳ ମଧ୍ୟରେ ସ୍ୱର୍ଣ୍ଣ ମନ୍ଦିର ସାମିଲ ଥିଲା। ତେବେ ସ୍ୱର୍ଣ୍ଣ ମନ୍ଦିର ଅଭିମୁଖେ ଆସିଥିବା ସମସ୍ତ ଡ୍ରୋନ ଏବଂ କ୍ଷେପଣାସ୍ତ୍ରକୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ ବିଫଳ କରିଦେଇଥିଲା। ୧୫ତମ ଇନଫ୍ୟାଣ୍ଟ୍ରି ଡିଭିଜନର ଜେନେରାଲ ଅଫିସର କମାଣ୍ଡିଂ (ଜିଓସି) ମେଜର ଜେନେରାଲ କାର୍ତ୍ତିକ ସି ଶେଷାଦ୍ରି ସୋମବାର ଏହି ସୂଚନା ଦେଇଛନ୍ତି। ପଞ୍ଜାବରେ ଧ୍ୱଂସ କରାଯାଇଥିବା ଡ୍ରୋନ ଏବଂ କ୍ଷେପଣାସ୍ତ୍ରର ଚିତ୍ରକୁ ସେନା ପକ୍ଷରୁ ଜାରି କରାଯାଇଛି। ମେଜର ଜେନେରାଲ କହିଛନ୍ତି ଯେ ପାକିସ୍ତାନ ଆର୍ମୀର କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ନିଶାଣ କରି ଆକ୍ରମଣ କରି ନ ଥିଲା। ସେମାନେ ସାମରିକ ପ୍ରତିଷ୍ଠାନ, ନାଗରିକ ଏବଂ ଧାର୍ମିକ ସ୍ଥଳକୁ ନିଶାଣ କରିବେ ବୋଲି ପୂର୍ବରୁ ଜଣା ଥିଲା। ଏଥିରେ ସ୍ୱର୍ଣ୍ଣ ମନ୍ଦିର ସବୁଠୁ ଆଗରେ ଥିଲା। ତେଣୁ ସ୍ଥିତିକୁ ଦେଖି ଅତିରିକ୍ତ ଭାବେ ଅତ୍ୟାଧୁନିକ ଏୟାର ଡିଫେନ୍ସ ସିଷ୍ଟମ ମୁତୟନ କରାଯାଇଥିଲା। ପାକିସ୍ତାନ ଗତ ୮ ତାରିଖ ବିଳମ୍ବିତ ରାତିରେ ୟୁଏଭି ଏବଂ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲା। କିନ୍ତୁ ଭାରତୀୟ ସେନାର ସତର୍କ ପ୍ରହରୀ ଏହାକୁ ଆକାଶରେ ଉଡାଇ ଦେଇଥିଲେ। ସ୍ୱର୍ଣ୍ଣ ମନ୍ଦିରରେ ଟିକେ ବି ଆଞ୍ଚ ଆସିବାକୁ ଦେଇ ନ ଥିଲେ।

ପଞ୍ଜାବର ଅନ୍ତର୍ଜାତୀୟ ସୀମାରେ ନିୟୋଜିତ ଜଣେ ସୈନିକ କହିଛନ୍ତି ଯେ ଗତ ୮ ତାରିଖ ରାତିରେ ପାକିସ୍ତାନ ହଠାତ୍ ଗୁଳି ଚଳାଇ ଅନୁପ୍ରବେଶ ଉଦ୍ୟମ କରିଥିଲା। କିନ୍ତୁ ଭାରତୀୟ ଯବାନ ଏହାକୁ ବିଫଳ କରିଦେଇଥିଲେ। ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନୀ ଆଣ୍ଠୁ ମାଡ଼ି ପଡ଼ିଥିଲେ। ସକାଳେ ଅସ୍ତ୍ରବିରତି ପାଇଁ ଧଳା ପତାକା ଦେଖାଇ ଥିଲେ। ସେହିପରି ଅପରେସନ ସିନ୍ଦୂରକୁ ନେଇ ସେନାର ପଶ୍ଚିମ କମାଣ୍ଡ ଏକ ନୂଆ ଭିଡିଓ ଜାରି କରିଛି। ଏଥିରେ ପାକିସ୍ତାନ ଡ୍ରୋନକୁ କିପରି ଖସା ଯାଇଥିଲା ତାହା ଦର୍ଶାଯାଇଛି। ଆମେ ଭୂପୃଷ୍ଠରୁ ଆକାଶକୁ ସୁରକ୍ଷିତ ରଖିଲୁ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀର ସୋପିଆନର ଡିକେ ପୋରା ଅଞ୍ଚଳରୁ ଆତଙ୍କବାଦୀଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ଦୁଇଟି ପିସ୍ତଲ, ଚାରୋଟି ଗ୍ରେନେଡ ଏବଂ ୪୩ କାର୍ଟ୍ରିଜ୍ ଜବତ କରାଯାଇଛି।

# ପାକିସ୍ତାନକୁ ଗୁଇନ୍ଦା ସୂଚନା ଦେଇଥିଲା ଚୀନ୍, ପ୍ରଦାନ କରିଥିଲା ଉପଗ୍ରହ ଚିତ୍ର

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ପଛରେ ଚୀନ୍‌ର ବଡ଼ ଭୂମିକା ଥିଲା। ଏହି ଦେଶ ଘନିଷ୍ଠ ସହଯୋଗୀ ପାକିସ୍ତାନକୁ ଗୁଇନ୍ଦା ସୂଚନା ପ୍ରଦାନ କରିଥିଲା। ଏୟାର ଡିଫେନ୍ସ ସହିତ ଉପଗ୍ରହ ଚିତ୍ର ମଧ୍ୟ ଦେଇଥିଲା। ଭାରତର ଏକ ପ୍ରତିରକ୍ଷା ଗୋଷ୍ଠୀ ଏହି ଦାବି କରିଛି। ଏହି ସଂଘର୍ଷରେ ଚୀନ୍ ପ୍ରତ୍ୟକ୍ଷ ଭାବେ ସାମିଲ ଥିଲା ବୋଲି କୁହାଯାଇଛି। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ ନୂଆଦିଲ୍ଲୀ ସ୍ଥିତ ସେଣ୍ଟର ଫର୍ ଜଏଣ୍ଟ ୱାରଫେୟାର ଷ୍ଟଡିଜର ମହାନିର୍ଦ୍ଦେଶକ ଅଶୋକ କୁମାର ଏକ ସାକ୍ଷାତକାରରେ କହିଥିଲେ ଯେ ପାକିସ୍ତାନକୁ ଚୀନ୍ ନିଜ ରାଡାର ଏବଂ ଏୟାର ଡିଫେନ୍ସ ସିଷ୍ଟମକୁ ପୁନର୍ଗଠନ କରିବାରେ ସହାୟତା କରିଥିଲା। ଭାରତର ସୈନିକ ଏବଂ ଅସ୍ତ୍ରଶସ୍ତ୍ର ବିଷୟରେ ଜାଣିବା ପାଇଁ ଚୀନ୍ ସହଯୋଗ କରିଥିଲା। ଏହା ବ୍ୟତୀତ ପହଲଗାମର ୧୫ ଦିନ ପରେ ବେଜିଂ ନିଜ ଉପଗ୍ରହକୁ ପାକିସ୍ତାନ ସହ ସଂଯୋଗ କରିବାରେ ମଧ୍ୟ ସହାୟତା କରିଥିଲା।

ଏହି ପଦକ୍ଷେପ ଦ୍ୱାରା ନିଜ ଏୟାର ଡିଫେନ୍ସ ରାଡାରକୁ ପୁଣିଥରେ ମୁତୟନ କରିବା ପାଇଁ ଚୀନ୍‌କୁ ସହାୟତା ମିଳିଥିଲା। ଭାରତ ଆକାଶ ମାର୍ଗରୁ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ମଧ୍ୟ ଚୀନ୍ ଜାଣିବାକୁ ଚାହୁଁଥିଲା। ତେବେ ଭାରତ ପକ୍ଷରୁ ଚୀନ୍ ସହ ସହଯୋଗିତାକୁ ନେଇ ସାର୍ବଜନୀନ ଭାବେ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। କିନ୍ତୁ ପାକିସ୍ତାନ ଏହା ସ୍ୱୀକାର କରିଛି। ଭାରତ ବିରୋଧରେ ଚୀନ୍ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିବା ମାନିଛି। ଭାରତ ବିରୋଧୀ ସଂଘର୍ଷରେ ଚୀନର ସମ୍ପୃକ୍ତି ଅଧିକ ବୃଦ୍ଧି ପାଇଛି ବୋଲି ଏହା ଦର୍ଶାଉଛି। ଏଥିରେ ପାକିସ୍ତାନକୁ ଲଜିଷ୍ଟିକ୍ ଏବଂ ଗୁଇନ୍ଦା ସହାୟତା ଯୋଗାଇବା ମଧ୍ୟ ସାମିଲ ରହିଛି।

ପାକିସ୍ତାନ ଦାବି କରିଥିଲା ଯେ ଭାରତ ବିପକ୍ଷରେ ସଂଘର୍ଷରେ ସେ ଚୀନ୍ ଯୁଦ୍ଧ ବିମାନ ଜେ-୧୦ସି ଏବଂ ପିଏଲ-୧୫ କ୍ଷେପଣାସ୍ତ୍ର ବ୍ୟବହାର କରିଥିଲା। ଭାରତୀୟ ସେନା ମଧ୍ୟ ଚୀନର ପିଏଲ-୧୫ କ୍ଷେପଣାସ୍ତ୍ରର ଅବଶେଷ ପ୍ରଦର୍ଶନ କରିଥିଲା। ଏହି ବିବାଦ ସମୟରେ ଚୀନ୍ ପାକିସ୍ତାନର ସାର୍ବଭୌମତ୍ୱକୁ ସମର୍ଥନ କରିଥିଲା ଏବଂ ପହଲଗାମ ଆକ୍ରମଣର ଅନ୍ତର୍ଜାତୀୟ ତଦନ୍ତ ପାଇଁ ଭାରତକୁ ଆହ୍ୱାନ ଦେଇଥିଲା। ଏହା ବ୍ୟତୀତ ଜାତିସଂଘ ସୁରକ୍ଷା ପରିଷଦରେ ଆତଙ୍କବାଦ ସମ୍ପର୍କରେ ପାକିସ୍ତାନକୁ ସମାଲୋଚନାରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରିଥିଲା।

**ସୋଫିଆ କୁରେସୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ମାମଲା**

## ମନ୍ତ୍ରୀଙ୍କୁ ଭର୍ତ୍ସନା, ଏସ୍‌ଆଇଟି ଗଠନକଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): କର୍ଣ୍ଣେଲ ସୋଫିଆ କୁରେସୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ମାମଲାରେ ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ 'ସୁପ୍ରିମ' ଝଟ୍‌କା ଲାଗିଛି। କ୍ଷମା ମାଗିବା ପାଇଁ ମନ୍ତ୍ରୀ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କ୍ଷମାକୁ ଗ୍ରହଣ କରାଯିବ ନାହିଁ ବୋଲି କହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ମନ୍ତ୍ରୀଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି କହିଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିଛନ୍ତି। ମନ୍ତ୍ରୀଙ୍କ ଅଶାଳୀନ ମନ୍ତବ୍ୟ ପାଇଁ ସାରା ଦେଶ ଲଜ୍ୟା ଅନୁଭବ କରୁଛି ବୋଲି କୋର୍ଟ କହିଛନ୍ତି।

■ **ବିଜୟ ଶାହାଙ୍କ କ୍ଷମା ଗ୍ରହଣ କଲେନାହିଁ**

■ **ପରିଣାମ ଭୋଗିବାକୁ ପଡ଼ିବ**

ଅଭଦ୍ର ଟିପ୍ପଣୀ ପାଇଁ ମନ୍ତ୍ରୀ ଶାହାଙ୍କୁ ଜଷ୍ଟିସ ସୂର୍ଯ୍ୟକାନ୍ତ ତୀବ୍ର ସମାଲୋଚନା କରି ସେ ଠିକ୍‌ରେ ଭୁଲ୍ ମଧ୍ୟ ମାଗିନାହାନ୍ତି ବୋଲି କହିଛନ୍ତି। ଏହା କିଭଳି କ୍ଷମା ପ୍ରାର୍ଥନା? ଆପଣ କେଉଁ ଭଳି ଭାବେ କ୍ଷମା ପ୍ରାର୍ଥନା କରିଛନ୍ତି? ଏହି କ୍ଷମା ପ୍ରାର୍ଥନାର କିଛି ଅର୍ଥ ଅଛି କି? ବେଳେବେଳେ ଲୋକେ ଦଣ୍ଡରୁ ବର୍ତ୍ତିବା ଲାଗି ନମ୍ର ଭାଷା ବ୍ୟବହାର କରିଥାନ୍ତି। ଆଉ କେତେବେଳେ କୁମ୍ଭୀର କାନ୍ଦଣା କରିଥାନ୍ତି। ଏହା ଆପଣଙ୍କର କେଉଁ ପ୍ରକାରର କ୍ଷମା ପ୍ରାର୍ଥନା? ଆପଣ କେଉଁ ଭଳି ଧାରଣା ସୃଷ୍ଟି କରିବାକୁ ଚାହୁଁଛନ୍ତି? କୋର୍ଟ ଆପଣଙ୍କୁ କ୍ଷମା ମାଗିବାକୁ କହିଥିଲେ ବୋଲି ଜଣାଇବାକୁ ଚାହୁଁଛନ୍ତି କି? ଆନ୍ତରିକ ଭାବରେ କ୍ଷମା ପ୍ରାର୍ଥନା କରିବା ପାଇଁ ଏ ପର୍ଯ୍ୟନ୍ତ ଆପଣଙ୍କୁ କିଏ ଅଟକାଇଛି? ସେନା ସହ ଜଡ଼ିତ ଏଭଳି ଭାବନାତ୍ମକ ପ୍ରସଙ୍ଗରେ ମନ୍ତ୍ରୀଙ୍କୁ ଅଧିକ ସମ୍ବେଦନଶୀଳ ହେବାର ଥିଲା। ଏବେ ସର୍ବସମ୍ମୁଖରେ ମନ୍ତ୍ରୀଙ୍କ ଅସଲ ମୁଖା ଖୋଲି ଯାଇଛି। ଜନନେତା ହୋଇ ଏଭଳି ଶବ୍ଦ ବ୍ୟବହାର କରିବା ସମୟରେ ବିଚାର କରିବାର ଥିଲା ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ମାମଲାର ତଦନ୍ତ ପାଇଁ ମଙ୍ଗଳବାର ସକାଳ ସୁଦ୍ଧା ଜଣେ ଆଇପିଏସ ଅଧିକାରୀଙ୍କୁ ନେଇ ଏସଆଇଟି ଗଠନ କରିଦିଆଯିବା ଉଚିତ। ଏଥିରେ ଜଣେ ମହିଳା ଅଧିକାରୀ ମଧ୍ୟ ରହିବା ଜରୁରୀ। କିନ୍ତୁ ସେ ରାଜ୍ୟର ବାସିନ୍ଦା ହୋଇ ନ ଥିବେ। ଏହି କମିଟି ୨୮ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବା ଦରକାର। ତେବେ ସର୍ବୋଚ୍ଚ ନ୍ୟାୟାଳୟ ମନ୍ତ୍ରୀଙ୍କ ଗିରଫ ଉପରେ କଟକଣା ଲଗାଇ ଦେଇଛନ୍ତି। କିନ୍ତୁ ପରିଣାମ ଭୋଗିବାକୁ ପଡିବ ବୋଲି କହିଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ମଧ୍ୟପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆମେ କଡ଼ା ନଜର ରଖିବାକୁ ଚାହୁଁଛୁ। ଏହା ସରକାରଙ୍କ ଅଗ୍ନି ପରୀକ୍ଷା ବୋଲି କୋର୍ଟ କହିଛନ୍ତି।

ଏହା ପୂର୍ବରୁ ଗତ ୧୪ ତାରିଖରେ ମନ୍ତ୍ରୀଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ମଧ୍ୟପ୍ରଦେଶ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଇନ୍ଦୋରର ମହୁ ଥାନାରେ ମନ୍ତ୍ରୀଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିଲା। ଏହା ବିରୋଧରେ ଶାହା ସୁପ୍ରିମକୋର୍ଟ ଯାଇଥିଲେ।



ପ୍ରବଳ ବର୍ଷାରେ ଉବୁଟୁବୁ ବେଙ୍ଗାଲୁରୁ

## ସଂସଦୀୟ କମିଟିକୁ ନେଇ ରାଜନୀତି ତେଜୁଛି

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଅନ୍ତର୍ଜାତୀୟସ୍ତରରେ ପାକିସ୍ତାନର ମୁଖା ଖୋଲିବା ଲାଗି ଭାରତ ସରକାର ଗଠନ କରିଥିବା ସର୍ବଦଳୀୟ ସଂସଦୀୟ କମିଟିକୁ ନେଇ ରାଜନୀତି ତେଜିବାରେ ଲାଗିଛି। କଂଗ୍ରେସ ଏହାକୁ ନେଇ ବିଜେପି ଉପରେ ପ୍ରଶ୍ନ ଉଠାଇ ଥିବାବେଳେ ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ସଞ୍ଜୟ ରାଉତ ସର୍ବଦଳୀୟ ପ୍ରତିନିଧିମଣ୍ଡଳକୁ ବହିଷ୍କାର କରିବାକୁ କହିଛନ୍ତି। କିନ୍ତୁ ଏହାକୁ ନେଇ ଏନ୍‌ସିପି (ଏସପି) ମୁଖ୍ୟ ଶରଦ ପାୱାର ଦେଇଥିବା ମନ୍ତବ୍ୟ ଚର୍ଚ୍ଚାରେ ରହିଛି। ସେହିପରି ଏହି ସର୍ବଦଳୀୟ ପ୍ରତିନିଧିମଣ୍ଡଳରୁ ଟିଏମ୍‌ସି ସାଂସଦ ୟୁସୁଫ ପଠାନ ଓହରିଯିବାକୁ ନେଇ ବିଜେପି ଏବଂ ଟିଏମ୍‌ସି ମୁହାଁମୁହିଁ ହୋଇଛନ୍ତି। କଂଗ୍ରେସ ନେତା ପବନ ଖେଡ଼ା ବିଜେପିକୁ 'ସିନ୍ଦୂରର ସୌଦାଗର' କହିଛି। ଟ୍ରମ୍ପ ଯୁଦ୍ଧ ବନ୍ଦ କରୁଥିବା ଦାବି କରୁଛନ୍ତି। ଭାରତ ସହ ବାଣିଜ୍ୟ ବନ୍ଦ କରିବାକୁ ଧମକ ଦେଉଛନ୍ତି। ସିନ୍ଦୂରକୁ ନେଇ ମୂଳଚାଲ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ଚୁପ୍ ରହିଛନ୍ତି।

ଅନ୍ୟପଟେ ୟୁସୁଫ ପଠାନ ଓହରିଯିବାକୁ ନେଇ ଟିଏମସି ପକ୍ଷପାତପୂର୍ଣ୍ଣ ରାଜନୀତି କରୁଛି ବୋଲି ବିଜେପି ଅଭିଯୋଗ କରିଛି। କିନ୍ତୁ ଦଳକୁ ନ ଜଣାଇ କେଉଁ ସାଂସଦ ଯିବେ ତାହା କେନ୍ଦ୍ର ସ୍ଥିର କରିଥିବାରୁ ଟିଏମସି ଏପରି ପଦକ୍ଷେପ ନେଇଥିବା ସୂଚନା ମିଳିଛି। କେନ୍ଦ୍ର ଜଣାଇଲେ କାହାକୁ ପଠାଯିବ ତାହା ଆମେ ସ୍ଥିର କରିବୁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ସେହିପରି ସଞ୍ଜୟ ରାଉତଙ୍କୁ ଦାବିକୁ ଏଡାଇ ଦେଇ ଅନ୍ତର୍ଜାତୀୟ ମାମଲାରେ ଦଳଗତ ରାଜନୀତି ନ ହେବା ଉଚିତ ବୋଲି ଶରଦ ପାୱାର କହିଛନ୍ତି।

# ଅସ୍ତ୍ରବିରତିରେ ଆମେରିକାର କୌଣସି ଭୂମିକା ନଥିଲା

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ସମଗ୍ର ବିଶ୍ୱରେ ପାକିସ୍ତାନର ମୁଖା ଖୋଲିବା ପାଇଁ ଭାରତ ସରକାର ୫୯ ସଦସ୍ୟ ବିଶିଷ୍ଟ ସର୍ବଦଳୀୟ କମିଟି ଗଠନ କରିଛନ୍ତି। ଏହି କମିଟି ବିଭିନ୍ନ ଦେଶକୁ ଯାଇ ପାକିସ୍ତାନ ମିଛ ଏବଂ ଅପପ୍ରଚାରର ପର୍ଦ୍ଦାଫାସ କରିବ। ବିଦେଶ ଯାତ୍ରା ଆରମ୍ଭ କରିବା ପୂର୍ବରୁ ବିଦେଶ ସଚିବ ବିକ୍ରମ ମିଶ୍ରି ସୋମବାର ଏହି ସଂସଦୀୟ କମିଟିକୁ ଭାରତ-ପାକିସ୍ତାନ ସଂଘର୍ଷ ବିଷୟରେ ସୂଚନା ଦେଇଛନ୍ତି। 'ଅପରେସନ ସିନ୍ଦୂର' ଅଧିନରେ କରାଯାଇଥିବା ଏୟାର ଷ୍ଟ୍ରାଇକ ଏବଂ ଗତ ୧୦ ତାରିଖରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତିର ସମସ୍ତ ସୂଚନା ପ୍ରଦାନ କରିଛନ୍ତି। ଏହି ବୈଠକରେ କଂଗ୍ରେସ ସାଂସଦ ଶଶୀ ଥରୁର, ରାଜୀବ ଶୁକ୍ଳା, ଦୀପେନ୍ଦ୍ର ହୁଡ୍ଡା, ଟିଏମସିର ଅଭିଷେକ ବାନାର୍ଜୀ, ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓୱେସି ଏବଂ ଅରୁଣ ଗୋଭିଲଙ୍କ ଭଳି ସଦସ୍ୟ ଉପସ୍ଥିତ ଥିଲେ।

■ **ଜୟଶଙ୍କରଙ୍କ ନିରବତାକୁ ନେଇ ପୁଣି ପ୍ରଶ୍ନ ଉଠାଇଲେ ରାହୁଲ**

ଥରୁରଙ୍କ ଅଧ୍ୟକ୍ଷତାରେ ୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବା ଏହି ବୈଠକରେ ସଦସ୍ୟମାନେ ଘଟଣାକୁ ନେଇ ଅନେକ ପ୍ରଶ୍ନ ପଚାରି ଥିଲେ। ଏଥିରେ ଅସ୍ତ୍ରବିରତି, ଆମେରିକା ରାଷ୍ଟ୍ରପତିଙ୍କ ଦାବି, ଆକ୍ରମଣକାରୀ ଆତଙ୍କବାଦୀ କୁଆଡେ ଗଲେ, ପାକିସ୍ତାନକୁ ଏକଘରିକିଆ କରିବା ପାଇଁ କି ପଦକ୍ଷେପ ନିଆଯାଇଛି। ଆଦି ଅନେକ ପ୍ରଶ୍ନ ପଚରା ଯାଇଥିଲା। ଉତ୍ତରରେ ମିଶ୍ରି କହିଥିଲେ ଯେ ଅସ୍ତ୍ରବିରତି ଦ୍ୱିପାକ୍ଷିକ ନିଷ୍ପତ୍ତି ଥିଲା। ଏଥିରେ ଆମେରିକାର କୌଣସି ଭୂମିକା ନ ଥିଲା। ଅପରେସନ ସିନ୍ଦୂର ଆରମ୍ଭ ପୂର୍ବରୁ ପାକିସ୍ତାନକୁ କୁହାଯାଇ ନ ଥିଲା। ପାକିସ୍ତାନ ଚୀନ୍ ଡ୍ରୋନ ବ୍ୟବହାର କରିବା ମଧ୍ୟ କୌଣସି ପ୍ରସଙ୍ଗ ନୁହେଁ। କାରଣ ଏହାର ଜବାବରେ ଭାରତ ପାକିସ୍ତାନ ଏୟାରବେସରେ ଆକ୍ରମଣ କରିଥିଲା। ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣିଥରେ ବିଦେଶମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ନିଶାଣ କରିଛନ୍ତି। ସେ ପୁଣି ଦାବି କରିଛନ୍ତି ଯେ କେନ୍ଦ୍ର ସରକାର ଅପରେସନ ସିନ୍ଦୂର ଆରମ୍ଭରେ ପାକିସ୍ତାନକୁ ସୂଚନା ଦେଇଥିଲେ। ଏହା 'ବିଫଳତା' ନୁହେଁ, ବରଂ ଏକ 'ଅପରାଧ'। ଦେଶ ସତ ଜାଣିବା ଆବଶ୍ୟକ। ଏହି ଲଢେଇରେ ଭାରତର କେତେ ବିମାନ ହରାଇଛି ବୋଲି ପଚାରିଛନ୍ତି। ସେ ଏହା ଉପରେ ଜୟଶଙ୍କରଙ୍କ ନିରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ନିରବତା ନିନ୍ଦନୀୟ ବୋଲି କହିଛନ୍ତି। ଏହାକୁ ନେଇ ବିଜେପି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ରାହୁଲ ତଥ୍ୟକୁ ସମ୍ପୂର୍ଣ୍ଣ ଭୁଲ ଉପସ୍ଥାପନ କରୁଛନ୍ତି। ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଏଭଳି ବୋଲି ଅଭିଯୋଗ ଲଗାଯାଇଛି।

# ୪ ଡିସିମିଲ୍ ଜମି ନ ଥିଲେ ଭୂମିହୀନ

ଭୁବନେଶ୍ୱର,୧୯।୫(ସମିସ): ରାଜ୍ୟର ଭୂମିହୀନ ବା ନିଜସ୍ୱ ଘର ନିର୍ମାଣ କରିବାକୁ ଘର ପଟ୍ଟା ନାହିଁ ସେମାନଙ୍କୁ ବସୁନ୍ଧରା ଯୋଜନାରେ ୪ ଡେସିମିଲ୍ ପଟ୍ଟା ଯୋଗାଇ ଦିଆଯିବ। ଏହି କ୍ରମରେ ବର୍ତ୍ତମାନ ସରକାରଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ରାଜ୍ୟରେ କେହି ଭୂମିହୀନ ରହିବେ ନାହିଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୂରେଶ ପୂଜାରୀ କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ଯେ ରାଜ୍ୟ କେହି ଭୂମିହୀନ ରହିବେ ନାହିଁ। ସମସ୍ତଙ୍କ ପାଖରେ ଘର ନିର୍ମାଣ ପାଇଁ ଅତି କମ୍‌ରେ ୪ ଡେସିମିଲ୍ ଜମି ରହିଥିବ। ରାଜ୍ୟରେ ବର୍ତ୍ତମାନ ବହୁ ଲୋକଙ୍କର ଜମି ରହିଛି। ମାତ୍ର ସେତିକି ଜମି ପର୍ଯ୍ୟାପ୍ତ ନୁହେଁ। ଅନେକ ଲୋକ ଉତ୍ତରାଧିକାରୀ ସୂତ୍ରରେ ଅଧା ଡିସିମିଲ୍ ଜମି ମଧ୍ୟ ପାଇଛନ୍ତି। ମାତ୍ର ଏହା ଘର କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ଭୂମିହୀନ ଲୋକର ପରିଭାଷାକୁ ପରିବର୍ତ୍ତନ କରାଯାଇଛି। ଏହି ଆଧାରରେ ଯେଉଁ ଲୋକଙ୍କ ନିକଟରେ ୪ ଡିସିମିଲ୍ ଜମିରୁ କମ୍ ଜମି ରହିଛି, ତାଙ୍କୁ ମଧ୍ୟ ଭୂମିହୀନ ଭାବେ ଗଣନା କରାଯିବ। ଏହାପରେ ସେମାନଙ୍କୁ ୪ ଡିସିମିଲ୍ ଜମି ପ୍ରଦାନ କରାଯିବ। ଯଦି ଗୋଟିଏ ଲୋକ ପାଖରେ ୨ ଡିସିମିଲ୍ ଜମି ଅଛି, ତେବେ ସରକାର ତାଙ୍କୁ ଆଉ ୨ ଡିସିମିଲ୍ ଜମି ଯୋଗାଇ ଦେବେ ବୋଲି ମନ୍ତ୍ରୀ କହିଛନ୍ତି। ଏବେ ତହସିଲଦାର ମାନେ ୪ ଡିସିମିଲ୍‌ରୁ କମ୍ ଥିବା ଲୋକମାନଙ୍କୁ ଠାବ କରିବେ ଓ ଏହା ପରେ ଜମି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

# ହଜାର ହଜାର ଆଦିବାସୀଙ୍କୁ ବାସହରା କରିବ ପୋଲାଭରମ୍



ଭୁବନେଶ୍ୱର,୧୯।୫(ସମିସ): ଆସନ୍ତା ୨୦୨୭ ମସିହା ଅକ୍ଟୋବର ୨୭ ତାରିଖ ସୁଦ୍ଧା ପୋଲାଭରମ୍ ପ୍ରକଳ୍ପ ସାରିବାକୁ ଆନ୍ଧ୍ର ପ୍ରଦେଶ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୨୦୨୪-୨୫ରେ କେନ୍ଦ୍ର ସରକାର ପ୍ରକଳ୍ପ ପାଇଁ ଆନ୍ଧ୍ର ସରକାରଙ୍କୁ ୧୨୧୫୭ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା ପ୍ରଦାନ କରିଥିଲେ ଓ ୨୦୨୫-୨୬ରେ କେନ୍ଦ୍ର ବଜେଟରେ ଏହି ପ୍ରକଳ୍ପ ପାଇଁ ଆନ୍ଧ୍ରକୁ ୫୯୩୬ କୋଟି ଟଙ୍କାର ସହାୟତା ବ୍ୟବସ୍ଥା କରିଛନ୍ତି। କେବଳ ଆର୍ଥିକ ଅନୁଦାନ ନୁହେଁ, ପ୍ରକଳ୍ପ ଶୀଘ୍ର ସାରିବାକୁ ଗତ ଜାନୁଆରୀ ମାସରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ସଂସଦୀୟ ଷ୍ଟାଣ୍ଡିଂ କମିଟି ଆନ୍ଧ୍ର ପ୍ରଦେଶ ଗସ୍ତରେ ଆସି ଆନ୍ଧ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଯାହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶା ବିପୁଳ କ୍ଷତିଗ୍ରସ୍ତ ହେଉଥିବାବେଳେ କେନ୍ଦ୍ର ସରକାର ଓଡ଼ିଶାର ସ୍ୱାର୍ଥକୁ ଉପେକ୍ଷା କରିଚାଲିଥିବା ମଧ୍ୟ ଅଭିଯୋଗ ହୋଇଛି ।

ଜଳ ବିଶେଷଜ୍ଞ ଇଞ୍ଜିନିୟର ଲଳିତ ପଟ୍ଟନାୟକଙ୍କ ଅନୁଯାୟୀ ପ୍ରକଳ୍ପ ଉଚ୍ଚତା ୧୫୦ ଫୁଟ ହୋଇଥିବାରୁ ୫୦ ଲକ୍ଷ କ୍ୟୁସେକ ବନ୍ୟା ଜଳ ଆସିବାର ଆକଳନ ହୋଇଛି। ଯାହାଫଳରେ ଓଡ଼ିଶାର ମାଲକାନଗିରି ଜିଲ୍ଲା ବିପୁଳ ଭାବରେ କ୍ଷତିଗ୍ରସ୍ତ ହେବ। ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟ ଉଚ୍ଚତାର ପଛୁଆ ଜଳ ମାଲକାନଗିରି ଜିଲ୍ଲାର ବିଶାଳ ଅଞ୍ଚଳକୁ ଜଳମଗ୍ନ କରିବ। ତେଣୁ କ୍ଷୟକ୍ଷତି ନେଇ ସର୍ଭେ ଏକାନ୍ତ ଜରୁରୀ ହୋଇଥିବା ବେଳେ ଏହାକୁ ବାରମ୍ବାର ଅଗ୍ରାହ୍ୟ କରି ଦିଆଯାଉଛି। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ଓ ପରିବେଶ ପ୍ରଭାବ ଆକଳନ ପାଇଁ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ପରାମର୍ଶକୁ ଆନ୍ଧ୍ରପ୍ରଦେଶ ସରକାର କର୍ଣ୍ଣପାତ କରିନାହାନ୍ତି । ଏ ସମ୍ପର୍କରେ ବିଜେଡି ବାରମ୍ବାର ଦାବି କରିଥିଲେ ହେଁ, କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଆନ୍ଧ୍ର ଉପରେ ଚାପ ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି। ରାଜ୍ୟ ସରକାର ମଧ୍ୟ ପୋଲାଭରମ ପ୍ରକଳ୍ପ ସମ୍ପର୍କରେ ରହସ୍ୟମୟ ନିରବତା ଅବଲମ୍ବନ କରିଚାଲିଛନ୍ତି । ନିକଟରେ ଆନ୍ଧ୍ର ସରକାରଙ୍କ ଦ୍ୱାରା ନିକଟରେ ଏକ ସମୀକ୍ଷା ବୈଠକରେ ପ୍ରକଳ୍ପର ୬୦% କାର୍ଯ୍ୟ ଶେଷ ହୋଇଥିବା ସୂଚନା ଦିଆଯାଇଛି। ତେଲଙ୍ଗାନାରେ ଡବଲ ଇଞ୍ଜିନ ସରକାର ନଥିବା ସତ୍ତ୍ୱେ ପୋଲାଭରମ୍ ପ୍ରକଳ୍ପ କାରଣରୁ ତେଲେଙ୍ଗାନାର କେତେ ଅଞ୍ଚଳ ଜଳମଗ୍ନ ହେବ ସେନେଇ ସର୍ଭେ କରିବାକୁ ସ୍ଥାନୀୟ ସରକାର ସଫଳ ହୋଇଛନ୍ତି। ତେଲେଙ୍ଗାନାର ପ୍ରବଳ ଚାପ ଆଗରେ ପୋଲାଭରମ ପ୍ରକଳ୍ପ ଅଥରିଟି ଓ ଆନ୍ଧ୍ର ସରକାର ମୁଣ୍ଡ ନୁଆଁଇଥିବା ବେଳେ ତେଲେଙ୍ଗାନା ଅଞ୍ଚଳରେ ମ୍ୟାପିଂ କରିବାକୁ ବଡ଼ ନିଷ୍ପତ୍ତି ନିଆଯାଇଛି। ମାତ୍ର ଓଡ଼ିଶାର କ୍ରମାଗତ ଦାବି ସତ୍ତ୍ୱେ ପ୍ରକଳ୍ପର ପଛୁଆ ପାଣି ଯୋଗୁଁ କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ ।

ଏ ସମ୍ପର୍କରେ ବିଜେଡି ବିଧାୟକ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଅତୀତରେ ବିଜେଡି ସରକାର ସମୟରେ ଏନେଇ ଆମେ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ; ମାତ୍ର ଆମ କଥା ଶୁଣାଗଲା ନାହିଁ। ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ରାଜ୍ୟ ମଧ୍ୟରେ ପାତରଅନ୍ତର କରାଗଲା। ଏହାକୁ ରାଷ୍ଟ୍ରୀୟ ପ୍ରକଳ୍ପର ମାନ୍ୟତା ସହ ଅଯାଚିତ ଭାବେ ଅର୍ଥ ମଧ୍ୟ ପ୍ରଦାନ କରାଗଲା। ଯାହା ପାଇଁ ଓଡ଼ିଶା ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛି ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଓଡ଼ିଶାର ସ୍ୱାର୍ଥକୁ ପ୍ରାଥମିକତା ଦେଇ ଆନ୍ଧ୍ର ସହ ଆଲୋଚନା କରିବାକୁ ଦାବି କରିଛି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ନିକଟରେ ଏ ସମ୍ପର୍କରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ଅନ୍ୟପକ୍ଷରେ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ସରକାର ସବୁପ୍ରକାର ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ବୈଠକରେ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ତଥ୍ୟ ବୈଠକରେ ଉପସ୍ଥାପିତ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

**■ ମାଲକାନଗିରି ଜିଲ୍ଲାକୁ ବୁଡ଼ାଇବ ପଛୁଆ ପାଣି: ବିଶେଷଜ୍ଞ**
**■ ସଂଘୀୟ ବ୍ୟବସ୍ଥାରେ ଓଡ଼ିଶା ପାତରଅନ୍ତର ଶିକାର : ପ୍ରସନ୍ନ**
**■ ଓଡ଼ିଶାର ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ: ଆଇନ ମନ୍ତ୍ରୀ**

**■ ସଂରକ୍ଷିତ ଜଙ୍ଗଲରୁ ଗଛକଟା**

# ଏନ୍‌ଜିଟିଙ୍କ ରିପୋର୍ଟ ତଲବ

କଟକ, ୧୯।୫(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅଧୀନ ବଡ଼ପାରି ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ଗଛ କଟାଯାଉଥିବା ଅଭିଯୋଗରେ ରୁଜୁ ମାମଲାକୁ ଗୁରୁତ୍ୱର ସହ ଶୁଣାଣି କରିଛନ୍ତି ଜାତୀୟ ଗ୍ରୀନ ଟ୍ରିବୁନାଲ(ଏନଜିଟି)। ଦୀର୍ଘ ୫୦ବର୍ଷରୁ ଅଧିକ ସମୟ ଧରି ଏହି ଜଙ୍ଗଲ ରକ୍ଷଣାବେକ୍ଷଣ କରିଆସୁଥିବା ବଡ଼ପାରିର ଗିରି ଗୋବର୍ଦ୍ଧନ ଜଙ୍ଗଲ କମିଟି ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି ଏନ୍‌ଜିଟି। ଆସନ୍ତା ୪ ସପ୍ତାହ ଭିତରେ ଖୋର୍ଦ୍ଧା ଜିଲ୍ଲାପାଳ ଓ ଡିଏଫ୍‌ଓଙ୍କୁ ନେଇ ଗଠିତ କମିଟି ଘଟଣାସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ ରିପୋର୍ଟ ସହ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏନଜିଟି। ମାମଲାରୁ ପ୍ରକାଶ, ବଡ଼ପାରି ଜଙ୍ଗଲ ପ୍ରାୟ ୭୦୦ ଏକର ପରିମିତ ଅଞ୍ଚଳକୁ ନେଇ ଅବସ୍ଥିତ। ଏଥିରେ ପ୍ରାୟ ୫୦ ଏକର ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ରହିଛି। ଗ୍ରାମବାସୀମାନେ ନିଜସ୍ୱ ଜମିକୁ ଜଙ୍ଗଲ ପାଇଁ ଛାଡ଼ି ଆସିଛନ୍ତି ଓ ପାରମ୍ପରିକ ଭାବେ ସମସ୍ତେ ଜଗା ରଖା କରି ଆସୁଛନ୍ତି। ଇତିମଧ୍ୟରେ ଜନୈକ ବ୍ୟକ୍ତି ନିଜସ୍ୱ ଜମି ଆଳରେ ଉକ୍ତ ଜଙ୍ଗଲ ଜମି ସଫା କରି ତାହାକୁ ପ୍ଲଟ କରି ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି। ଏହାକୁ ବିରୋଧ କରି ଗ୍ରାମର ଜଙ୍ଗଲ କମିଟି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨୮ କୁ ସ୍ଥିର କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

# ଆଗକୁ ବଢୁଛି ମୌସୁମୀ

ଭୁବନେଶ୍ୱର,୧୯।୫(ସମିସ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ି ଚାଲିଛି। ସୋମବାର ମୌସୁମୀ ଦକ୍ଷିଣ ଆରବ ସାଗରର ଆହୁରି ଅନେକ ଅଞ୍ଚଳ, ମାଲଦୀପ ଏବଂ କୋମରିନ ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗର, କେନ୍ଦ୍ରୀୟ ବଙ୍ଗୋପସାଗରର ଆହୁରି କିଛି ଅଞ୍ଚଳ ସହ ଉତ୍ତର-ପୂର୍ବ ବଙ୍ଗୋପସାଗରର କିଛି ଅଞ୍ଚଳକୁ ଅଗ୍ରସର ହୋଇଛି। ପରିସ୍ଥିତି ଅନୁକୂଳ ରହିଥିବାରୁ ଆଗାମୀ ୨ରୁ ୩ ଦିନ ମଧ୍ୟରେ ମୌସୁମୀ ବାୟୁ ଦକ୍ଷିଣ ଆରବ ସାଗରର ଆହୁରି କିଛି ଅଂଶ, ମାଲଦ୍ୱୀପ ଏବଂ କୋମୋରିନ୍‌ର ବାକି ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗରର, କେନ୍ଦ୍ରୀୟ ବଙ୍ଗୋପସାଗରର କିଛି ଅଞ୍ଚଳ ଏବଂ ଉତ୍ତର-ପୂର୍ବ ବଙ୍ଗୋପସାଗରର କିଛି ଅଂଶରେ ପ୍ରବେଶ କରିବାର ଆଶା ସୃଷ୍ଟି ହୋଇଛି।

ଅନ୍ୟପଟେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ସ୍ଥିତି ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ପ୍ରତିଦିନ ଅପରାହ୍ଣ ପରେ କାଳବୈଶାଖୀଜନିତ ସ୍ଥିତି ଯୋଗୁଁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେଉଛି। ଏଭଳି ସ୍ଥିତି ଆହୁରି ୫ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ଏହି ସମୟରେ ଅନେକ ସ୍ଥାନରେ ବଜ୍ରପାତ ଆଶଙ୍କା କରି ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ପାଣିପାଗ କେନ୍ଦ୍ରର ପରାମର୍ଶ ଅନୁଯାୟୀ ମଙ୍ଗଳବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ବ୍ୟାପକ କାଳବୈଶାଖୀ ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନର ବେଗ ୪୦-୫୦ କିମି ରହିବା ନେଇ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। କାଳବୈଶାଖୀର ପ୍ରଭାବ ବୁଧବାରଠାରୁ ବଢ଼ିବା ସହ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟରେ ଅନେକ ସ୍ଥାନରେ ବର୍ଷାର ମାତ୍ରା ବୃଦ୍ଧି ସାଙ୍ଗକୁ ପବନର ପ୍ରଭାବ ମଧ୍ୟ ବୃଦ୍ଧି ପାଇବ। ଏମିତି କି ଅନେକ ସ୍ଥାନରେ ପବନର ବେଗ ୬୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ବୁଧବାରଠାରୁ ପରବର୍ତ୍ତୀ ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। କାଳବୈଶାଖୀ ପ୍ରଭାବ ମଧ୍ୟରେ ମଙ୍ଗଳବାର କିଛି କିଛି ସ୍ଥାନରେ ପ୍ରବଳ ଗୁଳୁଗୁଳି ନେଇ ମଧ୍ୟ ଆଶଙ୍କା ରହିଛି।

**ବୁଧବାରଠାରୁ ବଢ଼ିବ କାଳବୈଶାଖୀ ପ୍ରଭାବ**

# ରାଜ୍ୟରୁ ବିଦାହେବେ ବାଂଲାଦେଶୀ

**ଏସ୍‌ଟିଏଫ୍‌କୁ ନୋଡାଲ୍ ଏଜେନ୍ସି ଦାୟିତ୍ୱ**

**ସବୁ ଜିଲ୍ଲାରେ ଆରମ୍ଭ ହେଲା ଚିହ୍ନଟ ପକ୍ରିୟା**

ଭୁବନେଶ୍ୱର,୧୯।୫(ସମିସ): ପାକିସ୍ତାନ ସହିତ ଭାରତର ତିକ୍ତତା ବଢ଼ିବା ପରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ କେନ୍ଦ୍ର ସରକାର ଦୀର୍ଘମିଆଦ ଭିସା ରଦ୍ଦ କରି ଦେଶରୁ ପାକିସ୍ତାନୀ ନାଗରିକଙ୍କୁ ବିଦା କରିଥିବାବେଳେ ଏବେ ପଡ଼ୋଶୀ ବାଂଲାଦେଶ ନାଗରିକଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏହି କ୍ରମରେ ରାଜ୍ୟ ସରକାର ଦୀର୍ଘଦିନ ଧରି ବେଆଇନ ଭାବେ ବସବାସ କରୁଥିବା ଏବଂ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିବା ବାଂଲାଦେଶୀମାନଙ୍କୁ ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଓଡ଼ିଶାରେ ବେଆଇନ୍ ଭାବେ ରହୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଉଛି। ବିଶେଷକରି ବାଂଲାଦେଶୀଙ୍କ ହଟ୍‌ସ୍ପଟ୍ ପାଲଟିଥିବା ଓଡ଼ିଶାର ତଟବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ବେଆଇନ୍ ବାଙ୍ଗଲାଦେଶୀ ଚିହ୍ନଟ କରାଯାଉଛି। ରାଜ୍ୟରୁ ଖୁବ୍‌ଶୀଘ୍ର ସେମାନଙ୍କୁ ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ନେଇଛି ଏସ୍‌ଟିଏଫ୍। ବାଙ୍ଗଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ ସହ ସବୁ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏନେଇ ଏସ୍‌ଟିଏଫ ଡିଆଇଜି ପିନାକ ମିଶ୍ର କହିଛନ୍ତି ଯେ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ, ସବୁ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ତଟବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜଗତସିଂହପୁର, ପୁରୀ, ଗଞ୍ଜାମରେ ବି ଚିହ୍ନଟ ନେଇ ଧରପଗଡ଼ ହେଉଛି। ଚିହ୍ନଟ କରିବା ପକ୍ରିୟାରେ ବିଶେଷକରି ସ୍ଥାନୀୟ ସରପଞ୍ଚ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗ ନିଆଯାଉଛି। ଅନେକ ବାଂଲାଦେଶୀ ଜଳପଥ ଦେଇ ଓଡ଼ିଶାରେ ପ୍ରବେଶ କରୁଛନ୍ତି। ତେଣୁ ସେମାନଙ୍କୁ ଧରିବା ପାଇଁ ଜଳପଥରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ଏଥିପାଇଁ ପାରାଦ୍ୱୀପ, ବାଲେଶ୍ୱର, ପୁରୀ ଆଦି ଉପକୂଳ ଜିଲ୍ଲାର ମେରାଇନ୍ ଥାନାକୁ ଆଲର୍ଟ କରାଯାଇଛି। ଯଦି କୌଣସି ସନ୍ଦିଗ୍ଧ ବୋର୍ଟ ତଟବର୍ତ୍ତୀ ଅଞ୍ଚଳରେ ଦୃଶ୍ୟମାନ ହୁଏ, ତେବେ ତୁରନ୍ତ ତାକୁ ଅଟକାଇ ପରିଚୟପତ୍ର ଯାଞ୍ଚ କରାଯିବ।

ଏଥିସହିତ ରାଜଧାନୀ ଭୁବନେଶ୍ୱରରେ ଏକାଧିକ ବାଂଲାଦେଶୀ ରହିଛନ୍ତି। ସେମାନେ ୟୁନିଟ-୩ ଏବଂ ସହରର ଅନେକ ବସ୍ତିରେ ଘର କରି ରହିଛନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରିବା ପାଇଁ ଗତକାଲି ଡିସିପି ଜଗମୋହନ ମୀନା କ୍ରାଇମ୍ ମିଟିଂରେ ସବୁ ଥାନା ଅଧିକାରୀ ଏବଂ ଏସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଏବେ ଥାନା ଅଧିକାରୀ ବସ୍ତି ବସ୍ତି ଯାଇ ବାଂଲାଦେଶୀଙ୍କୁ ଚିହ୍ନଟ କରିବ। ବଡ଼ କଥା ହେଲା, ରାଜଧାନୀରେ ଘଟୁଥିବା ଏକାଧିକ ଅପରାଧରେ ବାଂଲାଦେଶୀଙ୍କ ହାତ ରହୁଛି। ତେଣୁ ସେମାନଙ୍କୁ ଚିହ୍ନଟ କରି ନିଜ ଦେଶକୁ ପଠାଇଦେଲେ ରାଜ୍ୟରେ ଅପରାଧ କମିବ ବୋଲି ଡିସିପି କହିଛନ୍ତି।

# ବାଲ୍‌ତିରେ ପିଟି ମନ୍ଦିର ପୂଜକଙ୍କୁ ହତ୍ୟା

ସେମିଳିଗୁଡ଼ା/ସୁନାବେଡ଼ା,୧୯।୫(ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ଥାନା ଅଧୀନ କାକିଗାଁରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ମନ୍ଦିର ପୂଜକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, କାକିଗାଁ ଗ୍ରାମର ଶଙ୍କରରାନ୍ଧିଓରଫ୍ ଏଲିସ୍‌ମୂଷା(୩୬)।ଅଭିଯୁକ୍ତମାନେ ତାଙ୍କୁ ବାଲ୍‌ତି ଓ ବଳାରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ସୁନାବେଡ଼ା ପୁଲିସ୍ ଶବକୁ ଜବତ କରି କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ନମ୍ବର ୯୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଅପରପକ୍ଷେ, ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଦୁଇ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଦେବ ବଦଲିଗୁଡ଼ିଆ ଓ ଲକ୍ଷ୍ମୀଧର ନାୟକ। ପୁଲିସ୍ ଦୁହିଁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେହିପରି ଏହି ହତ୍ୟାକାଣ୍ଡକୁ କେନ୍ଦ୍ର କରି କାକିଗାଁ ଗାଁରେ ତୀବ୍ର ଉତ୍ତେଜନା ଦେଖାଦେଇଛି।

ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନାଙ୍କ ସୂଚନାନୁଯାୟୀ, ସେମିଳିଗୁଡ଼ା ନିକଟସ୍ଥ କାକିଗାଁ ଗାଁର ଶଙ୍କର ଜଣେ କିନ୍ନର। ସେ ଗ୍ରାମଦେବୀଙ୍କ ମନ୍ଦିରରେ ଦୀର୍ଘ ଦିନ ହେବ ପୂଜାର୍ଚ୍ଚନା କରି ଆସୁଥିଲେ। ପୂଜାପାଠକୁ କେନ୍ଦ୍ର କରି ପଡ଼ୋଶୀ ଦେବ ବଦଲିଗୁଡ଼ିଆଙ୍କ ସହ ତାଙ୍କର ମନୋମାଳିନ୍ୟ ରହିଥିଲା। ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଶଙ୍କର ମନ୍ଦିରରୁ ଘରକୁ ଫେରୁଥିବା ବେଳେ ଘର ସାମ୍ନାରେ ବସିଥିବା ଦେବଙ୍କ ସହ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦେବ ଓ ତାଙ୍କ ସହଯୋଗୀ ଲକ୍ଷ୍ମୀଧର ହାତରେ ପିନ୍ଧିଥିବା ବଳା ଓ ଏକ ଲୁହା ବାଲ୍‌ତିରେ ଶଙ୍କରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଦେବ ଲୁହା ବଳାରେ ଶଙ୍କରଙ୍କ ମୁଣ୍ଡକୁ ଏକାଧିକଥର ଶକ୍ତ ଆଘାତ ଦେବାରୁ ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଏହା ଦେଖି ଅଭିଯୁକ୍ତଦ୍ୱୟ ସେଠାରୁ ଫେରାର୍ ହୋଇଯାଇଥିଲେ। କିଛି ସମୟ ପରେ ଶଙ୍କରଙ୍କ ଭାଇ ସଞ୍ଜିତ ଘଟଣାସ୍ଥଳରେ ପହଞ୍ଚି ଶଙ୍କରଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ସୁନାବେଡ଼ା ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅପରପକ୍ଷେ, ବିଳମ୍ବିତ ରାତ୍ରିରେ ଅଭିଯକ୍ତଦ୍ୱୟ ସୁନାବେଡ଼ା ଥାନାରେ ଆତ୍ମସମର୍ପଣ କରିଥିଲେ।

**■ ଫନି କ୍ଷତିଗ୍ରସ୍ତଙ୍କ ସହାୟତା ରାଶି ହଡ଼ପ ଅଭିଯୋଗ**

# ପୁରୀ ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ଜବାବ ତଲବ

କଟକ, ୧୯।୫ (ସମିସ): ଗତ ଫନି ବ୍ୟାତ୍ୟାରେ କ୍ଷତିଗ୍ରସ୍ତ ଜନୈକ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ଅନୁକମ୍ପାମୂଳକ ସହାୟତା ରାଶିକୁ ବ୍ୟାଙ୍କରୁ ହଡ଼ପ କରାଯାଇଥିବା ଅଭିଯୋଗରେ ରୁଜୁ ମାମଲାକୁ ଓଡ଼ିଶା ମାନବାଧିକାର କମିସନ୍ (ଓଏଚଆରସି) ବିଚାର ପାଇଁ ଗ୍ରହଣ କରିଛନ୍ତି। ଏଥିସହ ପୁରୀ ଏସ୍‌ପିଙ୍କ ନିକଟରୁ ଏହି ପ୍ରସଙ୍ଗରେ ରିପୋର୍ଟ ତଲବ କରିଛନ୍ତି ମାନବାଧିକାର କମିସନ। ୭୭ ବର୍ଷୀୟ ଗୁଣ୍ଡିଚା ବେହେରାଙ୍କ ଆବେଦନର ଶୁଣାଣି କରି କମିସନ୍ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘନ ପୂଜାହାରୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ପୁରୀ ଜିଲ୍ଲା ପିପିଲି ତହସିଲ ଅନ୍ତର୍ଗତ ଦକ୍ଷିଣସାହିଛକ ବାସିନ୍ଦା ଗୁଣ୍ଡିଚାଙ୍କ ମାଟି ଘର ଗତ ୨୦୧୯ର ଫନି ବାତ୍ୟାରେ ଭାଙ୍ଗି ଯାଇଥିଲା। ସରକାରଙ୍କ ପକ୍ଷରୁ ଏଥିପାଇଁ ୯୫ହଜାର ଟଙ୍କାର ଅନୁକମ୍ପାମୂଳକ ସାହାୟତା ରାଶି ତାଙ୍କ ସାତଶଙ୍ଖ ଛକରେ ଥିବା ଜାତୀୟକରଣ ବ୍ୟାଙ୍କ ଖାତାରେ ୨୦୨୦, ଫେବ୍ରୁଆରି ୨୯ରେ ଜମା ହୋଇଥିଲା। ତେବେ ପିପିଲି ତହସିଲଦାରଙ୍କ ବ୍ୟାଙ୍କ ଖାତା ଅଚଳ କରାଯାଇଥବା ହେତୁ ଏହି ଟଙ୍କାକୁ ଉଠାଇବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅନୁମତି ଦେଇ ନଥିଲେ। ଆବେଦନକାରୀ ଏ ନେଇ ପିପିଲି ତହସିଲଦାରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବାରୁ ତାଙ୍କ ବ୍ୟାଙ୍କ ଖାତା ସଚଳ ଅଛି ଓ ଏହାକୁ ଅଚଳ କରିବାକୁ କିଛି ନିର୍ଦ୍ଦେଶ ନଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଆବେଦନକାରୀ ପରେ ଉକ୍ତ ବ୍ୟାଙ୍କ ଶାଖାରେ ଯାଇ ଯୋଗାଯୋଗ କରିବା ପରେ ଗତ୨୦୨୦, ମାର୍ଚ୍ଚ ୧୩ରେ ତାଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଯାଇ ସାରିଛି ବୋଲ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ସେ ଟଙ୍କା ଉଠାଇନଥିବା ବେଳେ ତାଙ୍କ ବ୍ୟାଙ୍କ ଖାତାରୁ ଚଞ୍ଚକତା କରି ଅନ୍ୟ କେହି ଟଙ୍କା ନେଇ ଯାଇଥିବା ପିପିଲି ଥାନାରେ ଅଭିଯୋଗ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ନିଶିକାନ୍ତ ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ଅଖଣ୍ଡ ଓ ବର୍ଷା ସ୍ୱାଇଁ ସହାୟତା କରୁଛନ୍ତି।

**■ ରଥଖଳାରୁ...**

# ଡେରାହେଲା ଚକ ଅଖ



ପୁରୀ,୧୯।୫(ସମିସ): ସୋମବାର ଥିଲା ଶ୍ରୀକ୍ଷେତ୍ର ଭଉଁରୀ। ପରମ୍ପରା ଅନୁଯାୟୀ ଏହି ପବିତ୍ର ତିଥିରେ ରଥଖଳାରେ ୩ଟି ଅଖ ସହ ଛଅଟି ଚକ ସଂଯୋଗ ପୂର୍ବକ ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ପ୍ରଥମେ ୩ଟି ଅଖ ଏବଂ ୬ଟି ଚକର ଅଖ ବିନ୍ଧରେ ତେଲ ଦିଆଯାଇଥିଲା। ସିଂହଦ୍ୱାର ସମ୍ମୁଖ କୂଅରୁ ପାଣି ଅଣାଯାଇ ଡେରା ପାଇଁ ରହିଥିବା ଚକ ଏବଂ ଅଖକୁ ସ୍ନାନ କରାଯାଇଥିଲା। ୬ଟି ଚକ ପଦାରିରେ କମାର ସେବକମାନେ ନଡ଼ିଆ ଭାଙ୍ଗି ଯୋକିଆ କଣ୍ଟା ବାଡ଼େଇଥିଲେ। ସେପଟେ ଶ୍ରୀମନ୍ଦିରରେ ପୂର୍ବାହ୍ନ ୧୧ଟା ୧୦ରେ ସକାଳ ଧୂପ ଶେଷ ହୋଇଥିଲା। ପରେ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ଛତି, ତରାଶ, କାହାଳି ସହ ପଟୁଆରରେ ରତ୍ନସିଂହାସନରୁ ଶ୍ରୀବିଗ୍ରହମାନଙ୍କ ୩ଟି ଆଜ୍ଞାମାଳ ନେଇ ରଥଖଳା ଅଭିମୁଖେ ବାହାରିଥିଲେ।

ବଡ଼ଠାକୁରଙ୍କ ବାଡ଼ରୁ ଲକ୍ଷ୍ମୀ ନାରାୟଣ ପୂଜାପଣ୍ଡା ସାମନ୍ତ, ଦେବୀ ସୁଭଦ୍ରାଙ୍କ ବାଡ଼ରୁ ଗୋପବନ୍ଧୁ ପୂଜାପଣ୍ଡା ସାମନ୍ତ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରୁ ବିଶ୍ୱନାଥ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଆସିଥିଲେ। ପ୍ରଥମେ ଶ୍ରୀନଅରକୁ ଯାଇ ନିର୍ଦ୍ଦେଶ ପାଇବା ପରେ ରଥଖଳାରେ ପହଞ୍ଚିଥିଲେ। ଏହାପରେ ଭୋଇ ସେବକମାନେ ପ୍ରଥମେ ତାଳଧ୍ୱଜ ରଥର ଚକ ସହିତ ଅଖ ସଂଯୋଗ କରି ଡେରିଥିଲେ। ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥର ଚକଡେରା ସମ୍ପନ୍ନ ହୋଇଥିଲା। ରଥ ନିର୍ମାଣକାରୀ ସେବକଙ୍କ ଜୟ ଜଗନ୍ନାଥ, ହରିବୋଲ ଧ୍ୱନିରେ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

ଚକଡେରା କାର୍ଯ୍ୟ ସମ୍ପନ୍ନ ହେବା ପରେ ତିନିଜଣ ପୂଜାପଣ୍ଡା ସାମନ୍ତ ଡେରା ଯାଇଥିବା ଚକରେ ଆଜ୍ଞାମାଳ ପ୍ରଦାନ କରିଥିଲେ। ପ୍ରଥମେ ତାଳଧ୍ୱଜ ରଥରେ ଆଜ୍ଞାମାଳ ଦିଆଯାଇଥିଲା। ପରେ ନନ୍ଦିଘୋଷ ରଥ ଏବଂ ଶେଷରେ ଦର୍ପଦଳନ ରଥର ଡେରାଯାଇଥିବା ଚକରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ପରେ ତିନିରଥର ମୁଖ୍ୟ ମହାରଣାମାନେ ମହାପ୍ରଭୁଙ୍କୁ ପ୍ରଣାମ କରି ଚକରେ ଲାଗି ହୋଇଥିବା ଆଜ୍ଞାମାଳକୁ କାଢ଼ି ରଥଖଳା ସମ୍ମୁଖରେ ଥିବା ମା’ ଚର୍ଚ୍ଚିକାଙ୍କ ପୀଠକୁ ନେଇଥିଲେ। ୩ଟି ଯାକ ଆଜ୍ଞାମାଳ ମା’ ଚର୍ଚ୍ଚିକାଙ୍କୁ ଲାଗି କରାଯାଇଥିଲା। ଏହାପରେ ମହାରଣାମାନେ ମା’ଙ୍କ ନିକଟରେ ପୂଜାର୍ଚ୍ଚନା କରି ଫେରିଥିଲେ।

ସୋମବାର ଚକଡେରା ନୀତିରେ ଭୋଇ ସେବକ ପ୍ରଥମ ହରିବୋଲ ପକାଇଛନ୍ତି। ରଥ ନିର୍ମାଣ ଶେଷ ପର୍ଯ୍ୟନ୍ତ ବିଧି ଅନୁଯାୟୀ ଆଉ ୮ଟି ହରିବୋଲ ପକାଯିବ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି।

**ନିର୍ଦ୍ଧାରିତ ସମୟରେ ହୋଇ ପାରିଲାନି ନୂଆ କୁଳପତି ନିଯୁକ୍ତି**

# ପୁଣି ବର୍ଷେ ବଢ଼ିବ କେବଳ ‘ଉତ୍କଳ’ କୁଳପତିଙ୍କ କାର୍ଯ୍ୟକାଳ !

ଭୁବନେଶ୍ୱର,୧୯।୫(ସମିସ): ରାଜ୍ୟର ୭ଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ କୁଳପତି । ଅସ୍ଥାୟୀ ଦାୟିତ୍ୱରେ ଥିବା କୁଳପତିମାନେ ବିଶ୍ୱବିଦ୍ୟାଳୟ ଚଳାଉଛନ୍ତି। ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୪ ରାଜ୍ୟରେ ଲାଗୁ ହୋଇଥିଲେ ମଧ୍ୟ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ ଓ କେବେ ସୁଦ୍ଧା ନୂଆ କୁଳପତି ନିଯୁକ୍ତି ପାଇବେ ତାହା ମଧ୍ୟ ସ୍ପଷ୍ଟ ନୁହେଁ। ପୁଣି ନୂଆ ବିଶ୍ୱବିଦ୍ୟାଳୟ ନିୟମ ଅନୁସାରେ ସରକାର ଯାହାକୁ ଚାହିଁବେ ତାକୁ କୁଳପତି ନିଯୁକ୍ତି କରିବାର କ୍ଷମତା ରଖିଥିବାରୁ ଏହି ପଦ ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କ ସନ୍ଧାନ କାର୍ଯ୍ୟ ଶେଷ ହୋଇ ପାରୁନାହିଁ । ଏହି ପରିପ୍ରେକ୍ଷୀରେ ନୂଆ କୁଳପତି ନିଯୁକ୍ତିରେ ଉଚ୍ଚଶିକ୍ଷା ବିଭାଗ ବିଫଳ ହୋଇଥିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇବାକୁ ସବୁଜ ସଙ୍କେତ ଦେଇଛି କୁଳାଧିପତିଙ୍କ କାର୍ଯ୍ୟାଳୟ। ରାଜଭବନ ପକ୍ଷରୁ ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖାଯାଇଛି। ତେବେ ସ୍ଥାୟୀ କୁଳପତି ନ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରତିଷ୍ଠାନର ବରିଷ୍ଠ ପ୍ରଫେସର ବା ନିକଟସ୍ଥ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଉଥିବାବେଳେ ଉତ୍କଳ କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି ପରାମର୍ଶକୁ ଅନେକ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ବିଭାଗର କିଛି ବରିଷ୍ଠ ଅଧିକାରୀ ଓ ବିଶ୍ୱବିଦ୍ୟାଳୟର କିଛି ପ୍ରଫେସର ଏହାକୁ ନେଇ ଆପତ୍ତି କରିଥିବା ମଧ୍ୟ ସୂଚନା ମିଳିଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ୪ବର୍ଷିଆ କାର୍ଯ୍ୟକାଳ ଗତ ନଭେମ୍ବର ମାସରେ ଶେଷ ହୋଇଥିଲା। ଏହାପରେ ତିନି କୁଳପତିଙ୍କ କାର୍ଯ୍ୟକାଳ ୬ମାସ ବୃଦ୍ଧି କରାଯାଇଥିଲା। ଇତି ମଧ୍ୟରେ ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଜିଏମ୍ ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେଇଛନ୍ତି । ସେମାନଙ୍କ ସ୍ଥାନରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଅସ୍ଥାୟୀ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି। ଆସନ୍ତା ୨୩ ତାରିଖରେ ଉତ୍କଳ କୁଳପତିଙ୍କ କାର୍ଯ୍ୟକାଳ ଶେଷ ହେବ । ତେଣୁ ତାଙ୍କ ସ୍ଥାନରେ ନୂଆ କୁଳପତିଙ୍କୁ ନିଯୁକ୍ତି ଦିଆଯିବା ଜରୁରୀ । ମାତ୍ର ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ରାଜଭବନ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଆହୁରି ଏକ ବର୍ଷ ବୃଦ୍ଧି କରାଯିବାକୁ ପରାମର୍ଶ ଦିଆଯାଇଛି । ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଓ ବିଶ୍ୱବିଦ୍ୟାଳୟର ଅନେକ ବରିଷ୍ଠ ପ୍ରଫେସର, ଶିକ୍ଷାବିତ୍ ଭ୍ରୂକୁଞ୍ଚନ କରିଛନ୍ତି ।

**୭ ବିଶ୍ୱବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ କୁଳପତି**

## ଅଲାରନାଥଙ୍କ ପୀଠରେ ଭଉଁରୀ ଯାତ୍ରା

# ଶ୍ରୀଜୀଉଙ୍କ ସର୍ବାଙ୍ଗ ଚନ୍ଦନ ବେଶ

ବ୍ରହ୍ମଗିରି,୧୯।୫(ସମିସ): ଅଲାରନାଥଙ୍କ ପୀଠରେ ସୋମବାର ପବିତ୍ର ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଛି। ଶ୍ରୀଜୀଉଙ୍କ ସର୍ବାଙ୍ଗ ଚନ୍ଦନ ବେଶ ହୋଇଥିବାବେଳେ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁମାନେ। ଅକ୍ଷୟ ତୃତୀୟା ଦିନଠାରୁ ୨୧ ଦିନ ଚନ୍ଦନ ପୁଷ୍କରିଣୀରେ ଚାପ ଖେଳିଛନ୍ତି ଶ୍ରୀଅଲାରନାଥ ଜୀଉଙ୍କ ଚଳନ୍ତି ପ୍ରତିମାମାନେ। ଶ୍ରୀଜୀଉଙ୍କ ଦୁର୍ଲଭ ସର୍ବାଙ୍ଗ ଚନ୍ଦନ ବେଶ ଗୋପାଳ ବଲ୍ଲଭ ନୀତି ପରେ ଆରମ୍ଭ ହୋଇଥିଲା।



ରବିବାର ୧୦ କେଜି ଚନ୍ଦନ କାଠ ଆସି ମନ୍ଦିର ଭିତରେ ଥିବା ଗଙ୍ଗା ଓ ଯମୁନା କୂଅରେ ରହିଥିଲା। ସୋମବାର ସକାଳୁ ଗୋପାଳ ବଲ୍ଲଭ ପରେ ୧୬ ଜଣ ବିମାନବଡୁ ସେବାୟତ ଏହି ଚନ୍ଦନ କାଠକୁ ନେଇ ଶ୍ରୀଚୈତନ୍ୟ ଚକଡ଼ାରେ ପହଞ୍ଚିବା ପରେ ଚନ୍ଦନ ଘୋରା ଆରମ୍ଭ ହୋଇଥିଲା। କର୍ପୂର, କେଶର, ଜାଇଫଳ, ଯାଇପତ୍ରୀ, ଅଗୁର, କୁଙ୍କୁମ, କସ୍ତୁରୀ ପ୍ରଭୃତି ସୁବାସିତ ଦ୍ରବ୍ୟ ମିଶ୍ରିତ ହୋଇ ଶ୍ରୀଜୀଉଙ୍କ ବେଶ ପାଇଁ ଚନ୍ଦନ ପ୍ରସ୍ତୁତି ହୋଇଥିଲା। ୭ ଜଣ ସିଂହାରୀ ଓ ମେକାପ ସେବାୟତ ଶ୍ରୀଜୀଉଙ୍କ ବେଶ ସକାଳ ୮ଟାରୁ ଆରମ୍ଭ କରି ସନ୍ଧ୍ୟା ୫ଟାରେ ଶେଷ କରିଥିଲେ। ଶ୍ରୀଜୀଉଙ୍କ ସର୍ବାଙ୍ଗ ଚନ୍ଦନ ବେଶ ଚାଲିଥିବାବେଳେ ଶ୍ରଦ୍ଧାଳୁ ଅର୍ଗଳି ପୂର୍ବରୁ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଶ୍ରୀଜୀଉଙ୍କ ସର୍ବାଙ୍ଗ ଚନ୍ଦନ ବେଶ ଶେଷ ହେବା ପରେ ବିଜୟ ବିଗ୍ରହ ବନକ ଲାଗି ହୋଇ ସୁସଜ୍ଜିତ ପାଲିଙ୍କି ଓ ବିମାନକୁ ବିଜେ କରି ଭଉଁରୀ ଚାପକୁ ବିଜେ କରିଥିଲେ। ଚନ୍ଦନ କୁଣ୍ଡରେ ମହାସ୍ନାନ କରି ସେଠାରେ ବିଜୟ ବିଗ୍ରହଙ୍କ ବନକ ଲାଗି ହୋଇଥିଲା। ଏହି ସମୟରେ ମୁଖ୍ୟ ମନ୍ଦିରରେ ସନ୍ଧ୍ୟା ଆଳତି, ମଇଲମ ଓ ସନ୍ଧ୍ୟା ଧୂପ ନୀତି ହୋଇଥିଲା। ପରେ ବିଜୟ ବିଗ୍ରହ ରାତି ଚାପରେ ପୁଷ୍କରିଣୀରେ ୨୧ ଘେରା ଚାପ ପରିକ୍ରମା କରି ବିମାନ ଓ ପାଲିଙ୍କିରେ ବିଜେ ହୋଇ ସେବାୟତ ଗାଁ ଅଲାରପୁରଠାରେ ଦୋଳବେଦୀରେ ପହଞ୍ଚିଥିଲେ। ସେଠାରେ ପନ୍ତି ଭୋଗ ଅର୍ପଣ ହୋଇ ମୁଖ୍ୟ ମନ୍ଦିରକୁ ଫେରିବା ପରେ ବଡ଼ସିଂହାର ବେଶ ଓ ଧୂପ ନୀତି ବଢ଼ି ପହଡ଼ ହୋଇଥିଲା। ପୀଠରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଚନ୍ଦନ ଚକଡ଼ା ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଛି। ଓଡ଼ିଶୀ ନୃତ୍ୟ, ଗୋଟିପୁଅ ସହିତ ଭଜନ ସମାରୋହରେ ଚନ୍ଦନ ଚକଡ଼ା କମ୍ପିଛି। ମଙ୍ଗଳବାର ଶ୍ରୀଅଲାରନାଥଙ୍କ ହଳଦୀ ପାଣି ନୀତି ବଢ଼ିବ। ସେଥିପାଇଁ ସୋମବାରଠାରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଆଳତି, ମଇଲମ ଓ ଧୂପ ନୀତି ବଢ଼ିବା ପରେ ଶ୍ରୀଜୀଉଙ୍କ ବିଜୟ ବିଗ୍ରହ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ବିଜେ ହୋଇ ଚାପ ପୋଖରୀ କୂଳରେ ପହଞ୍ଚିବା ପରେ ସେଠାରେ ଥିବା ନନ୍ଦା ଓ ଭଦ୍ରା ନାମକ ଦୁଇଟି ଡଙ୍ଗାକୁ କେବଳ ସ୍ପର୍ଶ କରି ହଳଦୀ ପାଣି ନୀତି ବଢ଼ିବା ସହିତ ମୁଖ୍ୟ ମନ୍ଦିରକୁ ବିଜେ କରିବେ ବୋଲି ଅଲାରନାଥ ଟ୍ରଷ୍ଟ ତଥା ସେବାୟତ ନିଯୋଗ ପକ୍ଷରୁ ସୂଚନା ମିଳିଛି।

# ଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ମଣ୍ଡଳୀ

### ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କଲେ ନଗେନ୍ଦ୍ର

ପିପିଲି,୧୯।୫(ସମିସ): ଗତ ସପ୍ତାହରେ ପିପିଲି ଥାନା ଖେଲାଉର ଛକ ନିକଟରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେବା ଫଳରେ ଅଭିଯୁକ୍ତକୁ ଘଟଣା ଘଟିବାର ୧୫ଦିନ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଥିଲା। ପୀଡ଼ିତାଙ୍କ ପରିବାର କିଭଳି ଅବସ୍ଥାରେ ରହିଛନ୍ତି ସେ ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିବା ପାଇଁ ସୋମବାର ରାଜ୍ୟ କଂଗ୍ରେସ ପକ୍ଷରୁ ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ପାଖରେ ପହଞ୍ଚି ତାଙ୍କ ମାଆଙ୍କୁ ସାକ୍ଷାତ୍ କରି ସମବେଦନା ଜଣାଇବା ସହିତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଟିମ୍‌ରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ନିଶିକାନ୍ତ ମିଶ୍ର, ମାନସ ମଲ୍ଲିକ, ଅନିମା ମିଞ୍ଜ, ନିରୁପମା ପାତ୍ର, ବ୍ଲକ୍ ସଭାପତି ବିଶ୍ୱରଞ୍ଜନ ମିଶ୍ର, ସୁରେନ୍ଦ୍ର ସେଠୀ, ଏସ୍‌କେ ମେହେବୁବ୍, କୃଷକ ନେତା ପ୍ରଶାନ୍ତ ଜେନାଙ୍କ ସମେତ ଅନେକ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇ ଏଭଳି ଘଟଣାକୁ ନିନ୍ଦା କରିବା ସହିତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି।



# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଗୋପ,୧୯।୫(ସମିସ): ସୋମବାର ଗୋପ ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବାବେଳେ ୩୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ଜଣାପଡ଼ିଛି। ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବା ଲାଗି ପୂର୍ବରୁ ସୂଚନା ଦିଆଯାଇଥିବାବେଳେ ବିଳମ୍ବରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ୭ଟା ପରିବର୍ତ୍ତେ ୮ଟାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୦ଟାରେ ଶେଷ ହୋଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ଲଲାଟେନ୍ଦୁ ମିଶ୍ର, ବ୍ଲକ୍ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ବିଡିଓ ଛବିରାଣୀ ସାହୁଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ବିଶେଷକରି ରାଜସ୍ୱ ବିଭାଗରୁ ଅଧିକ ଅଭିଯୋଗ ଆସିଥିବା ଦେଖିବାକୁ ମିଳିଥିଲା।



# ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

କଣାସ,୧୯।୫(ସମିସ): ପାଣିପାଗ ସନ୍ତୁଳନ ରକ୍ଷା କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବନ ବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଅଞ୍ଚଳରେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ପୁରୀ ଜିଲ୍ଲା କଣାସ ବ୍ଲକ୍ ଚିଲିକା ଉପକୂଳରେ ଥିବା ୭୨ ଏକର ସରକାରୀ ଜମିରେ ବନୀକରଣ ପାଇଁ ଗୋପୀନାଥପୁର ପଞ୍ଚାୟତର ପାଇକମରା ଗ୍ରାମବାସୀଙ୍କୁ ଦାୟିତ୍ୱ ଦେଇଥିଲେ। ଗ୍ରାମବାସୀମାନେ ୭୨ ଏକର ସରକାରୀ ଜମିରେ ଝାଉଁ ଗଛ ଲଗାଇଥିଲେ। କେହି ଦୁର୍ବୃତ୍ତ ୪ ଦିନ ତଳେ ଝାଉଁ ଜଙ୍ଗଲରେ ନିଆଁ ଲଗାଇଦେବାରୁ ଅନେକ ଗଛ ପୋଡ଼ି ପାଉଁଶ ହୋଇଯାଇଛି। ଏ ସମ୍ପର୍କରେ ଗ୍ରାମବାସୀମାନେ କଣାସ ତହସିଲ୍‌ଦାର ଏବଂ ବନ ବିଭାଗ କର୍ମଚାରୀମାନଙ୍କୁ ନିଆଁ ଲାଗିଥିବା ସମ୍ପର୍କରେ ଜଣାଇ ଦେଇଛନ୍ତି। କଣାସ ତହସିଲ୍‌ଦାର ଟ୍ରେନିଂରେ ଯାଇଥିବାରୁ ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ, ଗ୍ରାମବାସୀମାନେ ମୋ ପାଖରେ ଅଭିଯୋଗ କରିବାରୁ ସୁପରଭାଇଜରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି। ସୁପରଭାଇଜର ତଦନ୍ତ କରି କୌଣସି ରିପୋର୍ଟ ମୋତେ ଦେଇନାହାନ୍ତି ବୋଲି କହିଛନ୍ତି।

# ଶ୍ରୀରଘୁନାଥ ଦେବଙ୍କ ନୂତନ ପ୍ରାସାଦ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ରଣପୁର,୧୯।୫(ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ଅନ୍ତର୍ଗତ ରାଜସୁନାଖଳା ଗ୍ରାମ ନୃସିଂହପୁର ଟାଙ୍ଗୀ ସାହିର ପ୍ରତିଷ୍ଠିତ ପ୍ରଭୁ ଶ୍ରୀରଘୁନାଥ ଦେବଙ୍କ ପବିତ୍ର ପୀଠରେ ନୂତନ ପ୍ରାସାଦ ପ୍ରତିଷ୍ଠା ଉତ୍ସବ ମହାସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ନୂତନ ପ୍ରାସାଦ ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶହ ଶହ ଶ୍ରଦ୍ଧାଳୁ ନିକଟସ୍ଥ ପୋଖରୀରୁ ୧୦୮ ଜଳ କଳସର ଏକ ବିଶାଳ ଶୋଭାଯାତ୍ରା ଆରମ୍ଭ କରିଥିଲେ। ଗଉଡ଼ବାଡ଼ି ଖେଳ ସହ ସଙ୍କୀର୍ତ୍ତନ ଦଳ ଓ ସୁବିଜ୍ଞ ପଣ୍ଡିତମାନଙ୍କ ବେଦପଠନ ପୂର୍ବକ ହୁଳହୁଳି ହରିବୋଲରେ କମ୍ପିଥିଲା ପରିବେଶ। ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା, ସର୍ବଦେବଦେବୀ ପୂଜା ଆଦି ଯଥାବିଧି ଆରମ୍ଭ କରାଯାଇଥିଲା। ଏହାକୁ ନୃସିଂହପୁର ଟାଙ୍ଗୀ ସାହି ଯୁବକ ସଂଘର ସଭାପତି କିଶୋର ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲାବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ପଣ୍ଡିତ ପଦ୍ମନାଭ ଦାଶଙ୍କ ନେତୃତ୍ୱରେ ପଣ୍ଡିତମାନେ ପରିଚାଳନା କରିଥିଲାବେଳେ ଯଜ୍ଞରେ କର୍ତ୍ତା ଭାବରେ ସତ୍ୟନାରାୟଣ ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ ପ୍ରଣତି ମଞ୍ଜରୀ ଦାସ ଯୋଗଦେଇଥିଲେ। ଏହି ଯଜ୍ଞରେ ରଣପୁର ପୂର୍ବତନ ବିଜେଡି ବିଧାୟକ ସତ୍ୟନାରାୟଣ ପ୍ରଧାନ, ବ୍ଲକ୍ ସଭାପତି ସଚ୍ଚିକାନ୍ତ ଷଡ଼ଙ୍ଗୀ ଏବଂ ଅନ୍ୟାନ୍ୟ ବିଜେଡି କର୍ମୀମାନେ ଯୋଗଦେଇଥିବା ବେଳେ କାସନ୍ଦା ଗ୍ରାମର ସଭାପତି ସୁକାନ୍ତ ସାମନ୍ତରାୟ ଉପସ୍ଥିତ ଥିଲେ।



# ୫୬ କେଜି ଗଞ୍ଜେଇ ଓ କାର୍ ଜବତ

ନୟାଗଡ଼,୧୯।୫(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ପୁଲିସ ଗୋଟିଏ କାରରୁ ଗଞ୍ଜେଇ ଜବତ କରିଛି। ଉକ୍ତ କାର୍‌ରେ ବିପୁଳ ପରିମାଣର ଗଞ୍ଜେଇ ଆସୁଥିବା ଜିଲ୍ଲା ପୁଲିସକୁ ଖବର ଆସିଥିଲା। ଜିଲ୍ଲା ପୁଲିସ ଏନେଇ ସଦର ଥାନା ଏବଂ ନୂଆଗାଁ ଥାନା ପୁଲିସକୁ ଖବର ଦେଇଥିଲା। ଉଭୟ ଥାନା ପୁଲିସ ଗାଡ଼ିଟିକୁ ନୂଆଗାଁ ଥାନା ଅନ୍ତର୍ଗତ ବକଳବନ୍ଧ ଛକରେ ଧରିବାକୁ ସକ୍ଷମ ହୋଇଥିଲେ। କାର୍‌ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଏହି କାର୍‌ରୁ ୫୬ କେଜି ଗଞ୍ଜେଇ ଜବତ ହୋଇଥିବା ସୂଚନା ମିଳିଛି। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଉଭୟ ଥାନା ପୁଲିସ ଚଢ଼ଉ କରିଥିବା ସୂଚନା ମିଳିଛି।

# ଓଡ଼ିଶୀ ସଙ୍କୀର୍ତ୍ତନ ମହୋତ୍ସବ ଉଦ୍‌ଯାପିତ



ବେଗୁନିଆ,୧୯।୫(ସମିସ): ବେଗୁନିଆ ବ୍ଲକ୍ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ବଡ଼ ତୁଳସୀପୁର ଗ୍ରାମସ୍ଥିତ ଉପରସାହିର ରାସବିହାରୀ ଦେବଙ୍କ ପୀଠରେ ରାମଲୀଳା କମିଟି ପକ୍ଷରୁ ଚାରିଦିନ ଧରି ଚାଲିଥିବା ପଞ୍ଚଦଶତମ ଓଡ଼ିଶୀ ସଙ୍କୀର୍ତ୍ତନ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ ବୈଦିକ ରୀତିନୀତି ଅନୁଯାୟୀ ଯଜ୍ଞାଚାର୍ଯ୍ୟ ପ୍ରଦୀପ କୁମାର ଦାଶଙ୍କ ତତ୍ତ୍ୱାବଧାନ ଓ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ କୃପାକର ତ୍ରିପାଠୀ କର୍ତ୍ତା ଭାବେ ଉପବେସନ କରିଥିଲେ। ପରେ ଶ୍ରଦ୍ଧାଳୁମାନେ ଯଜ୍ଞସ୍ଥଳରେ କଳସ ସ୍ଥାପନ ସହ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତ୍ୟହ ଗାୟକ ଉପେନ୍ଦ୍ର ନାଥ ଦାସ, ମନୋରମା ବେହେରା, ସୁବାସ ମହାପାତ୍ର, ଗଣେଶ ନିଶଙ୍କ, ପ୍ରହ୍ଲାଦ ସାହୁ, ପ୍ରଶାନ୍ତ କୁମାର ଜେନା, ଉପେନ୍ଦ୍ର ସ୍ୱାଇଁ ଓ ମାୟାଧର ହୋତା ସାଥିଙ୍କ ସହ ଉପସ୍ଥିତ ରହି ଓଡ଼ିଶୀ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ।

# ପୀରଜାହାନିଆ ପର୍ଯ୍ୟଟନସ୍ଥଳୀ ସମୀକ୍ଷା କଲେ ପ୍ରକଳ୍ପ ଅଧିକାରୀ



ଅସ୍ତରଙ୍ଗ,୧୯।୫(ସମିସ): ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ସର୍ବଧର୍ମ ସମନ୍ୱୟର ପୀଠ ପୀରଜାହାନିଆ ପର୍ଯ୍ୟଟନସ୍ଥଳ ସହିତ ସମୁଦ୍ର ବେଳାଭୂମିର ପାରିପାର୍ଶ୍ୱିକ ଉନ୍ନତି ପାଇଁ ସୋମବାର ପୁରୀ ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି କ୍ଷେତ୍ର ପରିଦର୍ଶନ କରିଥିଲେ। ଦିନ ୧୧ଟା ସମୟରେ ପୀରଜାହାନିଆଠାରେ ପହଞ୍ଚି ପର୍ଯ୍ୟଟନସ୍ଥଳର ପିଇବା ପାଣି, ପରିମଳ, ପାର୍କିଂ ସହ ବିଭିନ୍ନ ଆବଶ୍ୟକୀୟ ସୁବିଧା ତଥା ବ୍ୟବସାୟୀମାନଙ୍କ ପାଇଁ ନୂତନ ଦୋକାନ ଗୃହ ନିର୍ମାଣ ସ୍ଥାନ ପରିଦର୍ଶନ କରିଥିଲେ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କ ଆବଶ୍ୟକୀୟ ସୁବିଧା ଉପରେ ପୀରଜାହାନିଆ ବ୍ୟବସାୟୀ ସଂଘ ସଭାପତି ବୃନ୍ଦାବନ ବିଶ୍ୱାଳ ପ୍ରକଳ୍ପ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲ୍‌ଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ରଶ୍ମିରେଖା ସାହୁ, ସରୋଜ ଛାଟୋଇ ଓ ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲି ପ୍ରମୁଖ ଉପସ୍ଥିତ ଥିଲେ।

# ଅସହ୍ୟ ରୌଦ୍ରତାପ ସତ୍ତ୍ୱେ ଗାଁ ଛାଡୁନାହାନ୍ତି ବିଦେଶୀ ପକ୍ଷୀ

କଣାସ,୧୯।୫(ସମିସ): ଶୀତଋତୁ ଆସିଲେ ଏସିଆ ମହାଦେଶର ଲବଣାକ୍ତ ଭାବେ ପରିଚିତ ମରାଳ ମାଳିନୀ ନୀଳାମ୍ବୁ ଚିଲିକାକୁ ବିଭିନ୍ନ ଦେଶରୁ ଭିଭିନ୍ନ ପ୍ରଜାତିର ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ଆସି ଚିଲିକାର ସୌନ୍ଦର୍ଯ୍ୟ ବଢ଼ାଇଥା'ନ୍ତି। ପକ୍ଷୀମାନେ ଶୀତ ଋତୁ ଶେଷ ହେବା ପରେ ନିଜ ନିଜ ଦେଶକୁ ଫେରିଯାଇଥା'ନ୍ତି। କିନ୍ତୁ ଅସହ୍ୟ ରୌଦ୍ରତାପ ସତ୍ତ୍ୱେ ଚିଲିକା ଉପକୂଳବର୍ତ୍ତୀ କଣାସ ଅଞ୍ଚଳର ବିଭିନ୍ନ ଗ୍ରାମର ଧାନ ବିଲରେ ଖାଦ୍ୟ ଅନ୍ୱେଷଣରେ ହଜାର ହଜାର ବିଦେଶୀ ପକ୍ଷୀ ବୁଲୁଥିବା ଦେଖିବାକୁ ମିଳୁଛି। ପକ୍ଷୀମାନେ ବୁଲୁଥିବାର ସୁଯୋଗ ନେଇ କେତେକ ବ୍ୟକ୍ତି ନିଶାଦ୍ରବ୍ୟ ଦେବା ଏବଂ ଫାଶ, ଜାଲ ବସାଇ ପକ୍ଷୀମାନଙ୍କୁ ଧରି ନେଉଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଚିଲିକାର ପକ୍ଷୀ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦୃଷ୍ଟି ପଡୁ ନ ଥିବାରୁ ପକ୍ଷୀପ୍ରେମୀମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

# ରାସ୍ତା ଓ ପାନୀୟଜଳ ସମସ୍ୟା ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଦାବିପତ୍ର

ନିମାପଡ଼ା,୧୯।୫(ସମିସ): ନିମାପଡ଼ା ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ପ୍ରଶାସନ ନିକଟରେ କେତେକ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ୟାଗୁଡ଼ିକ ମଧ୍ୟରେ ନିମାପଡ଼ାରୁ ବଳଙ୍ଗା ୧୪ କିମି ରାସ୍ତା ଦୀର୍ଘ ବର୍ଷ ହେବ ମରଣଯନ୍ତା ପାଲଟିଥିବାରୁ ସେହି ରସ୍ତା ଦେଇ ଯାତାୟାତ କରୁଥିବା ଜନସାଧାରଣଙ୍କ ପାଇଁ ଘୋର୍ ସମସ୍ୟା ସୃଷ୍ଟି ହୋଇଛି। ସେହିପରି ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଯୋଗୁଁ ଗଡ଼ିଆ ପୋଖରୀ ଶୁଖିଲା ପଡ଼ିବା ଫଳରେ ପଶୁପକ୍ଷୀମାନେ ପାଣି ବିନା ଛଟପଟ ହେଉଛନ୍ତି। ଉକ୍ତ ରାସ୍ତାର ମରାମତି ଓ କେନାଲରେ ପାଣି ଛାଡ଼ିବାକୁ ନିମାପଡ଼ାର ଜାଗ୍ରତ ଯୁବ ଶକ୍ତି, ଗୋପବନ୍ଧୁ ସେବାସଂଘ ପକ୍ଷରୁ ନିମାପଡ଼ା ପୂର୍ତ୍ତ ବିଭାଗ ଅଧିକାରୀ ଓ ଜଳସଚେନ ବିଭାଗର ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜାଗ୍ରତ ଯୁବଶକ୍ତିର ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ଗୋପବନ୍ଧୁ ସେବାସଂଘର ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ର, ଶରତ ସେନାପତି, ଶକ୍ତି ପ୍ରସାଦ ରଥ, ରଣଜିତ ରଥ, ରତିକାନ୍ତ ଓଝା, ବାବୁଲି ମହାପାତ୍ର, ଦେବାଶିଷ ଦାଶ, ବିଶ୍ୱଜିତ୍ ବେହେରା, ଅଭିଜିତ୍ ମହାପାତ୍ର, ନିରଞ୍ଜନ ଓଝାଙ୍କ ସମେତ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଦୁଇ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।



# ଦୁଇଦିନିଆ ଗ୍ରୀଷ୍ମ ସେବା ଶିବିର

ଗଣିଆ,୧୯।୫(ସମିସ): ଗଣିଆସ୍ଥିତ ରଘୁନାଥଜୀଉ ମହାବିଦ୍ୟାଳୟ ପରିସରରେ ସତ୍ୟସାଇ ସେବା ଟ୍ରଷ୍ଟ ତରଫରୁ ଦୁଇଦିନିଆ ଗ୍ରୀଷ୍ମ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସତ୍ୟସାଇ ସେବା ଟ୍ରଷ୍ଟର ଆବାହକ ରାଜେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସତ୍ୟସାଇ ସେବା ଟ୍ରଷ୍ଟ ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ଦେହୁରୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପଣ୍ଡା, କଟକ ଜିଲ୍ଲାରୁ ଆସିଥିବା ପ୍ରତାପ ଚନ୍ଦ୍ର ପରିଡ଼ା, ଜଗନ୍ନାଥ ଦୋରା, ଦେବେନ୍ଦ୍ର ଭାଇ, ଗଣିଆ ଭଜନ ମଣ୍ଡଳ ସଭାପତି ଅନନ୍ତ ଚରଣ ପ୍ରଧାନଙ୍କ ସମେତ ଶିବିରରେ ନୟାଗଡ଼ ଜିଲ୍ଲାର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀ ଯୋଗଦେଇଥିଲେ। ୨ ଦିନ ଧରି ଉକ୍ତ କାର୍ଯ୍ୟକ୍ରମ ଦୈନନ୍ଦିନ ଜୀବନଶୈଳୀ ସହିତ ଆଧ୍ୟାତ୍ମିକ ମାର୍ଗରେ ଭଗବତପ୍ରାପ୍ତ କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ଆବାହକ ଶ୍ରୀ ସାହୁ କହିଥିଲେ। ଏଥିସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ମୁକାବିଲା କରାଯାଇପାରିବ, ନିଆଁ ଲାଗିଲେ କିପରି ନିଆଁରୁ ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ଟ୍ରଷ୍ଟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



## ବିଦ୍ୟୁତ୍ ଟ୍ରାନ୍ସଫର୍ମର ନ ବସିବାରୁ ବଢୁଛି ଅସନ୍ତୋଷ

# କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ଟାଙ୍ଗୀ,୧୯।୫(ସମିସ): ଟାଙ୍ଗୀ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଅଧୀନସ୍ଥ ଚାନ୍ଦପୁର କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରଭୁକ୍ତ କନ୍ଧନୟାଗଡ଼ ପଣସପୁର ପାଟଣାସାହି ଉପଭୋକ୍ତା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ୧୦ କିଲୋୱାଟ୍‌ର ଟ୍ରାନ୍ସଫର୍ମର ଦୀର୍ଘ ଦିନ ଧରି ଥିବାବେଳେ ଅଧିକ ଉପଭୋକ୍ତାଙ୍କୁ ଏହି ଟ୍ରାନ୍ସଫର୍ମରରୁ ସଂଯୋଗ ଦିଆଯାଉଥିଲେ ମଧ୍ୟ ଅଧିକ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ କରାଯାଉ ନ ଥିବାରୁ ଲୋ-ଭୋଲ୍‌ଟେଜ୍ ସମସ୍ୟା ଲାଗିରହିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବାବେଳେ ଲୋ-ଭୋଲ୍‌ଟେଜ୍ ଯୋଗୁଁ ଉପଭୋକ୍ତା ଅକଥନୀୟ ଦୁର୍ଦ୍ଦଶା ଭୋଗିବା ଏପରିକି ବାରମ୍ବାର ବିଦ୍ୟୁତ୍ କଟିବା ଫଳରେ କନିଷ୍ଠଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ। କୌଣସି ପଦକ୍ଷେପ ବିଭାଗ ତରଫରୁ ନିଆ ନ ଯିବାରୁ ଉପଭୋକ୍ତାଙ୍କ ତରଫରୁ ପବିତ୍ର ମୋହନ ପଲେଇ, ରଞ୍ଜନ ପଲେଇ ଓ ଗୋଦାବରୀଶ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଫଳରେ ଚଳିତ ମାସ ୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଟ୍ରାନ୍ସଫର୍ମର ବସିବା ପାଇଁ ସ୍ଥିର କରାଗଲା। କନିଷ୍ଠଯନ୍ତ୍ରୀ ନିଜେ ଉପସ୍ଥିତ ରହି ସ୍ଥାନ ନିରୂପଣ କରାଯାଇ ଟ୍ରାନ୍ସଫର୍ମର ବସାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ଏଯାବତ୍ ଟ୍ରାନ୍ସଫର୍ମର ସ୍ଥାପନ ହୋଇପାରି ନ ଥିବାରୁ ବିଦ୍ୟୁତ୍ କର୍ମଚାରୀଙ୍କ ଏତାଦୃଶ କାର୍ଯ୍ୟରେ ଅସନ୍ତୋଷବ୍ୟକ୍ତ କରି ସମସ୍ତ ଉପଭୋକ୍ତା ସୋମବାର ଦିନ ୧୧ଟା ସମୟରେ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ। ଖବରପାଇ କନିଷ୍ଠଯନ୍ତ୍ରୀ ଚତୁରତାର ସହିତ ଛୁଟିରେ ଅଛନ୍ତି ବୋଲି କର୍ମଚାରୀମାନେ ଲୋକମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଦୀର୍ଘ ଦିନର ଅସନ୍ତୋଷକୁ ବିଭାଗୀୟ ଲୁଚକାଳି ଖେଳରେ ଉତ୍କ୍ଷିପ୍ତ ହୋଇ ଧାରଣାରେ ବସିଥିବା ସମସ୍ତ ଉପଭୋକ୍ତା ଟାଙ୍ଗୀ ଉପଖଣ୍ଡ ଅଧିକାରୀଙ୍କ ସେସୁ କାର୍ଯ୍ୟାଳୟରେ ଧାରଣା ଦେବା ଫଳରେ ସହକାରୀ ଯନ୍ତ୍ରୀ ନିଜେ ଆସି ଆଲୋଚନା କରିଥିଲେ। ଟ୍ରାନ୍ସଫର୍ମର ବସାଇବା ପାଇଁ ସହମତି ଦେଇଥିଲେ ମଧ୍ୟ କୌଣସି ସମୟସୀମା ଦେଇ ନ ଥିବାରୁ ଅସନ୍ତୋଷ ଆଗାମୀ ଦିନରେ ଉଗ୍ର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି। କନିଷ୍ଠଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ ଫୋନ୍ ଉଠାଇ ନ ଥିଲେ।



### ମୁଖ୍ୟମନ୍ତ୍ରୀଙ୍କ ଆଦେଶକୁ ଅବମାନନା

# ପାଣି ପମ୍ପ୍ ଚୋରି

ନୟାହାଟ,୧୯।୫(ସମିସ): ନୟାହାଟ ଫାଣ୍ଡିରେ ଗାଡ଼ି ନ ଥିବାରୁ ପାଟ୍ରୋଲିଂ ନ ହେବା ଫଳରେ ଘନ ଘନ ଚୋରି ପୁଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡିର ଦେଶୁଣ୍ଡି ଛକ ଆମପଡ଼ା ରାସ୍ତାରେ କୋଠାଘର କରିଥିବା ଅଜୟ ଦଳେଇଙ୍କ ପାଣି ପମ୍ପଟି ଚୋରି ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ସୋମବାର ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ତଦନ୍ତ କରିବାକୁ ଯାଇ ଜାଣିବାକୁ ପାଇଥିଲେ ଯେ ପାଣି ପମ୍ପ୍ ଚୋରିରେ ଏକ ଗ୍ୟାଙ୍ଗ୍ କାମ କରୁଛି।

# ହୋମ୍‌ଗାର୍ଡଙ୍କ ଅକାଳ ବିୟୋଗ

କଣାସ,୧୯।୫(ସମିସ): କଣାସ ଥାନା ତ୍ରିଲୋଚନପୁର ଗ୍ରାମର କଣାସ ଥାନାରେ ହୋମ୍‌ଗାର୍ଡଭାବେ କାର୍ଯ୍ୟ କରୁଥିବା ସରୋଜକାନ୍ତ ଆଚାର୍ଯ୍ୟ(୫୮)ଙ୍କର ସୋମବାର ପରଲୋକ ହୋଇଯାଇଛି। ସରୋଜ ରବିବାର ଘରେ ଥିବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପରିବାର ଲୋକ ଡେଲାଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ସକାଳୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ଘୋଷଣା କରିଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାବାଜୀ ଚରଣ ପରିଡା
ଅର୍ଣ୍ଣିଆ-କୃଷ୍ଣନପୁର, ପୋ.ଅ - ସିଂହାପୁର, ଯାଜପୁର
ଆବିର୍ଭାବ -୧୫. ୦୧. ୧୯୪୯
ତିରୋଧାନ -୧୦. ୦୫. ୨୦୨୫
ତମେ ଚାଲିଗଲ ଅଫେରା ରାଇଜକୁ ଆଉ ଫେରିବ ନାହିଁ କେବେ। ତୁମ ସ୍ନେହ, ମମତା, ନୀତି ଓ ଆଦର୍ଶ ଆମ ପାଇଁ ପାଥେୟ ହେଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସହଧର୍ମିଣୀ -ସନ୍ଧ୍ୟାରାଣୀ ପରିଡା, ପୁଅବୋହୂ - ସମିତ - ଗାୟତ୍ରୀ, ସନ୍ଦୀପ - ଶର୍ବାଣି, ଝିଅଜ୍ୱାଇଁ - ସ୍ୱାଗତିକା - ଆନନ୍ଦ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

୧୯/୫/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୫୮,୯୬୭/- ସୁନା: ୦୨.୦୦୦ ଗ୍ରାମ୍ ରୁପା: ୨୨.୩୦୦ ଗ୍ରାମ୍



ଭଉଁରୀ ଯାତ

# ନରେନ୍ଦ୍ରରେ ୨୧ ଘେରା ଚାପ ଖେଳିଲେ ମହାପ୍ରଭୁ







**ଆଜି ହଳଦୀପାଣି ନୀତି**

ପୁରୀ,୧୯।୫(ସମିସ): ସୋମବାର ଥିଲା ଭଉଁରୀ ଯାତ। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ବିଂଶତମ ଦିବସ। ଏହି ପବିତ୍ର ତିଥିରେ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ମହାପ୍ରଭୁ ୨୧ ଘେରା ପରିକ୍ରମା କରି ଜଳକ୍ରୀଡ଼ା କରିଛନ୍ତି। ରାତ୍ର ଚାପରେ ଏହା ସମ୍ପନ୍ନ ହୋଇଛି। ମଙ୍ଗଳବାର ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ। ଏହିଦିନ ହଳଦୀପାଣି ନୀତି ସମ୍ପନ୍ନ ହେବ।

ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ସାଧାରଣ ମଣିଷ ପରି ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଜଳକ୍ରୀଡ଼ା କରିଥା'ନ୍ତି। ଏଥିପାଇଁ ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ୨୧ ଦିନିଆ ବାହାର ଚନ୍ଦନ ଯାତ୍ରାର ସୋମବାର ଥିଲା ୨୦ତମ ଦିବସ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣ ଦୁଇ ଦେବଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ମଣିବିମାନରେ ବିଜେ କରାଯାଇଥିଲା। ଏହାପରେ ମାଳଫୁଲ ଲାଗି ବିଜେ କାହାଳି ବାଜିଥିଲା। ବିମାନ ବଡୁମାନେ ଘଣ୍ଟ, ଛତା, କାହାଳି ସହ ମହାପ୍ରଭୁଙ୍କୁ ସିଂହଦ୍ୱାର ଦେଇ ବଡ଼ଦାଣ୍ଡକୁ ଓହ୍ଲାଇଥିଲେ। ମହାପ୍ରଭୁଙ୍କ ସହିତ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀମାର୍କଣ୍ଡେଶ୍ୱର) ମଧ୍ୟ ସାମିଲ ହୋଇଥିଲେ। ଆଗରେ ଥିଲେ ରାମକୃଷ୍ଣ। ରାମକୃଷ୍ଣଙ୍କ ପାଲିଙ୍କି ପଛରେ ହଲି ଦୋହଲି ମଣିବିମାନରେ ଯାଉଥିଲେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ। ତାଙ୍କ ପଛରେ ଥିଲେ ପଞ୍ଚମହାଦେବ।

ଚନ୍ଦନ ଚକଡ଼ାରେ ଠାକୁର ପହଞ୍ଚିବା ପରେ ଭିତରଛ ମହାପାତ୍ର ମହାପ୍ରଭୁଙ୍କୁ ଜଳଲାଗି କରିଥିଲେ। ଏହାପରେ ଦିନ ଚାପ ହୋଇଥିଲା। ନରେନ୍ଦ୍ର ପୁଷ୍କରିଣୀରେ ଠାକୁର ନନ୍ଦା ଓ ଭଦ୍ରା ଚାପରେ ଗୋଟିଏ ଘେରା ପରିକ୍ରମା କରିଥିଲେ। ଦିନ ଚାପ ସରିବା ପରେ ମହାପ୍ରଭୁ ଚନ୍ଦନ କୁଣ୍ଡକୁ ବିଜେ ହୋଇଥିଲେ। ଚନ୍ଦନ କୁଣ୍ଡରୁ ଉଠିବା ପରେ ଚନ୍ଦନ ମଣ୍ଡପ ଗୃହକୁ ବିଜେ କରିଥିଲେ। ସେଠାରେ ସାଦା ବେଶ ହୋଇ ଶୀତଳ ଭୋଗ ବଢ଼ିଥିଲା। ଏହାପରେ ମହାପ୍ରଭୁ ଜଗତି ଉପରକୁ ବିଜେ ହୋଇଥିଲେ। ସେଠାରେ ଗଜ ଉଦ୍ଧାରଣ ବେଶ ହୋଇଥିଲା। ମହାପ୍ରଭୁ ପୁନର୍ବାର ଚନ୍ଦନ ମଣ୍ଡପ ଗର୍ଭଗୃହକୁ ବିଜେ କରିଥିଲେ। ସେଠି ମାଣ୍ଡୁଆ ଭୋଗ କରାଯାଇଥିଲା। ଏହାପରେ ଠାକୁର ଜଗତି ଉପରକୁ ବିଜେ ହୋଇଥିଲେ। ସେଠାରେ ଭିତରଛ ମହାପାତ୍ର ବନ୍ଦାପନା କରିବା ସହିତ ବିଡ଼ିଆ ମଣୋହି କରିଥିଲେ। ମହାଜନ ସେବକମାନେ ରାତ୍ର ଚାପ ଲାଗି ମହାପ୍ରଭୁଙ୍କୁ ନନ୍ଦା ଓ ଭଦ୍ରା ଚାପକୁ ବିଜେ କରାଇଥିଲେ। ନନ୍ଦାରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଭଦ୍ରାରେ ରାମକୃଷ୍ଣ ଓ ପଞ୍ଚମହାଦେବ ବିଜେ ହୋଇ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଚାପ ଖେଳିଥିଲେ। ଚାପ ଖେଳ ସରିବା ପରେ ଠାକୁର ବାହୁଡ଼ା ବିଜେ କରିଥିଲେ।





ଆସୁଛି ରଥଯାତ୍ରା

## ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ

ପୁରୀ,୧୯।୫(ସମିସ): ଆସନ୍ତା ଜୁନ୍ ୨୭ରେ ରଥଯାତ୍ରା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଆଗେଇ ଚାଲିଛି। ଯେହେତୁ ରଥଯାତ୍ରା ଦେଖିବା ପାଇଁ ପୁରୀକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତ ଆସିବେ, ତେଣୁ ସେମାନଙ୍କ ସୁରକ୍ଷା ଏବଂ ଶୃଙ୍ଖଳିତ ଦର୍ଶନ ପୁଲିସ ପାଇଁ ଚ୍ୟାଲେଞ୍ଜ ରହିବ। ଏହାକୁ ନଜରରେ ରଖି ପୁଲିସର ପ୍ରସ୍ତୁତି ଆଗୁଆ ରହିଛି। ଏସ୍‌ପି ବିନୀତ୍ ଅଗ୍ରୱାଲ୍ ବିଭିନ୍ନ ସାହିଗଳି ବୁଲି ଭକ୍ତଙ୍କ ଯାତାୟାତ ସୁବିଧା, ପାର୍କିଂ ଆଦି ବିଷୟ ଅନୁଧ୍ୟାନ କରୁଥିବାବେଳେ ଇତିମଧ୍ୟରେ ଶୃଙ୍ଖଳିତ ରଥଯାତ୍ରା ପାଇଁ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି ଡିଜିପି। ସିକ୍ୟୁରିଟି ଆଣ୍ଡ ସ୍ପେଶାଲ ବ୍ରାଞ୍ଚ ଆରେଞ୍ଜମେଣ୍ଟ ଦାୟିତ୍ୱରେ ଆର୍.ପି. କୋଚେ, ଶ୍ରୀମନ୍ଦିର ଭିତର ଆରେଞ୍ଜମେଣ୍ଟ (ଶ୍ରୀମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିର) ଡ. ସାର୍ଥକ ଷଡ଼ଙ୍ଗୀ ଓ ପୁରୀ ଏସ୍‌ପି ବିନୀତ୍ ଅଗ୍ରୱାଲ, ରଥ ଗାର୍ଡ, ଇନ୍‌ସାଇଡ୍ ଜେନେରାଲ କର୍ଡନ, ରଥଟଣା ଦାୟିତ୍ୱରେ ଅମିତାଭ ଠାକୁର ଏବଂ ପିନାକ୍ ମିଶ୍ର, ଭିଡ଼ ନିୟନ୍ତ୍ରଣ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ସତ୍ୟବ୍ରତ ଭୋଇ, ଅବିନାଶ କୁମାର ଏବଂ ଚରଣ ସିଂହ ମୀନା ରହିଛନ୍ତି। ସେହିପରି ଟ୍ରାଫିକ୍, ପାର୍କିଂ, ଯୋଗାଯୋଗ ଏବଂ କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଦୟାଲ ଗଙ୍ଗୱାର, କେ. ବିଶାଳ ସିଂହ, ବି. ଗଙ୍ଗାଧର ଏବଂ ବିକ୍ରମ କେଶରୀ ଭୋଇ, ରେଳବାଇ ପୁଲିସ ଆରେଞ୍ଜମେଣ୍ଟରେ ଅରୁଣ ବୋଥ୍ରା, ବିବେକାନନ୍ଦ ଶର୍ମା, ଜେନେରାଲ ପୁଲିସ ଆରେଞ୍ଜମେଣ୍ଟ ଦାୟିତ୍ୱରେ ସଞ୍ଜୟ କୁମାର ରହିଛନ୍ତି।

## ପୁରୀରେ ପରାକ୍ରମ ଶୋଭାଯାତ୍ରା

ପୁରୀ,୧୯।୫(ସମିସ): ଆମେ ଏକ। ଆମ ଦେଶର ସୁରକ୍ଷାରେ ଆମେ ସମସ୍ତେ ଜଣେ ଜଣେ ସିପାହୀ। ଦେଶ ମାତୃକାର ସେବାରେ ଦିନ ରାତି ଲାଗିଥିବା ଓ ଅପରେସନ ସିନ୍ଦୂରରେ ନିୟୋଜିତ ସମସ୍ତ ତିନିସେନାକୁ ଆମେ ଧନ୍ୟବାଦ ଦେଉଛୁ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଅପରେସନ ସିନ୍ଦୂରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ସୋମବାର ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚଠାରୁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆମ ସେନାର ପରାକ୍ରମ ସମଗ୍ର ବିଶ୍ୱ ଦେଖି ଆଚମ୍ବିତ ହୋଇଛି। ଏହା ଏକ ଐତିହାସିକ ସଫଳତା।





ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଡ. ଦେବେନ୍ଦ୍ର ତରାଇ ପ୍ରମୁଖ ଆମ ସେନା ଆତଙ୍କୀ ଆକ୍ରମଣର ସଠିକ୍ ଜବାବ ଦେଇ ଉପଯୁକ୍ତ ପ୍ରତିଶୋଧ ନେଇଛନ୍ତି ବୋଲି କହିଥିଲେ। ଏହି ଶୋଭାଯାତ୍ରା ମରିଚିକୋଟ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ଅତିଥିମାନେ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରି ସେନାଙ୍କ ମନୋବଳ ବୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ପରାକ୍ରମ ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ, ପୁଲିସ ବାହିନୀ, ଏନ୍‌ସିସି କ୍ୟାଡେଟ୍, ଅଗ୍ନିଶମ କର୍ମଚାରୀ, ଶିକ୍ଷକ, ମହିଳା, ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍, ଗଣମାଧ୍ୟମ, ମିଶନ ଶକ୍ତି ମହିଳା ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଏହି ଅବସରରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିଲେ।

## ରଥ ନିର୍ମାଣକାରୀଙ୍କୁ ସମ୍ବର୍ଦ୍ଧନା

ପୁରୀ,୧୯।୫(ସମିସ): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପୁରୀ ଜିଲ୍ଲା ଓ ସହର ଶାଖା ସହଯୋଗରେ ପବିତ୍ର ଭଉଁରୀ ଅବସରରେ ରଥଖଳାରେ ନିୟୋଜିତ ବିଶ୍ୱକର୍ମା ମହାରଣାଙ୍କ ସମେତ ଭୋଇ, କରତୀ, ଓଝା ଓ ଅନ୍ୟ ରଥ ନିର୍ମାଣକାରୀ ସେବକମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ରଥଖଳାରେ ଏହି ସେବକମାନେ ବହୁ ପରିଶ୍ରମ କରି ରଥ ନିର୍ମାଣ କରୁଛନ୍ତି। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା, ସମ୍ପାଦକ ମନୋରଞ୍ଜନ ମହାରଣାଙ୍କ ଉପସ୍ଥିତରେ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା। ସମିତିର ପୁରୀ ଜିଲ୍ଲା ସଭାପତି ଦେବରାଜ ମହାରଣା, ପ୍ରଶାନ୍ତ ମହାରଣା, ରଶ୍ମୀ ମହାରଣା, ପୁରୀ ସହର ସଭାପତି ହୃଷୀକେଶ ମହାରଣା, ଗଙ୍ଗାଧର ମହାରଣା, ଦୟାନିଧି ମହାରଣା, ରମେଶ ମହାରଣା, ସୁରେଶ ମହାରଣା, ବିଶ୍ୱନାଥ ମହାରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନରେନ୍ଦ୍ର ଚକଡ଼ାରେ ଦଳାଚକଟା



**ତଳେ ପଡ଼ି ଭକ୍ତ ଆହତ**

ପୁରୀ,୧୯।୫(ସମିସ): ସୋମବାର ଥିଲା ଭଉଁରୀ ଯାତ। ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଚାପ ଖେଳିଛନ୍ତି ମହାପ୍ରଭୁ। ଭଉଁରୀ ଯାତ ଦେଖିବା ପାଇଁ ଭକ୍ତଙ୍କର ପ୍ରବଳ ଭିଡ଼ ହୋଇଥିଲା। ଏହି ଗହଳି ଯୋଗୁଁ ନରେନ୍ଦ୍ର ଚକଡ଼ାରେ ଠେଲାପେଲାରୁ ଦଳାଚକଟା ହୋଇଥିଲା। କିଛି ଭକ୍ତ ତଳେ ପଡ଼ି ଆହତ ହୋଇଥିଲେ। ପୁଲିସ ସେମାନଙ୍କୁ ଉଠାଇ ସ୍ଥିତି ସ୍ୱାଭାବିକ କରିଥିଲା। ଚାପ ଖେଳିବା ଲାଗି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ସହିତ ପଞ୍ଚମହାଦେବ ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀକୁ ଆସୁଥିଲେ। ନରେନ୍ଦ୍ରର ଠିକ୍ ପାଖାପାଖି ଶୋଭାଯାତ୍ରା ପହଞ୍ଚିବା ପରେ ଚକଡ଼ା ସମ୍ମୁଖରେ ଥିବା ଭକ୍ତଙ୍କୁ ସାଇଡ୍ କରୁଥିଲା ପୁଲିସ। ଏହି ସମୟରେ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। କିଛି ଭକ୍ତ ତଳେ ପଡ଼ିଯାଇଥିଲେ। ପଛପଟୁ ଅନ୍ୟ ଭକ୍ତମାନେ ତାଙ୍କ ଉପରେ ମାଡ଼ିଯିବାରୁ କେତେଜଣ ବୟସ୍କ ମହିଳା ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ପୁଲିସ ସେମାନଙ୍କୁ ଉଠାଇଥିଲା।

ବିଂଶତମ ସଂକୀର୍ତ୍ତନ ଅଧିବେଶନ

## 'ମନ, ଶରୀର ଓ ହୃଦୟକୁ ଅମୃତମୟ କରେ ସଂକୀର୍ତ୍ତନ'

ପୁରୀ,୧୯।୫(ସମିସ): ନିୟମିତ ସଂକୀର୍ତ୍ତନ ମନ, ଶରୀର ଓ ହୃଦୟକୁ ଅମୃତମୟ କରେ। ଏହା ମଣିଷ ଭିତରେ ଆଧ୍ୟାତ୍ମିକତା ଓ ଏକାଗ୍ରତା ସୃଷ୍ଟି କରିବା ସହ ମଣିଷକୁ ସୁସ୍ଥ ସତେଜ ରଖେ ବୋଲି କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରାକ୍ତନ ଜିଲ୍ଲାପାଳ ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତା ଏବଂ ଓଡ଼ିଶାର ବିଶିଷ୍ଟ ସଂଗଠକ ଜଟାଧାରୀ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ବିଂଶତମ ଅଧିବେଶନକୁ ଉଦ୍‌ଘାଟନ କରି ଗଜପତି ମହାରାଜା କହିଥିଲେ ଯେ ନାମସଂକୀର୍ତ୍ତନ ସହ ଗାଁ ଗାଁରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଆମର ସଂକଳ୍ପ ହେଉ। ସନାତନ ଓ ବୈଦିକ ସଂସ୍କୃତିରେ ନାମ ସଂକୀର୍ତ୍ତନ ଅଭିନ୍ନ ଅଙ୍ଗ। ଆଧ୍ୟାତ୍ମିକ ସଂସ୍କୃତି ହିଁ ଉତ୍କଳୀୟ ଓ ଜଗନ୍ନାଥ ସଂସ୍କୃତି। ଏକ ଶୃଙ୍ଖଳିତ ସମାଜ ଓ ପରିବାର ଗଠନ ସହ ଜୀବନର ପରିବର୍ତ୍ତନ ପାଇଁ ଠାକୁରଙ୍କ ନାମ ସ୍ମରଣ, ଶ୍ରବଣ ଓ ମନନ ଆମର ଧ୍ୟେୟ ହେଉ।



ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଝାଞ୍ଜପିଟା ମଠ ମହନ୍ତ ବାବା ସଚ୍ଚିଦାନନ୍ଦ ଦାସ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ଦାସ ଓ ଭାଗବତ ଆଶ୍ରମର ବାବା ବ୍ରଜବନ୍ଧୁ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଏକ ଶୃଙ୍ଖଳିତ ସମାଜ ଓ ଜୀବନ ପାଇଁ ସଂକୀର୍ତ୍ତନର ଉପାଦେୟତା ଉପରେ ମନ୍ତବ୍ୟ ରଖିଥିଲେ। ମହା ଅଧିବେଶନର ଦ୍ୱିତୀୟ ସୋପାନରେ ଡ୍ରିମ୍ସର ପ୍ରଫେସର ଅର୍ପିତା ପ୍ରିୟଦର୍ଶିନୀ, ନୟାଗଡ଼ ହସ୍ପିଟାଲର ଚିକିତ୍ସା ଅଧିକାରୀ ଆଶୁତୋଷ ମିଶ୍ର, ପୁରୀ ଜଗନ୍ନାଥ ମେଡିକାଲ ଓ କଲେଜର ସର୍ଜରୀ ବିଭାଗ ମୁଖ୍ୟ ଶ୍ରୀକାନ୍ତ ପଣ୍ଡା, ପାରାଦୀପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର, ପୁରୀର ବିଶିଷ୍ଟ ଚିକିତ୍ସକ ଡାକ୍ତର ନରହରି ମିଶ୍ର ଅତିଥି ଭାବେ ଯୋଗଦେଇ ସୁସ୍ଥ ଶରୀର ଗଠନରେ ସଂକୀର୍ତ୍ତନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଡ. ଦୀପ୍ତିରେଖା ପାଢ଼ୀ ଓ ଡାକ୍ତର ଦେବପ୍ରସାଦ ଦାଶ ସଂଯୋଜନା କରିଥିଲାବେଳେ ପରିଚାଳନାରେ ସହଯୋଗ କରିଥିଲେ ପ୍ରଫୁଲ୍ଲ କୁମାର ସାମନ୍ତରା, ଚକ୍ରଧର ମହାପାତ୍ର, ପ୍ରଭାକର ତ୍ରିପାଠୀ ଓ ଦେବଦତ୍ତ ଷଡ଼ଙ୍ଗୀ। ଏହି ଅବସରରେ ପରିଷଦର ମୁଖପତ୍ରକୁ ଗଜପତି ମହାରାଜା ଉନ୍ମୋଚନ କରିଥିଲେ। ଏହି ମହା ଅଧିବେଶନ ପରେ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ରାଜ୍ୟ ସଭାପତି ବଦ୍ରି ମିଶ୍ର, ଗବେଷକ ପୂର୍ଣ୍ଣ ଚନ୍ଦ୍ର ଗୋଛିକାର, କବି ଦାମୋଦର ପରିଡ଼ା, ସମାଜସେବୀ ଅଜୟ ପ୍ରଧାନଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ, ଶିକ୍ଷାବିତ୍, ଗବେଷକଙ୍କ ସମେତ ବୀର ହରେକୃଷ୍ଣପୁର, ବେଲଦଳ, ବାଲିଗୁଆଳି ଆଦି ଅଞ୍ଚଳର ଗାଁ ମୁଖିଆ ଭବ୍ୟ ସଂକୀର୍ତ୍ତନ ସହ ଠାକୁରଙ୍କ ଭଉଁରୀ ଯାତ୍ରାର ଆଗେ ଆଗେ ନରେନ୍ଦ୍ର ପୁଷ୍କରିଣୀ ଯାତ୍ରା କରିଥିଲେ। ଏହି ପରିପ୍ରେକ୍ଷୀରେ ସଂକୀର୍ତ୍ତନ କଳାକାରଙ୍କୁ ଲୋକକଳାକାର ଭାବେ ଗ୍ରହଣ କରି ସରକାର କଳାକାର ଭତ୍ତା ପ୍ରଦାନ କରିଥିବାରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଭତ୍ତାର ପରିମାଣ ୫ ହଜାର କରିବାକୁ ଦାବି ରଖିଥିଲେ ସମ୍ପାଦକ ଜଟାଧାରୀ ମିଶ୍ର। ଏଥିସହ ଶ୍ରୀମନ୍ଦିର ପ୍ରଶାସନ ସଂକୀର୍ତ୍ତନ ଦଳ ପାଇଁ ଦୁଇଟି ଗୃହ ଯୋଗାଇବାକୁ ସେ ନିବେଦନ କରିଥିଲେ।

## ଜିଲ୍ଲାସ୍ତରୀୟ ସନ୍ତରଣ ଟାଇମ୍ ଟ୍ରାଏଲ୍



ପୁରୀ,୧୯।୫(ସମିସ)

ପୁରୀ ଜିଲ୍ଲାସ୍ତରୀୟ ସନ୍ତରଣ ଟାଇମ୍ ଟ୍ରାଏଲ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସନ୍ତରଣବିତ୍‌ମାନେ ଉଭୟ ପୁରୁଷ ଓ ମହିଳା ବିଭାଗ ନିମନ୍ତେ ପଞ୍ଜିକୃତ ହୋଇ ଆଗାମୀ ଓଡ଼ିଶା ରାଜ୍ୟ ସନ୍ତରଣ ଲାଗି ନିଜର ଟାଇମ୍ ଟ୍ରାଏଲ ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ସ୍ଥିତ ସନ୍ତରଣାଗାରଠାରେ ଏହି ଟାଇମ୍ ଟ୍ରାଏଲ୍‌କୁ ନାରାୟଣ ପ୍ରଧାନ, ଜସ୍ମିନ୍ ଲାକ୍ରା, ଶ୍ରୀକାନ୍ତ ନାଏକ, କିରଣ ପରିଡ଼ା ଓ ଦୀପଙ୍କର ଦାସ ପ୍ରମୁଖ ପରିଚାଳନା କରିଥିଲେ ବୋଲି ପୁରୀ ଜିଲ୍ଲା ଆକ୍ୱାଟିକ୍ ସଂଘ ସଭାପତି ସପନ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



କବି, ପ୍ରେମିକ ଏବଂ ଉନ୍ମାଦଗ୍ରସ୍ତ , ଏକାଭଳି ସ୍ୱୟଂସମ୍ପୂର୍ଣ୍ଣ ସେମାନଙ୍କର କଳ୍ପନା ଜଗତ।
-ୱଇଲିୟମ ସେକ୍ସପିୟର

## ଅପଥଗାମୀ ବିକାଶ

ବିକାଶ ଅପରିହାର୍ଯ୍ୟ, କିନ୍ତୁ ପରିବେଶ ସୁରକ୍ଷା ସର୍ବୋପରି - ଏ ଆପ୍ତ ସତ୍ୟ ପ୍ରତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ପୁଣି ଥରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପରିବେଶ ସମ୍ବେଦନଶୀଳ ଯେଉଁ କେତେକ ପ୍ରକଳ୍ପକୁ କେନ୍ଦ୍ର ସରକାର ୨୦୧୭ ମସିହାରେ ସରକାରୀ ବିଜ୍ଞପ୍ତି ମାଧ୍ୟମରେ ପିଛିଲା ଭାବେ ପରିବେଶ ମଞ୍ଜୁରି ଦେଇଥିଲେ ତାହାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ରଦ୍ଦ କରିଦେଇଛନ୍ତି। ପ୍ରିୟାପ୍ରୀତି ତୋଷଣ ପାଇଁ ନୀତି-ନିୟମ, ଆଇନ-କାନୁନକୁ କିଭଳି ମାଡ଼ିମକଚି ଦିଆଯାଏ ତାହାର ପୁଣି ଏକ ଉଦାହରଣ ମିଳିଛି।

ପରିବେଶ ଓ ଜଙ୍ଗଲ ମଞ୍ଜୁରୀ ନଥାଇ ଯେଉଁ ପ୍ରକଳ୍ପ ଆରମ୍ଭ ହୁଏ ତାହାକୁ ବନ୍ଦ କରିବା ପାଇଁ ସରକାରଙ୍କ କ୍ଷମତା ଓ ଅଧିକାର ରହିଛି। କିନ୍ତୁ ୨୦୧୭ ମସିହା ପୂର୍ବରୁ ଅଣମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡ଼ିକୁ ଆଇନତଃ ଅବୈଧ ଦର୍ଶାଇ ବନ୍ଦ କରିବା ବଦଳରେ ଗଳାବାଟରେ ମଞ୍ଜୁର କରାଇ ନେବା ଲାଗି କେନ୍ଦ୍ର ସରକାର ୨୦୧୭ ମସିହାରେ ଏକ ସରକାରୀ ବିଜ୍ଞପ୍ତି ଜାରି କରିଥିଲେ। ସେଥିରେ କୁହାଯାଇଥିଲା ଯେ ଯେଉଁ ପ୍ରକଳ୍ପଗୁଡ଼ିକ ଆରମ୍ଭ ହୋଇସାରିଛି କିମ୍ବା ସମ୍ପ୍ରସାରିତ ହୋଇଛି କିମ୍ବା ଉତ୍ପାଦନର ବିବିଧତା ପରିବର୍ତ୍ତନ ହୋଇସାରିଛି ସେମାନେ ସେଗୁଡ଼ିକୁ ମଞ୍ଜୁର କରାଇ ନେବା ଲାଗି ଛଅମାସ ଭିତରେ 'ଏକକାଳୀନ ମଞ୍ଜୁରୀ' ବ୍ୟବସ୍ଥାରେ ଆବେଦନ କରିପାରିବେ। କୋଟି କୋଟି ଟଙ୍କାର କାମ ଆରମ୍ଭ ହୋଇସାରିଥିବାରୁ ପ୍ରଭୂତ ଆର୍ଥିକ କ୍ଷତିକୁ ଆଳ କରି ଏହି ବିଜ୍ଞପ୍ତି ଜାରି କରାଯାଇଥିଲା। କିନ୍ତୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ସରକାରଙ୍କ ଏହି ବିଜ୍ଞପ୍ତି ଉପରେ ଆପତ୍ତି ଉଠାଇ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ଖଣ୍ଡପୀଠ ବିଜ୍ଞପ୍ତିକୁ ଅବୈଧ ଦର୍ଶାଇବା ସହିତ ଏ ସମ୍ପର୍କିତ ଥିବା ମାର୍ଗଦର୍ଶିକା କିମ୍ବା ନିର୍ଦ୍ଧାରିତ ପଦ୍ଧତି ଅନୁସୃତ ହୋଇନଥିବା କହିଛନ୍ତି। ଏଥିସହିତ ଭବିଷ୍ୟତରେ ଏପରି ମଞ୍ଜୁରୀ ପୂର୍ବରୁ ପରିବେଶ ପ୍ରଭାବ ଆକଳନ(ଇଆଇଏ) ବିଜ୍ଞପ୍ତି ୨୦୦୬ର କଡ଼ା ଅନୁପାଳନ ପାଇଁ ମଧ୍ୟ ନିର୍ଦ୍ଦେଶନାମା ଜାରି କରିଛନ୍ତି।

୨୦୦୬ରେ ପ୍ରଣୀତ ଇଆଇଏ ଅନୁଯାୟୀ କୌଣସି ପ୍ରକଳ୍ପ ଆରମ୍ଭ ପୂର୍ବରୁ ମଞ୍ଜୁରୀ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ। ଏହି ନିୟମ ଆଧାରରେ ପରିବେଶ ଓ ପ୍ରାକୃତିକ ସମ୍ପଦ ଉପରେ ଉକ୍ତ ପ୍ରକଳ୍ପର ପ୍ରଭାବ, ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଧିବାସୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଆଶଙ୍କା, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଆଦି ସାମାଜିକ ଭିତ୍ତିଭୂମି ପ୍ରଭାବିତ ହେଉଛି କି ନାହିଁ ତାହା ଏକ ଉଚ୍ଚ କ୍ଷମତାପ୍ରାପ୍ତ ବିଶେଷଜ୍ଞ ଦଳ ତଦାରଖ କରିବେ। ବହୁସ୍ତରୀୟ ସମୀକ୍ଷା, ଜନଶୁଣାଣି ଆଦି ଆଧାରରେ ହୋଇଥିବା ସୁପାରିସ ଅନୁଯାୟୀ ପରିବେଶ ମନ୍ତ୍ରଣାଳୟ ଉକ୍ତ ପ୍ରକଳ୍ପକୁ ମଞ୍ଜୁର କିମ୍ବା ନାମଞ୍ଜୁର କରିପାରିବେ। କିନ୍ତୁ ୨୦୧୭ ସରକାରୀ ବିଜ୍ଞପ୍ତି ଏହି ନିୟମର ବିରୁଦ୍ଧାଚରଣ କରୁଥିବା ସ୍ପଷ୍ଟ ହେଉଛି। ଉପରୋକ୍ତ ବିବାଦୀୟ ବିଜ୍ଞପ୍ତିରେ ଏହା ମଧ୍ୟ କୁହାଯାଇଥିଲା ଯେ ସମ୍ପୃକ୍ତ ପ୍ରକଳ୍ପ କର୍ତ୍ତାଙ୍କଠାରୁ ପରିବେଶ ଓ ପ୍ରଦୂଷଣ ନିୟମ ଉଲ୍ଲଙ୍ଘନ ବାବଦକୁ ଜୋରିମାନା ବାବଦରେ ଅର୍ଥ ଆଦାୟ କରାଯାଇପାରିବ। ଏହାଛଡ଼ା ପରିବେଶ ସୁରକ୍ଷା ଆଇନ ୧୯୮୬ ଆଧାରରେ ସମ୍ପୃକ୍ତ ରାଜ୍ୟ ପ୍ରଦୂଷଣ ବୋର୍ଡ ମଧ୍ୟ ସେମାନଙ୍କ ଉପରେ ଅଙ୍କୁଶ ଜାରି କରିପାରିବେ। କିନ୍ତୁ ଅର୍ଥ ଯେ ପ୍ରକୃତିଠାରୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣୀୟ ନୁହେଁ, ତାହା କେନ୍ଦ୍ର ସରକାର ଜାଣିଶୁଣି ପାଶୋରି ପକାଇଥିବା ଅନୁଭୂତ ହେଉଛି।

ଯେଉଁ ପ୍ରକଳ୍ପ ପରିବେଶ ମଞ୍ଜୁରୀ ନଥାଇ ଆରମ୍ଭ ହୋଇପାରୁଛି ସେହି ପ୍ରକଳ୍ପ ଯେ ରାଜ୍ୟ ପ୍ରଦୂଷଣ ବୋର୍ଡର ନାଲିଆଖିକୁ ଡରିବ ତାହା ବିଶ୍ୱାସଯୋଗ୍ୟ ହେଉନାହିଁ। ତେଣୁ ବିଜ୍ଞପ୍ତି ପଛର ଉଦ୍ଦେଶ୍ୟ ଆଉ ଅବୁଝା ହୋଇ ରହିନାହିଁ। ଏହି କଥାକୁ ସର୍ବୋଚ୍ଚ ନ୍ୟାୟାଳୟ ଉଚିତ ଭାବେ ତର୍ଜମା କରି ସମୟୋପଯୋଗୀ ରାୟ ଶୁଣାଇଛନ୍ତି। ଏଥିସହିତ ଖଣ୍ଡପୀଠ ଯେଉଁ କେତେକ ଟୀପ୍ପଣି କରିଛନ୍ତି ତାହା ସର୍ବାଦୌ ପ୍ରାସଙ୍ଗିକ। ଖଣ୍ଡପୀଠ କହିଛନ୍ତି ଯେ ପରିବେଶ ପ୍ରତି ହାନିକାରକ ପ୍ରକଳ୍ପଗୁଡ଼ିକୁ ସୁରକ୍ଷା ଦେବା ପାଇଁ ସରକାର ଅପଥଗାମୀ ହୋଇଛନ୍ତି। ଏହା ସମ୍ବିଧାନର ଧାରା ୨୧ ଓ ୧୪ର ଉଲ୍ଲଙ୍ଘନ କରୁଥିବାରୁ ଖଣ୍ଡପୀଠ କଦାପି ୨୦୧୭ ବିଜ୍ଞପ୍ତିକୁ ବୈଧ କରିପାରିବେ ନାହିଁ। ଏହି ରାୟ ଦେବା ବେଳେ ଖଣ୍ଡପୀଠ ଦିଲ୍ଲୀ ବାୟୁ ପ୍ରଦୂଷଣର ଉଦାହରଣ ଦେବା ସହିତ ଏପରି ବିଜ୍ଞପ୍ତିର ଯେଭଳି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସଚେତନ ହେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସାମ୍ପ୍ରତିକ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ପୃଷ୍ଠଭୂମିରେ ପରିବେଶ ଓ ଜୈବ ବିବିଧତାର ସୁରକ୍ଷା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉଲ୍ଲେଖ ଅନାବଶ୍ୟକ। ଅଧିକନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ତୁଳନାରେ ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ପରିବେଶ ଅଧିକ କ୍ଷତିଗ୍ରସ୍ତ। ପରିବେଶ ପ୍ରତିକୂଳ ବିକାଶ ମାନବ ସଭ୍ୟତା ପ୍ରତି ଆଦୌ ଗ୍ରହଣୀୟ ନୁହେଁ ବୋଲି ପରିବେଶବିତ୍ମାନେ ଚେତାବନୀ ଦେଇ ଆସୁଛନ୍ତି, କିନ୍ତୁ ପରିବେଶ ଆଇନ କରିଥିବା ସରକାର ହିଁ ପରିବେଶ ବିନାଶର କାରକମାନଙ୍କୁ ସବୁଜସଂକେତ ଦେଇ ଚାଲିଛନ୍ତି। ଏପରିକି ପରିବେଶ ଉପରେ ନିର୍ଦ୍ଦିଷ୍ଟ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ସୁପାରିସ କରିବା ପାଇଁ ସରକାର ବିଭିନ୍ନ ସମୟରେ ଗଠନ କରିଥିବା ଆୟୋଗ ଓ କମିଟିର ମତାମତକୁ ମଧ୍ୟ ସରକାର ଗ୍ରହଣ କରିବାକୁ ନାରାଜ। ଏଭଳି ଅପଥଗାମୀ ବିକାଶର ପରାଭବ କେରଳର ୱାଇନାଡ୍, ଉତ୍ତରାଖଣ୍ଡ, ଆସାମ୍ ଆଦି ସ୍ଥାନରେ ପ୍ରତିଫଳିତ ହୋଇଛି। ଲକ୍ଷଲକ୍ଷ ଜୀବନ ଯାଇଛି। କୋଟି କୋଟି ଟଙ୍କାର ପରିବେଶ ଭିତ୍ତିଭୂମି ଧ୍ୱଂସ ପାଇଛି। ତଥାପି ବିକାଶ ନାମରେ ବିନାଶକୁ ଆଦରି ନେବାରେ ସରକାର କୁଣ୍ଠାବୋଧ କରୁନାହାନ୍ତି। ଏହାକୁ ପୁଣି ଥରେ ଖଣ୍ଡପୀଠ ସୂଚାଇ ଦେଇ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଯେ ପରିବେଶର ବଳି ଦେଇ ବିକାଶ କ'ଣ ଜରୁରୀ? ଏ ପ୍ରଶ୍ନର ଉତ୍ତରରେ ସରକାରଙ୍କ ଅନ୍ତରାତ୍ମାର ଉତ୍ତର ନିଶ୍ଚୟ 'ନା' ହୋଇପାରେ। କିନ୍ତୁ କେବଳ ଆର୍ଥିକ ଅଭିବୃଦ୍ଧି ଓ ଭୌତିକ ଉନ୍ନତିରେ ମୋହାଚ୍ଛନ୍ନ ସରକାର ନିରୁତ୍ତର ରହିବା ହିଁ ଶ୍ରେୟ ମଣିବେ। ବିଶ୍ୱାୟନରେ ବିକାଶ ଜରୁରୀ। କିନ୍ତୁ ତାହା ପରିବେଶକୁ ଧ୍ୱଂସ କରି ନହେଉ।

## ଧାର୍ମିକ ବର୍ବରତା

ଡ.ମନୋଜ କୁମାର ମହାନ୍ତି

ପୃଥିବୀପୃଷ୍ଠରେ ମାନବଜାତିର ସୃଷ୍ଟି ଯେତିକି ରହସ୍ୟମୟ, ତା'ଠାରୁ ଅଧିକ ରହସ୍ୟମୟ ତା'ର ଧାର୍ମିକ ମାନସିକତା। ସେ ତା' ନିଜ ସୃଷ୍ଟିକୁ ନେଇ ଅନେକ ମତବାଦ ମଧ୍ୟରୁ ଧାର୍ମିକ ମତବାଦକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଭାବେ ଗ୍ରହଣ କରିଛି। ଧର୍ମ ପ୍ରତ୍ୟେକ ମଣିଷର ଏକ ସ୍ୱତନ୍ତ୍ର ପରିଚୟ। ଧାର୍ମିକ ପରିଚୟ ତା'କୁ ସାମାଜିକ ଅନୁଷ୍ଠାନ ଓ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ସହ ଯୋଡ଼ି ରଖିଥାଏ। ଯଦିଓ ଧର୍ମର ଆରମ୍ଭ ଓ ନିର୍ଦ୍ଦିଷ୍ଟ ସମୟକୁ ଖୋଜିପାଇବା କାଠିକର ପାଠ, ତଥାପି ଧର୍ମ ବିନା ମଣିଷର ଅସ୍ତିତ୍ୱ ବା କାହିଁ?

ଇତିହାସ ପୃଷ୍ଠାକୁ ଉନ୍ମୋଚନ କଲେ ଜଣାଯାଏ ମଣିଷର ସାମାଜିକ ପରିଚୟ କେବଳ ମଣିଷ ନୁହେଁ, ବରଂ ଜାତି-ଧର୍ମ ଭିତରେ ସୀମାବଦ୍ଧ ହୋଇଯାଇଛି। ଦର୍ଶନ ଶାସ୍ତ୍ର ଅନୁଯାୟୀ ମଣିଷ ନିଜକୁ ସଂଯତ, ପରିମାର୍ଜିତ ସହ ଦିବ୍ୟଚେତନାର ଜାଗରଣ କରି ନିଜ ଜୀବନକୁ ଅମୃତମୟପୂର୍ବକ ମୋକ୍ଷ ଲକ୍ଷ୍ୟରେ ଆତ୍ମାକୁ ଅଗ୍ରସର କରିବାର ମୁଖ୍ୟ ଉଦେଶ୍ୟ ହେଉଛି ଧର୍ମ। 'ଧର୍ମ'ର ଅର୍ଥ ଧାରଣ କରିବା। 'ଧାରଣ'ର ଅର୍ଥ ନିଜର ନୈତିକ କର୍ମକୁ ଆଦରପୂର୍ବକୁ ଆଗେଇ ନେବା। ଧର୍ମ ଏକ ଜୀବନଶୈଳୀ, ଏକ ଚିନ୍ତାଧାରା, ଏକ ମାନସିକ ପରିକଳ୍ପନା, ଏକ ସ୍ୱଚ୍ଛସୁନ୍ଦର ସଂକଳ୍ପ, ଯାହା ମଣିଷକୁ ରାସ୍ତା ଦେଖାଏ। ତା' ଭିତରେ ଥିବା ମାନବିକତାକୁ ଉଦ୍ରେକ କରେ। ଦୟା, ପ୍ରେମ, କରୁଣା ପୁଣି ଭଲ ପାଇବା ସୃଷ୍ଟି କରେ। ପ୍ରତ୍ୟେକ ମଣିଷ ସ୍ୱତନ୍ତ୍ର ଯେ ସେ କେଉଁ ଧର୍ମ ବା ଜୀବନଶୈଳୀକୁ ଗ୍ରହଣ କରିବ ଏବଂ ସେ କେଉଁ ପଥରେ ଅଗ୍ରସର ହେବ ତା'କୁ ହିଁ ଜଣା।

ଜୀବଜଗତର ସୃଷ୍ଟି ପରେ ପରେ ଧର୍ମର ଧ୍ୱଜା ଉଡ଼ିବା ଆରମ୍ଭ ହେଲା। ମଣିଷ ଦ୍ୱାରା ସୃଷ୍ଟି ହୋଇଥିବା ଧର୍ମକୁ ମଣିଷ ହିଁ ପ୍ରଚାର ପ୍ରସାର କରିବାରେ ଲାଗିପଡ଼ିଲା। ଖାଦ୍ୟ, ବସ୍ତ୍ର ଓ ବାସଗୃହ ଉପଯୋଗୀ ସବୁକିଛି ଧର୍ମକୁ ଆଖିରେ ରଖି କରାଗଲା। କେଉଁ ଧର୍ମ ଗ୍ରହଣ କଲେ ମଣିଷକୁ ସୁଖ ଶାନ୍ତି ମିଳିବ ସେ ହିଁ ସ୍ଥିର କଲା। ମଣିଷର ପୋଷାକ ପରିଚ୍ଛଦ ବେଶଭୂଷାକୁ ଦେଖି କେଉଁ ମଣିଷ କେଉଁ ଧର୍ମର ଜାଣିବାରେ ଆଉ କୌଣସି ଦ୍ୱନ୍ଦ୍ୱ ଉପୁଜିଲା ନାହିଁ। ପ୍ରତ୍ୟେକ ଧର୍ମର ଉପାସନା ପଦ୍ଧତି ସମ୍ପୂର୍ଣ୍ଣ ଭିନ୍ନ ରହିଲା। ଧର୍ମର ପ୍ରତିଷ୍ଠାତାଙ୍କ ମହତ୍ୱାଣୀ ସାମାଜିକ ଓ ବ୍ୟକ୍ତିଗତ ଜୀବନରେ ସାଧାରଣ ଜନତାଙ୍କୁ ନିଶ୍ଚିତଭାବେ ଆକର୍ଷଣ କରିବା ଫଳରେ ସେମାନେ ସେହି ଧାର୍ମିକ ଚିନ୍ତାଧାରାରେ ନିଜକୁ ସାମିଲ୍ କରିବାରେ ମନୋନିବେଶ କଲେ। ପାରମ୍ପରିକ ଭାବେ ପିଢ଼ି ପରେ ପିଢ଼ି ସେଇ ନିର୍ଦ୍ଦିଷ୍ଟ ଧର୍ମକୁ ଗ୍ରହଣ କରିନେଲେ। ଧର୍ମକୁ ସହୃଦୟରେ ଗ୍ରହଣ କଲା ପରେ ସେହିଧର୍ମକୁ ଲୋକପ୍ରିୟ କରାଇବା ପାଇଁ ମଣିଷମାନେ ଲାଗିପଡ଼ିଲେ। ନିଜ ଧର୍ମକୁ ଶ୍ରେଷ୍ଠ ଭାବେ ଅନୁଭବ କରି ବିଶ୍ୱ ଦରବାରରେ ସେହି ଧର୍ମର ପ୍ରତିଷ୍ଠା ପାଇଁ ପ୍ରୟାସ ଆରମ୍ଭ କଲେ। ପରେପରେ ଧର୍ମ-ଧର୍ମ ମଧ୍ୟରେ ଚାଲିଲା ପ୍ରତିଦ୍ୱନ୍ଦ୍ୱିତା, ଆକ୍ଷେପ-ପ୍ରତ୍ୟାକ୍ଷେପ।



ଧର୍ମ ଆଗରେ ସବୁ ମୂଲ୍ୟହୀନ। ତେଣ ନିଜର ଜୀବନକୁ ବଳିଦାନ ସହ ଅନ୍ୟର ଜୀବନକୁ ନେଇ ରକ୍ତର ହୋଲି ଖେଳିବାକୁ ମଣିଷର କୌଣସି ଦ୍ୱନ୍ଦ୍ୱ ଜାତ ହେଲା ନାହିଁ। ଧର୍ମ ଓ ଧର୍ମର ପୁରୋଧାକୁ ନିଜର ଇଷ୍ଟ ଭାବେ ଗ୍ରହଣ କରି ସେହି ନିର୍ଦ୍ଦିଷ୍ଟ ଧର୍ମର ପ୍ରଭୂତାକୁ କିପରି ଜାହିର କରାଯିବ ସେଥିପାଇଁ ସେ ଯୋଜନା କଲା। ଧାର୍ମିକ ଅନୁଷ୍ଠାନ ଜରିଆରେ ଭାବପ୍ରବଣତାକୁ ଅସ୍ତ୍ର କରି ତାହାକୁ ଲୋକାଭିମୁଖୀ କରିବାରେ ସେ ଯତ୍ନବାନ ହେଲା। ପରବର୍ତ୍ତୀ ସମୟରେ ଧର୍ମର ପୃଷ୍ଠପୋଷକ ସାଜିଲେ ହିଂସ୍ର ଅତ୍ୟାଚାରୀ ଶାସକଗୋଷ୍ଠୀ। ସମସ୍ତ ବଳପ୍ରୟୋଗ ପୂର୍ବକ ସାଧାରଣ ଜନତାକୁ ଯୋରଜବରଦସ୍ତ ଧର୍ମଗ୍ରହଣ କରିବାକୁ ବାଧ କରାଗଲା। ଏଥିରେ ଯିଏ ରାଜି ହେଲା ସେ ବଞ୍ଚିଲା। କେହି କେହି ନିଜ ଜୀବନ ବିକଳରେ ଧର୍ମାନ୍ତରଣକୁ ଉପଯୁକ୍ତ ମନେ କଲେ। ଯେଉଁମାନେ ଅନ୍ୟ ଧର୍ମ ଗ୍ରହଣ କଲେ ନାହିଁ ସେମାନଙ୍କୁ ଅତ୍ୟାଚାର, ଅକଥନୀୟ ଦଣ୍ଡ, ମୃତ୍ୟୁଦଣ୍ଡ ଓ ମାନସିକ ଯନ୍ତ୍ରଣା ସହିବାକୁ ପଡ଼ିଲା। ଅଯଥା ଧାର୍ମିକ ଓ ତୀର୍ଥକର ମଧ୍ୟ ସାଧାରଣ ଜନତାଙ୍କ ଉପରେ ଜୋର କରି ଲଦି ଦିଆଗଲା। କେଉଁଠି ଉପାସନା ପୀଠକୁ ଧ୍ୱଂସ କରାଗଲା ତ ପୁଣି କେଉଁଠି ଉପାସନା ପୀଠକୁ ନିଜ ପ୍ରିୟଧର୍ମର ଉପାସନା ପୀଠରେ ରୂପାନ୍ତର କରିବାରେ ଲାଗି ପଡ଼ିଲେ ଧର୍ମାନ୍ଧ ବ୍ୟକ୍ତିସମୂହ। ଧର୍ମକୁ ପ୍ରାଧାନ୍ୟ ଦେଇ ମଣିଷ ମାନବିକତାକୁ ପାସୋରି ଦେଲା। ବିଶ୍ୱର କୋଣଅନୁକୋଣରେ ଭିନ୍ନଭିନ୍ନ କ୍ଷେତ୍ରରେ ଧର୍ମକୁ ଆଖିରେ ରଖି ଧର୍ମଯୁଦ୍ଧ ଆରମ୍ଭ ହୋଇଗଲା। ଯେଉଁ ଧର୍ମ ପ୍ରେମ ଓ କରୁଣାର ଗୀତଗାନ କରୁଥିଲା ସେ ପୁଣି ହିଂସା-ନୃଶଂସ ଆତଙ୍କବାଦୀର ରୂପ ଧାରଣ କଲା।

'ଧର୍ମ'ର ମୂଳମନ୍ତ୍ର ନୈତିକ ବିଚାର ଉପରେ ପର୍ଯ୍ୟବସିତ। ବିଶ୍ୱଭ୍ରାତୃତ୍ୱ ଓ ଶାନ୍ତି ସ୍ଥାପନ ପାଇଁ ଧର୍ମ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ହେଁ ତାହା ସମୟକ୍ରମେ ଉଗ୍ର ମାନସିକ ରୂପଧାରଣ କରି ରକ୍ତପାତର ରୂପ ନେବ ସେ କଥା କିଏ ଜାଣିଥିଲା? ଦୟା, କ୍ଷମା, ଦାନ ଓ ତ୍ୟାଗ ଥିଲା ପ୍ରତ୍ୟେକ ଧର୍ମର ମୂଳଲକ୍ଷ୍ୟ। ତାହା କିନ୍ତୁ କ୍ରୂରତାକୁ ପରିବର୍ତ୍ତିତ ହେବାରେ ଲାଗିଲା। ଜଳଦାନ, ଜଳଛତ୍ର କୂପଖନନ ପରିବର୍ତ୍ତେ କୂଅପୋଖରୀ ପାଣିରେ ବିଷ ମିଶାଇବା ଭଳି ଅମାନବିକ କାର୍ଯ୍ୟକଳାପ ଦେଖିବାକୁ ମିଳିଲା। ମଣିଷ ପଶୁଠାରୁ ମଧ୍ୟ ହୀନ ପାଲଟିଗଲା। ଅତ୍ୟାଚାର, ଲୁଣ୍ଠନ, ଗୃହଦାହ, ବଳାତ୍କାର, ଉତ୍ପୀଡ଼ନ, ଉତ୍ତେଜନା, ହିଂସା, ରକ୍ତପାତ କେଉଁ ଧର୍ମର ଆଦର୍ଶ? ନାଜିବାଦ ଶାସନ ସମୟରେ ଇହୁଦୀମାନଙ୍କ ପ୍ରତି ଯେଉଁ ଅତ୍ୟାଚାର କରାଗଲା ତା'ର ମୂକସାକ୍ଷୀ କେବଳ ସମୟ। ଇସ୍ରାଏଲ ଓ ପାଲେଷ୍ଟାଇନରେ ଥିବା ହମାସ ଆତଙ୍କବାଦୀ ମଧ୍ୟରେ ଦୀର୍ଘ ଦିନରୁ ଲାଗିଥିବା ଶତ୍ରୁତା ପଛରେ ଧାର୍ମିକ ଚିନ୍ତାଧାରା ହିଁ ଜଡ଼ିତ, ଯାହା ବାରମ୍ବାର ଯୁଦ୍ଧ ପାଇଁ ରାସ୍ତା ଉନ୍ମୁକ୍ତ କରୁଛି। ସିରିଆରେ ଆଇଏସଆଇର ଯେଉଁ ବର୍ବରତାର କରୁଣକୋହ ତାକୁ କିଏ ବୁଝିବ?

ଭାରତବର୍ଷରେ ଧାର୍ମିକ ବର୍ବରତା କିଛି ନୂଆ କଥା ନୁହେଁ। ମୋଗଲ ଓ ଅନ୍ୟ ବାହ୍ୟ ଆକ୍ରମଣକାରୀମାନଙ୍କଠାରୁ ଆରମ୍ଭ ହୋଇଛି ଭାରତରେ ଧାର୍ମିକ ବର୍ବରତା। ଭାରତରୁ ଧନସମ୍ପଦ ଲୁଣ୍ଠନ ସହ ଧାର୍ମିକ ବର୍ବରତାର ସମସ୍ତ ତଥ୍ୟ ଗୋଟିଗୋଟି ଆମ ଆଖି ସାମନାରେ। ମୋଗଲ ରାଜତ୍ୱ ସମୟରେ ମୋଗଲ ଶାସକମାନେ ଯେଉଁ ଘୃଣା ହିଂସା ନୃଶଂସ ଅମାନବୀୟ ଅତ୍ୟାଚାର ଧର୍ମକୁ ନେଇ ଆରମ୍ଭ କରିଥିଲେ, ତାହା ଦେଶ ସ୍ୱାଧୀନ ହେବାର ପରବର୍ତ୍ତୀ ସମୟରେ ମଧ୍ୟ ଦେଖିବାକୁ ମିଳୁଛି। ମୋଗଲ ସାମ୍ରାଜ୍ୟର ପତନ ପରେ ବ୍ରିଟିଶ ଶାସନ କାଳରେ କିଛିମାତ୍ରାରେ ଧାର୍ମିକ ବର୍ବରତା ଦେଖିବାକୁ ମିଳିଥିଲା। ଭାରତ ପାକିସ୍ତାନ ବିଭାଜନ ସମୟରେ ଯେଉଁ ହତ୍ୟା, ଧର୍ଷଣ ଓ ବର୍ବରତାର ଦୃଶ୍ୟ ଦେଖିବାକୁ ମିଳିଥିଲା, ସେ ସବୁ ପଛରେ ଧାର୍ମିକ ଚିନ୍ତାଧାରାର ଝଲକ୍ ଇତିହାସ ପୃଷ୍ଠାରେ ଲିପିବଦ୍ଧ। ପାକିସ୍ତାନରୁ ବାଂଲାଦେଶ ଅଲଗା ହେବା ସମୟରେ ପୁନଶ୍ଚ ସେହି ବୀଭତ୍ସ ଅମାନବୀୟ କ୍ରୂରତା କାହାକୁ ବା ଅଛପା? ଉଭୟ ପାକିସ୍ତାନ ଓ ବାଂଲାଦେଶରେ ବସବାସ କରୁଥିବା ହିନ୍ଦୁମାନଙ୍କ ପ୍ରତି ଯେଉଁ ଅତ୍ୟାଚାର ଓ ନିର୍ଯାତନା ଘଟିଛି, ତା'ର ହିସାବ କାହା ପାଖରେ ଅଛି? ଆଫଗାନିସ୍ତାନରେ ଥିବା ବୁଦ୍ଧ ଧର୍ମର ସମସ୍ତ ପ୍ରତିମୂର୍ତ୍ତିକୁ ଯେଉଁଭଳି ଧ୍ୱଂସବିଧ୍ୱଂସ କରାଗଲା, ତାହା କଣ ଅତ୍ୟନ୍ତ ଧାର୍ମିକ ବର୍ବରତାର ପରିଚୟ ନୁହେଁ?

ଧର୍ମ ଆଧାରରେ ଭାରତଠାରୁ ଅଲଗା ହୋଇଥିବା ପାକିସ୍ତାନ ଭିନ୍ନ ଭିନ୍ନ ସମୟରେ ଆତଙ୍କବାଦ କାର୍ଯ୍ୟକଳାପରେ ଲିପ୍ତ। ଭାରତର ବିଭିନ୍ନ ସ୍ଥାନରେ ସମୟେ ସମୟେ ନିଜ ଧର୍ମର ହୀନଚକ୍ରାନ୍ତକୁ ବାରମ୍ବାର ଉପସ୍ଥାପିତ କରିବାରେ ସେହି ରାଷ୍ଟ୍ର ପଛଘୁଞ୍ଚା ଦେଉନାହିଁ। କାଶ୍ମୀର ପଣ୍ଡିତମାନଙ୍କୁ ଧର୍ମ ଆଧାରରେ ଆତ୍ୟାଚାର ଓ ପଳାୟନ ପାଇଁ ଧାର୍ମିକପୀଠରୁ ଯେଉଁ ଧମକପୂର୍ଣ୍ଣ ଆଦେଶ ମିଳିଲା, ତାହା କଳୁଷିତ ଧାର୍ମିକ ଚିନ୍ତାଧାରାର ନମୁନାମାତ୍ର। ଧର୍ମକୁ ଆଧାର କରି ଆତଙ୍କବାଦୀମାନେ ଯେଭଳି ଅମାନବୀୟ ହତ୍ୟାକାଣ୍ଡମାନ ଭିଆଇଥା'ନ୍ତି, ତାହାର ସ୍ପଷ୍ଟ ପ୍ରମାଣ ଗତ ଏପ୍ରିଲ୍ ମାସରେ କାଶ୍ମୀର ଘାଟିରେ ପହଲଗାମରେ ଘଟିଥିବା ଘଟଣା ଆଉ ଏକ ଉଦାହରଣ। ଆତଙ୍କବାଦୀଙ୍କ ନିନ୍ଦନୀୟ କର୍ମ ପଛରେ ଧାର୍ମିକ ପରିଚୟ ଓ ଧାର୍ମିକ ଚିନ୍ତାଧାରା ହିଁ ପ୍ରତିଫଳିତ ହୋଇଥିଲା।

ଧର୍ମକୁ ଆଖିରେ ରଖି ଯେଉଁ ଘୃଣ୍ୟ ବର୍ବରୋଚିତ ଘଟଣା ଘଟିଚାଲିଛି ସେଥିପାଇଁ ଧର୍ମ ସମାଲୋଚିତ ହେଉଛି। ଧର୍ମ, ଧର୍ମଗ୍ରନ୍ଥ ଓ ଧର୍ମଗୁରୁ ବାସ୍ତବରେ ମଣିଷକୁ କ'ଣ ଶିଖାଏ? ନିଜ ଧର୍ମ ଠାରୁ କେହି ବଡ଼ ନାହିଁ? ନିଜ ଇଷ୍ଟ ହିଁ ଅନ୍ୟ ଧର୍ମର ଇଷ୍ଟଠାରୁ ଶ୍ରେଷ୍ଠ? ନିଜ ଧର୍ମରେ ଦୀକ୍ଷିତ ବ୍ୟକ୍ତି ହିଁ ମଣିଷ, ଅନ୍ୟମାନେ ପଶୁ, ଯାହାଙ୍କୁ ଯେତେବେଳେ ଚାହିଁବ ସେମାନଙ୍କର ବଳି ପକେଇବ? ନିଜ ଧର୍ମଗ୍ରନ୍ଥ, ପ୍ରଥା ଓ ପରମ୍ପରା ଅନ୍ୟ ଧର୍ମଠାରୁ କ'ଣ ବହୁତ ଉଚ୍ଚତର? ହିଂସା, ଘୃଣା, ବ୍ୟଭିଚାର, ହତ୍ୟା ଓ ସମସ୍ତ ଅମାନବୀୟ ଘଟଣା ପଛରେ ଧାର୍ମିକ ଚିନ୍ତାଧାରା ଯେ ବୃହତ୍ ଭୂମିକା ଗ୍ରହଣ କରୁଛି, ତାହା ଉଦାହରଣମାନ ବାରମ୍ବାର ଦେଖିବାକୁ ମିଳୁଛି। ଏହା ଧାର୍ମିକ ବର୍ବରତା ନୁହେଁ ତ କ'ଣ?

ଭଦ୍ରକ, ମୋ: ୮୮୯୫୩୪୧୦୩୩

## ଗ୍ରୀଷ୍ମପ୍ରବାହ ଓ ବନାଗ୍ନି

ବୈଷ୍ଣବ ମେହେର

ଚଳିତବର୍ଷ କାଳବୈଶାଖୀର ପ୍ରଭାବ ଜାରି ରହିଥିବା ସତ୍ତ୍ୱେ ଗତ ଜାନୁଆରି ପହିଲାରୁ ମେ' ମାସ ପ୍ରଥମ ସପ୍ତାହ ମଧ୍ୟରେ ଆମ ରାଜ୍ୟରେ ୨୯,୧୬୫ ଟି ସ୍ଥାନରେ ବନାଗ୍ନି ଘଟି ପ୍ରାୟ ୪, ୫୭୫.୧୧ ହେକ୍ଟର ଜଙ୍ଗଲକୁ ପ୍ରଭାବିତ କରିଛି। ଗତବର୍ଷ ଠିକ୍ ଏହି ଅବଧି ମଧ୍ୟରେ ୨୨,୮୬୮ ଟି ସ୍ଥାନରେ ବନାଗ୍ନି ସୃଷ୍ଟି ହୋଇ ୪,୦୬୭.୦୫ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଥିବା ବେଳେ ଚଳିତ ବର୍ଷ ବନାଗ୍ନି ସଂଖ୍ୟା ଓ ପ୍ରଭାବିତ ଜଙ୍ଗଲ ପରିମାଣରେ ବୃଦ୍ଧି ଘଟିବା ନିଶ୍ଚିତ ଚିନ୍ତାର ବିଷୟ।

ଓଡ଼ିଶାରେ ବାର୍ଷିକ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ବନାଗ୍ନି କାରଣରୁ ଧ୍ୱଂସ ପାଇଥାଏ। ଗତ ଦଶବର୍ଷର ଜଙ୍ଗଲ କ୍ଷୟ ପରିସଂଖ୍ୟାନ ଅଧ୍ୟୟନ ଅନୁଯାୟୀ ଆମ ରାଜ୍ୟରେ ଶିଳ୍ପ, ଖଣି ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ଯେତିକି ଜଙ୍ଗଲ ନଷ୍ଟ ହୋଇଛି, ତାହାର ଚାରିଗୁଣରୁ ଅଧିକ ଜଙ୍ଗଲ ନିଆଁରେ ପୋଡ଼ିଯାଇଛି। ଶିଳ୍ପ, ଖଣି ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଅନୁଯାୟୀ ଆବଶ୍ୟକ ଜଙ୍ଗଲ ଜମିରୁ ଗଛ କାଟିବା ପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଥା'ନ୍ତି। ତେବେ ଗତ ଦଶବର୍ଷ ମଧ୍ୟରେ ଏହିସବୁ କାର୍ଯ୍ୟ ପାଇଁ ପାଖାପାଖି କୋଡ଼ିଏ ହଜାର ହେକ୍ଟର ଜଙ୍ଗଲ କଟାଯାଇଥିବା ବେଳେ ଏହା ବଦଳରେ ଆଇନ ଅନୁଯାୟୀ କ୍ଷତିପୂରକ ବନୀକରଣ ଯୋଜନାରେ ପ୍ରାୟ ୨୩ ହଜାର ହେକ୍ଟର ଜମିରେ



୧୦୬ କୋଟିରୁ ଅଧିକ ଅର୍ଥ ବ୍ୟୟ କରି ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି। ଅପରପକ୍ଷେ ବନାଗ୍ନି ଯୋଗୁଁ ଗତ ଦଶବର୍ଷରେ ଓଡ଼ିଶାରେ ୮୭ ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ପ୍ରଭାବିତ ହୋଇଥିବା କୁହାଯାଇଛି।

ବନାଗ୍ନିର ମୂଳଉତ୍ସ ଯାହା ହେଉନା କାହିଁକି, ଖରାଦିନ ଆରମ୍ଭରୁ ରାଜ୍ୟର ମୋଟ ୫୨ଟି ଜଙ୍ଗଲ ମଣ୍ଡଳର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଜଙ୍ଗଲ ନଷ୍ଟ ହେବା ସହ ମୂଲ୍ୟବାନ ଉଦ୍ଭିଦ ଓ ପ୍ରାଣିସମ୍ପଦର ବହୁଳ କ୍ଷତି ଘଟି ଚାଲିଛି। ଏତଦ୍‌ବ୍ୟତୀତ ବନାଗ୍ନି ଧୂମ ଓ ତାପ ସୃଷ୍ଟି କରି ପରିବେଶ ପ୍ରଦୂଷଣର ପ୍ରମୁଖ କାରଣ ସାଜୁଥିବାରୁ ଏହା ଆଖପାଖ ଅଞ୍ଚଳର ତାତିକୁ ଅସହ୍ୟ କରିଦେଉଛି। 'ଟେମ୍ପେରେଚର' ପତ୍ରିକାରେ ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁସାରେ ୨୦୦୧ ରୁ ୨୦୧୯ ମସିହା ମଧ୍ୟରେ ଚରମ ତାପମାତ୍ରା ଯୋଗୁଁ ଭାରତରେ ୧୯,୬୯୩ ଜଣଙ୍କର ଅଂଶୁଘାତରେ ପ୍ରାଣ ଯାଇଛି।

ବନୀକରଣ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି ଯେତିକି ଆବଶ୍ୟକ, ବନାଗ୍ନିକୁ ରୋକାଯିବା ତା'ଠାରୁ ଢେର ଅଧିକ ଜରୁରୀ। ଆଧୁନିକ ବିଜ୍ଞାନ ଜଗତରେ ଉପଗ୍ରହ ମାଧ୍ୟମରେ ଚିତ୍ର ଉତ୍ତୋଳନ କରି ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ତୁରନ୍ତ ସିଧାସଳଖ ବନାଗ୍ନି ବିଷୟରେ ଅବଗତ କରାଇବା ଏକ ଅତ୍ୟାଧୁନିକ ପଦକ୍ଷେପ ବୋଲି ଧରାଯାଇପାରେ। ଏହି ତଥ୍ୟକୁ ଆଧାର କରି ବନବିଭାଗର ବନଖଣ୍ଡ, ବନାଞ୍ଚଳ, ଉପଖଣ୍ଡ, ବିଟ୍ ଭଳି ପ୍ରତ୍ୟେକ ସ୍ତରର ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକ ତତ୍ତ୍ୱାବଧାନରେ ବନ ସଂରକ୍ଷଣ ସମିତି, ସେଚ୍ଛାସେବୀ, ପ୍ରକୃତିପ୍ରେମୀ, ସାଧାରଣ ଜନତାଙ୍କ ସହଭାଗିତା ରହିଲେ ବନାଗ୍ନିକୁ ଆୟତ୍ତ କରାଯିବା ନିହାତି ସହଜ ହେବ।

ଦେଶର ପ୍ରାୟ ୯୫ ଶତାଂଶ ବନାଗ୍ନି ମନୁଷ୍ୟକୃତ ବୋଲି ବିଭିନ୍ନ ସର୍ବେକ୍ଷଣରୁ ଜଣାପଡ଼ିଛି। କିନ୍ତୁ ସାଧାରଣ ଲୋକଙ୍କ ମଧ୍ୟରେ ବନାଗ୍ନିକୁ ନେଇ ଯେଉଁ ପରିମାଣରେ ସଚେତନତା ସୃଷ୍ଟି ହେବା କଥା ତା'ହା ଏ ପର୍ଯ୍ୟନ୍ତ ଆସିନାହିଁ। ଲୋକଙ୍କ ଅସାବଧାନତା ଓ ଖାମଖିଆଲି ମନୋଭାବ ମୂଲ୍ୟବାନ ଜଙ୍ଗଲ ଧ୍ୱଂସର କାରଣ ସାଜିଛି। ପୋଡୁଚାଷ ପାଇଁ କିମ୍ବା ଜଙ୍ଗଲଜାତ ଦ୍ରବ୍ୟ ଗୋଟାଇବା ପାଇଁ ଜଙ୍ଗଲରେ ନିଆଁ ଲଗାଯିବା, ଜଳନ୍ତା ବିଡ଼ି ବା ସିଗାରେଟ୍ ଅବଶେଷରୁ ଶୁଖିଲା ପତ୍ରରେ ନିଆଁ ଲାଗି ବନାଗ୍ନି ସୃଷ୍ଟି ହେବା ଆମ ଦେଶରେ ସାଧାରଣ କଥା ହୋଇଯାଇଛି। ତେଣୁ ବନାଗ୍ନି ରୋକିବାକୁ ହେଲେ ବନବିଭାଗରେ ଯଥେଷ୍ଟ ସଂଖ୍ୟକ ଅଭିଜ୍ଞ ଓ କୁଶଳୀ କର୍ମଚାରୀଙ୍କୁ ନିୟୋଜିତ କରିବା ଦରକାର। ଯାହାଦ୍ୱାରା ସେମାନେ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ କରିବା ସହ ସେମାନଙ୍କ ସହଯୋଗରେ ବନାଗ୍ନି ଦୂରୀକରଣର ସଫଳ ଯୋଜନା ପ୍ରସ୍ତୁତ କରିପାରିବେ।

ସିନାପାଲି(ନୂଆପଡ଼ା),
ମୋ: ୯୭୭୭୭୫୩୯୩୫

## ପର୍ବ ପାଳନ ଓ ମାନସିକ ଉତ୍ତୋଳନ

ଶ୍ରୀନନ

ବର୍ତ୍ତମାନ ଆମର ବଢ଼ି ବଢ଼ି ଚାଲିଥିବା ଉଚ୍ଚାକାଂକ୍ଷା ହେତୁ ଅଧିକମାତ୍ରାରେ ଆସୁଛି ବିଫଳତା। ତାହା ହିଁ ବଢ଼ାଇବାରେ ଲାଗିଛି ମାନସିକ ଚାପ ଓ ଦୁଶ୍ଚିନ୍ତା, ଯାହାକି ମନ ଓ ଶାରୀର ଉପରେ ମଧ୍ୟ ପକାଉଛି ନକାରାତ୍ମକ ପ୍ରଭାବ। ସରଳ ତଥା ସମର୍ପିତ ଭାବ ନେଇ ଧାର୍ମିକ ପର୍ବ ବା ରୀତିନୀତି ପାଳନ ସହିତ ଜୀବନଯାତ୍ରା କରିବା ଦ୍ୱାରା ଏହି ବିଫଳତାର ପ୍ରଭାବ ହ୍ରାସ ପାଏ ଏବଂ ତାହା ପାଲଟିଯାଏ ସଫଳତାର ନିଶୁଣୀ। କାରଣ ଏହା ଆମ ଚାପଗ୍ରସ୍ତ ମସ୍ତିଷ୍କର ସ୍ନାୟୁ ବ୍ୟବସ୍ଥାକୁ ପୁନଃନିର୍ମାଣ କରିପାରେ ବୋଲି ମତ ଦେଲେଣି ବହୁ ମନସ୍ତତ୍ତ୍ୱବିତ୍ ଏବଂ ସ୍ନାୟୁ ବିଜ୍ଞାନୀ। ବିଶେଷକରି ଛାତ୍ରଛାତ୍ରୀ, ଗବେଷକ, ବ୍ୟବସାୟୀ ଏବଂ ବିବିଧ ପ୍ରତିଯୋଗିତାରେ ଭାଗନେଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଅଧିକ ପ୍ରଯୁଜ୍ୟ।

ନୃତାତ୍ତ୍ୱିକ ଓ ମନସ୍ତାତ୍ତ୍ୱିକ ଗବେଷଣାରୁ ଜଣାପଡ଼ିଛି ଯେ ପର୍ବପର୍ବାଣି ବା ଧାର୍ମିକ ରୀତିନୀତି ମାନସିକ ଅବସ୍ଥାକୁ ସୁନିୟନ୍ତ୍ରିତ କରେ। ଉଦାହରଣ ସ୍ୱରୂପ, ପରୀକ୍ଷାକୁ ଯିବା ପୂର୍ବରୁ ଦେବଦର୍ଶନ, କଳସ ବସାଇବା କିମ୍ବା ଗୁରୁଜନମାନଙ୍କ ଆଶୀର୍ବାଦ ଭିକ୍ଷା କରିବା ଛାତ୍ରଛାତ୍ରୀଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି କରେ ଏବଂ ମନକୁ ଚାପ ମୁକ୍ତ କରେ। ସେହିପରି ଅନ୍ୟାନ୍ୟ ଆହ୍ୱାନର ସମ୍ମୁଖୀନ ହେବା ଆଗରୁ ଧାର୍ମିକ ରୀତି ଅନୁସାରେ କିଛି ନା କିଛି କାର୍ଯ୍ୟ କଲେ ସଫଳତାର ସମ୍ଭାବନା ଅଧିକ। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଆମର ବହୁଳ ଆଦୃତ ହୋଲି ପର୍ବ ସାମାଜିକ ସଦ୍ଭାବ ବୃଦ୍ଧି କରିବା ସହିତ ମନକୁ ଚାପମୁକ୍ତ କରେ ଏବଂ ତହିଁରେ ସୃଷ୍ଟିକରେ ସଦ୍ଭାବନା। ପରସ୍ପରକୁ ରଙ୍ଗବୋଳିବା (ପ୍ରାକୃତିକ ରଙ୍ଗ) ସହିତ ଆଲିଙ୍ଗନ କରିବା ଫଳରେ ମାନସିକ ଚାପ ସୃଷ୍ଟିକାରୀ ହର୍ମୋନ 'କୋର୍ଟିସଲ୍' ହ୍ରାସ ପାଏ ଏବଂ 'ଖୁସି ହରମୋନ୍' 'ଏଣ୍ଡୋରୋଫିନ୍ସ'ର କ୍ଷରଣ ବୃଦ୍ଧି ପାଇ ମନକୁ ଆନନ୍ଦିତ କରେ। ଏହାର ପ୍ରଭାବରେ ରୋଗ ନିରୋଧକ ଶକ୍ତି ବଢ଼େ, ରକ୍ତଚାପ ହ୍ରାସ ପାଏ, ହୃତ୍‌ସ୍ପନ୍ଦନ ସଂଯୋଜିତ ହୁଏ ଏବଂ ରୋଗବ୍ୟାଧିରୁ ମୁକ୍ତ ହେବା ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ।

**ବିଜ୍ଞାନ ବାର୍ତ୍ତା**

କୌଣସି କାର୍ଯ୍ୟରେ ବିଫଳ ହେଲା ବେଳେ ଏହା କିପରି ମସ୍ତିଷ୍କକୁ ପ୍ରଭାବିତ କରେ, ତାହା ଉପରେ ଏବେ ଆଲୋକପାତ କରିଛି ବେଜିଂ ବିଶ୍ୱବିଦ୍ୟାଳୟର ଜି ୱିଙ୍ଗଙ୍କ ଏକ ସ୍ନାୟୁ ବିଜ୍ଞାନଭିତ୍ତିକ ଅଧ୍ୟୟନ। ଏଥିରେ ସେ ଏବଂ ତାଙ୍କ ସହଯୋଗୀମାନେ ମସ୍ତିଷ୍କର ସ୍ନାୟୁଗୁଡ଼ିକର କାର୍ଯ୍ୟକଳାପ ଉପରେ ଲକ୍ଷ୍ୟ ରଖୁଥିଲେ। କୌଣସି କାର୍ଯ୍ୟ କଲାବେଳେ ଭୁଲ୍ କରି ବସିଲେ ତାହାର ପ୍ରତିକ୍ରିୟା ସେ ବ୍ୟବସ୍ଥା ଉପରେ ଦୃଶ୍ୟମାନ ହୁଏ ବୋଲି ଗବେଷଣାରୁ ଜଣାପଡ଼ିଥିଲା। ଏହା ସେଠାର ସ୍ନାୟୁଗୁଡ଼ିକର ସକ୍ରିୟତା ହ୍ରାସ କରିଥାଏ। ତେବେ ସେସମୟରେ କୌଣସି ଧାର୍ମିକ କାର୍ଯ୍ୟରେ ଲିପ୍ତ ରହିଲେ ତାହା ମସ୍ତିଷ୍କର ପ୍ରଭାବିତ 'ଆଣ୍ଟେରିଆର୍ ସିଙ୍ଗୁଲେଟ୍ କୋରଟେକ୍ସ' ଅଂଶକୁ ପୁନଃସକ୍ରିୟ କରିଦିଏ। ଏହା ଆମକୁ ତ୍ରୁଟିଟି ପ୍ରତି ସଂବେଦନଶୀଳତା ହ୍ରାସ କରେ। ଅତଏବ ଆମ ମନ ଶକ୍ତ ହୁଏ ଏବଂ ନୂଆ କାମ କରିବା ଲାଗି ସେଥିରେ ଆଗ୍ରହ ଜନ୍ମେ। କୌଣସି ଆହ୍ୱାନମୂଳକ କାର୍ଯ୍ୟ କରିବାକୁ ଯିବା ଆଗରୁ କିଛି ନା କିଛି ଧାର୍ମିକ ରୀତିନୀତି ଅନୁସରଣ କଲେ ମନରେ ବଳ ଆସେ, ଅନିଶ୍ଚିତତା ପ୍ରତି ଭୟ ଦୂର ହୁଏ ଏବଂ କାର୍ଯ୍ୟଟିରେ ମନ କେନ୍ଦ୍ରୀଭୂତ ହୁଏ। ସାମୂହିକ ଭାବେ ପାଳନ କରାଯାଉଥିବା ପର୍ବ ବା ରୀତିନୀତି ମଧ୍ୟ ସାର୍ଥକ ଭାବନା ଏବଂ ଦୃଢ଼ ମନୋଭାବକୁ ସମସ୍ତଙ୍କ ମଧ୍ୟରେ ସୃଷ୍ଟି କରେ। ଉତ୍ପନ୍ନ ହୁଏ ଏକ ଦଳଗତ ମାନସିକତା ଏବଂ ବିବିଧ ଆହ୍ୱାନର ମିଳିତ ଭାବେ ସମ୍ମୁଖୀନ ହେବା ଲାଗି ମନରେ ଶକ୍ତି ଜୁଟାଏ। ମହାମାରୀ ସମୟରେ ଦେବାର୍ଚ୍ଚନା ଏହାର ଏକ ଉଦାହରଣ।

ଏସବୁ ଦୃଷ୍ଟିରୁ ବିଚାରକଲେ ଧାର୍ମିକ ପର୍ବପର୍ବାଣି ଓ ରୀତିନୀତି ପାଳନ କରିବାର ଦେହ ଓ ମନ ଉପରେ ରହିଛି ବହୁ ସକାରାତ୍ମକ ପ୍ରଭାବ। ସାମାଜିକ ଜୀବନକୁ ମଧ୍ୟ ଏହା ସୁଦୃଢ଼ କରେ। କିନ୍ତୁ ଏବେ ଗୁରୁତ୍ୱ ଦିଆଯାଉଛି ବାଣ, ରୋଷଣୀ ଓ ବାଜା ଉପରେ। ଉଜ୍ଜ୍ୱଳ ଆଲୋକରେ ମଧ୍ୟ ସାଜସଜ୍ଜା କରାଯାଉଛି। ପରିବେଶ ଓ ପରିସଂସ୍ଥା ଉପରେ ପଡୁଛି ଏହାର ଘାତକ ପ୍ରଭାବ। ଦେହ ଓ ମନକୁ ମଧ୍ୟ ଏହା ପ୍ରଭାବିତ କରୁଛି। ଆମେ ବୁଝିବା ଉଚିତ ଯେ ଏସବୁ ଆମର ପରମ୍ପରା ନୁହେଁ। ସମୟକ୍ରମେ ଏହାକୁ ଆମେ ସେଥିରେ ଯୋଗକରିଛୁ କେବଳ କ୍ଷଣିକ ଆନନ୍ଦ ପାଇଁ ଏବଂ କେତେକସ୍ଥଳେ ଅନ୍ଧବିଶ୍ୱାସ ହେତୁ। ଏଣୁ ଚାଲନ୍ତୁ ଏ ସବୁରୁ ନିବୃତ ରହି ଆମେ ସରସ, ସୁନ୍ଦର ଭାବେ ନିର୍ମଳ ମନ ନେଇ ଧାର୍ମିକ ପର୍ବ ଏବଂ ରୀତି ନୀତି ପାଳନ କରିବା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶିମିଳିପାଳ ସୁରକ୍ଷାରେ ସୁମନ୍ତ ଚୌଧୁରୀ

■ ୩ ବର୍ଷରେ ଧରିଛନ୍ତି ୧୮ କୁଖ୍ୟାତ ଶିକାରୀ
■ ପ୍ରଶଂସା କଲେ ପିସିସିଏଫ୍



ବାରିପଦା, ୧୯ ।୫ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ସୁରକ୍ଷାରେ ବନରକ୍ଷୀ ସୁମନ୍ତ କୁମାର ଚୌଧୁରୀ ଜଣେ ସବୁଜ ସୈନିକ ଭାବେ କାର୍ଯ୍ୟ କରି ନିଜର ପରାକାଷ୍ଠା ଦେଖାଇଛନ୍ତି । ଏହାକୁ ନେଇ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଥିବା ବେଳେ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା ‘ଏକ୍ସ’ ଯୋଗେ ପ୍ରଶଂସା କରିଛନ୍ତି । ଫରେଷ୍ଟ ଗାର୍ଡ ଶ୍ରୀ ଚୌଧୁରୀ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡରେ କାର୍ଯ୍ୟରତ । ଗତ ୩ବର୍ଷ ମଧ୍ୟରେ ସେ ଦକ୍ଷିଣ ପିଠାବଟା ବନାଞ୍ଚଳରେ ୧୮ କୁଖ୍ୟାତ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଏଥିସହ ୧୫ଟି ବନ୍ଧୁକ, ୪ଟି ହାତୀଦାନ୍ତ ଏବଂ ଗୋଟିଏ କଲରାପତରିଆ ବାଘ ଚମଡ଼ା ଜବତ କରିଥିବା ଦଳରେ ସେ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି । ତାଙ୍କ ଦ୍ୱାରା ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ବେଶ ସୁଦୂର ପ୍ରସାରୀ ହୋଇପାରିଛି । ତାଙ୍କ ଉଦ୍ୟମ ଯୋଗୁଁ ଗ୍ରାମବାସୀ ସ୍ୱେଚ୍ଛାକୃତ ଭାବେ ୩୨ଟି ବନ୍ଧୁକ ସହିତ ଆତ୍ମସମର୍ପଣ କରିଥିଲେ । ସେ ସ୍ଥାନୀୟ ଅଧିବାସୀଙ୍କ ବିଶ୍ୱାସଭାଜନ ହୋଇ ଶିମିଳିପାଳର ବନ୍ୟଜନ୍ତୁ ଓ ଗଛଲତାର ସୁରକ୍ଷା ନେଇ ଅନେକ ସଚେତନ କରିଛନ୍ତି । ଏହା ସହିତ ବିଭିନ୍ନ ସଚେତନତା ଅଭିଯାନଗୁଡ଼ିକ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଇଛନ୍ତି । ଶିମିଳିପାଳରେ ବନ୍ୟପ୍ରାଣୀଙ୍କ ପାଇଁ ଜଣେ ପ୍ରକୃତ ରକ୍ଷକ ଭାବେ କାର୍ଯ୍ୟ କରିଛନ୍ତି ବୋଲି ପିସିସିଏଫ୍ କହିଛନ୍ତି ।

■ ବାସି ଖାଦ୍ୟ ବିକ୍ରି; ଖାଦ୍ୟ ସୁରକ୍ଷା ଟିମ୍‌ର ଚଢ଼ଉ

# ‘ବିଶାଳ ମେଗା ମାର୍ଟ’କୁ ୧ ଲକ୍ଷ ଟଙ୍କା ଜରିମାନା

ରାୟଗଡ଼ା, ୧୯।୫(ସମିସ): ବୈଧ ସରିଯାଇଥିବା ଖାଦ୍ୟ ପ୍ୟାକେଟ୍ ବିକ୍ରି ଅଭିଯୋଗରେ ରାୟଗଡ଼ା ଏଫ୍‌ସିଆଇ ଛକ ନିକଟସ୍ଥ ବିଶାଳ ମେଗାମାର୍ଟକୁ ୧ଲକ୍ଷ ଟଙ୍କା ଜରିମାନା କରାଯାଇଛି । ଅଭିଯୋଗ ଆଧାରରେ ଆଜି ରାୟଗଡ଼ା ଖାଦ୍ୟ

**‘ବିଶାଳ ମେଗା ମାର୍ଟ’କୁ ୧ ଲକ୍ଷ ଟଙ୍କା ଜରିମାନା**

ସୁରକ୍ଷା ଅଧିକାରୀଙ୍କ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା । ଅଭିଯୋଗ ସତ ପ୍ରମାଣିତ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

ସୂଚନାନୁସାରେ, ରାୟଗଡ଼ା ସହରର ବାସିନ୍ଦା ସଂଗ୍ରାମ ପଟ୍ଟନାୟକ ଚଳିତ ମାସ ୧୪ ତାରିଖ ଦିନ ବିଶାଳ ମେଗାମାର୍ଟରୁ ସମୁଦାୟ ୧୪୬୩ ଟଙ୍କାର ଜିନିଷ କିଣିଥିଲେ । ତେବେ ଏକ ଭୁଜିଆ ପ୍ୟାକେଟ୍‌ର ବୈଧତା ୧୨ ତାରିଖ ଦିନ ସରିଯାଇଥିବାରୁ ଏ ବାବଦରେ ସେ ସଂସ୍ଥାର ମ୍ୟାନେଜରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ମ୍ୟାନେଜର୍ ଓଲଟି ତାଙ୍କୁ ନାଲି ଆଖି ଦେଖାଇଥିଲେ । ପରେ ଶ୍ରୀ ପଟ୍ଟନାୟକ ଏ ସଂପର୍କରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଖାଦ୍ୟ ସୁରକ୍ଷା ଅଧିକାରୀ ଜ୍ୟୋତି ପ୍ରକାଶ ସୋରେନଙ୍କ ନେତୃତ୍ୱରେ ତିନିଜଣିଆ ଏକ ଟିମ୍ ଆଜି ମାର୍ଟରେ ଚଢ଼ଉ କରିଥିଲେ । ଯାଞ୍ଚ ସମୟରେ ସେଠାରେ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା କିଛି ସାମଗ୍ରୀର ବୈଧତା ସରିଯାଇଥିବା ଦେଖିବାକୁ ମିଳିଥିଲା । ଏଥିସହ କିଛି ଖାଦ୍ୟ ସାମଗ୍ରୀ ଖୋଲାଥିବା ଦେଖିବାକୁ ପାଇବା ପରେ ଉକ୍ତ ସାମଗ୍ରୀର ମାନ ପରୀକ୍ଷଣ ପାଇଁ ଲ୍ୟାବ୍‌କୁ ପଠାଇଥିଲେ ।

**ଶିମିଳିପାଳ ସୁରକ୍ଷାରେ ଯୋଡ଼ି ହେଲା ଆଉ ଏକ ଫର୍ଦ୍ଦ**

# ଏସ୍‌ଟିପିଏଫ୍ ପାଇଁ ଆସିଲା ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍

ବାରିପଦା,୧୯ ।୫ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ଅଧିକ ମଜଭୁତ ହେଉଛି । ଏବେ ଏହି ସୁରକ୍ଷା ବ୍ୟବସ୍ଥାରେ ଗୋଟିଏ ନୂଆ ଫର୍ଦ୍ଦ ଯୋଡ଼ା ହୋଇଛି । ଅଭୟାରଣ୍ୟ



ସୁରକ୍ଷାରେ ସମ୍ମୁଖ ଯୋଦ୍ଧା ଭାବେ ନିୟୋଜିତ ଥିବା ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବଳ (ଏସ୍‌ଟିପିଏଫ୍)ଙ୍କ ପାଇଁ ବୁଲେଟ ପ୍ରୁଫ୍ ଜ୍ୟାକେଟ୍‌ର ବ୍ୟବସ୍ଥା କରାଯାଇଛି । ଏହାକୁ ପରିଧାନ କରି ପାଟ୍ରୋଲିଂ କରିବେ ସୁରକ୍ଷା ବଳ । ବନବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୫୦ଟି ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ଅଣାଯାଇଛି । ଏହି ସବୁ ଜ୍ୟାକେଟ୍ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡର

**ପ୍ରଥମ ପର୍ଯ୍ୟାୟରେ ଆସିଛି ୫୦ଟି ଜ୍ୟାକେଟ୍**

ଏସ୍‌ଟିପିଏଫଙ୍କୁ ପ୍ରଦାନ କରାଯାଇଛି ।

ବିଭିନ୍ନ ବନ୍ଧୁକର ଗୁଳିକୁ ପ୍ରତିହତ କରିବା ଭଳି କ୍ଷମତା ଥିବା ଜ୍ୟାକେଟ୍‌କୁ ୫ଥର ପରୀକ୍ଷାନିରୀକ୍ଷା କରାଯାଇଛି । ଏହି ଜ୍ୟାକେଟ୍ ଚେନ୍ନାଇସ୍ଥିତ ଅର୍ଡାନାନ୍ସ ଟେକ୍ସଟାଇଲ୍ ଫ୍ୟାକ୍ଟ୍ରିରୁ ପ୍ରସ୍ତୁତ କରାଯାଇଛି । ପ୍ରତି ଜ୍ୟାକେଟ୍‌କୁ ୪୦ ହଜାର ଟଙ୍କାରେ କ୍ରୟ କରାଯାଇଛି । କିଛି ବର୍ଷ ତଳେ ବନ୍ୟଜନ୍ତୁ ଶିକାରୀଙ୍କ ଗୁଳିରେ ଶିମିଳିପାଳର ୨ ବନ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା । ଏହା ପରଠାରୁ ପର୍ଯ୍ୟାୟକ୍ରମେ କର୍ମଚାରୀ ଓ ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି । ଏହି କ୍ରମରେ ପୁଲିସ ଓ ବନ କର୍ମଚାରୀ ମିଳିତ ଭାବେ ପାଟ୍ରୋଲିଂ କରିବା ସହ ବନ୍ଧୁକ ପ୍ରଦାନ କରାଯାଇଛି । ଶିମିଳିପାଳ ପାଇଁ ସ୍ୱତନ୍ତ୍ର ଶିମିଳିପାଳ ବ୍ୟାଘ୍ର ସୁରକ୍ଷା ବଳ ମଧ୍ୟ ନିୟୋଜିତ କରାଯାଇଛି । ସେହିପରି ବନ କର୍ମଚାରୀଙ୍କୁ ୫ଟି ଇନସାସ୍, ୬୧ଟି ପିଏଜି, ୩୪ଟି ଏକ୍ସକଲିବର, ୧୫ଟି ୯ ଏମ୍‌ଏମ ଓ ୩୨ଏମଏମ ବନ୍ଧୁକ ପ୍ରଦାନ କରାଯାଇଛି । ବନ୍ଧୁକ ଚାଳନା ନେଇ ନିୟମିତ ବ୍ୟବଧାନରେ ତାଲିମ ମଧ୍ୟ ଦିଆଯାଉଛି । ସେହିପରି ସୁରକ୍ଷା ବ୍ୟବସ୍ଥାରେ ଏ.ଆଇ କ୍ୟାମେରା, ସନ୍ଧାନୀ କୁକୁରଙ୍କ ଭୂମିକା ମଧ୍ୟ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ରୀୟ ଅନୁଦାନ...

ପରିସ୍ଥିତି ସୃଷ୍ଟି କରିଛି । ଯାହା କେନ୍ଦ୍ରୀୟ ଅନୁଦାନ ହ୍ରାସର ଅନ୍ୟତମ କାରଣ ବୋଲି ଅର୍ଥନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ବିଜେଡି ସରକାର କେବଳ ପଞ୍ଚାୟତିରାଜ ବିଭାଗରେ ଖର୍ଚ୍ଚ କରିଥିଲେ ୧୬୬୮୫ କୋଟି ଟଙ୍କା । ମାତ୍ର ବିଜେପି ସରକାରକୁ ଆସିବା ପରେ ଏହି ବିଭାଗ ମାତ୍ର ୮୨୨୭ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସମର୍ଥ ହୋଇଛି । କେବଳ ପଞ୍ଚାୟତିରାଜ ବିଭାଗ ନୁହେଁ, ମିଶନଶକ୍ତି, ଗ୍ରାମ୍ୟ ଉନ୍ନୟନ ଓ ସାମାଜିକ ଉନ୍ନୟନ ଜଡ଼ିତ ଅନ୍ୟ ବିଭାଗଗୁଡ଼ିକର ମଧ୍ୟ ସମାନ ଅବସ୍ଥା ।

କେବଳ କେନ୍ଦ୍ରୀୟ ଅନୁଦାନ ନୁହେଁ, ଗତ ଆର୍ଥିକ ବର୍ଷରେ ରାଜସ୍ୱ ସଂଗ୍ରହ ମଧ୍ୟ ପୂର୍ବ ବର୍ଷ ତୁଳନାରେ ହ୍ରାସ ପାଇଛି । ୨୦୨୩-୨୪ରେ ତତ୍କାଳୀନ ବିଜେଡି ସରକାର ସମୟରେ ରାଜ୍ୟ ସରକାରଙ୍କ ନିଜସ୍ୱ ଟିକସ ସଂଗ୍ରହ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୬.୯୧ ପ୍ରତିଶତ ବଢ଼ିଥିଲା । ମାତ୍ର ୨୦୨୪-୨୫ରେ ଏହି ବୃଦ୍ଧି ହାର ମାତ୍ର ୩.୬୫ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି । ସେହିପରି ଅଣଟିକସ ରାଜସ୍ୱ ସଂଗ୍ରହ ମଧ୍ୟ ନିରାଶାଜନକ ରହିଛି । ୨୦୨୩-୨୪ରେ ଅଣ ଟିକସ ରାଜସ୍ୱ ସଂଗ୍ରହ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୨୪.୦୯ ପ୍ରତିଶତ ବୃଦ୍ଧି ପାଇଥିବା ସମୟରେ ବିଜେପି ସରକାର ଆସିବା ପରେ ୨୦୨୪-୨୫ରେ ଅଣ ଟିକସ ରାଜସ୍ୱ ୩.୬୬ ପ୍ରତିଶତ ହ୍ରାସ ପାଇଛି । ୨୦୨୩-୨୪ରେ ରାଜ୍ୟରେ ଖଣି ରାଜସ୍ୱ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୯.୭୬ ପ୍ରତିଶତ ବଢ଼ିଥିବା ବେଳେ ୨୦୨୪-୨୫ରେ ତାହା ପ୍ରାୟ ୯.୬୯ ପ୍ରତିଶତ ହ୍ରାସ ପାଇଛି । ଲୁହାପଥରରୁ ମଧ୍ୟ ରାଜ୍ୟ ସରକାର ମାତ୍ର ବର୍ଷଟିଏ ମଧ୍ୟରେ ୭୩୮୩ କୋଟି ଟଙ୍କାର ରାଜସ୍ୱ କମ୍ ପାଇଛନ୍ତି । ସବୁ କ୍ଷେତ୍ରରେ ରାଜସ୍ୱ ପ୍ରାପ୍ତି କମ୍ ସରକାରଙ୍କ ଅପାରଗତାକୁ ଜଳଜଳ ଦର୍ଶାଉଛି । ଅତଏବ ସରକାର ଉତ୍ସବ ପାଳିବା ବଦଳରେ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ କିପରି ସୁସ୍ଥ ରହିବ ସେନେଇ ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

### ଭାରତ ଧର୍ମଶାଳା...

ଶ୍ରୀଲଙ୍କା ଫେରିଯିବାକୁ କୁହାଯାଉଛି । ଆବେଦନକାରୀଙ୍କ ଓକିଲ ସମ୍ବିଧାନର ଧାରା ୨୧ (ଜୀବନ ଏବଂ ସ୍ୱାଧୀନତାର ସୁରକ୍ଷା) ଏବଂ ଧାରା ୧୯ ବାକ୍ ଏବଂ ବାକ୍ ସ୍ୱାଧୀନତା ଏବଂ ମୌଳିକ ଅଧିକାର ପ୍ରଦାନ କରୁଛି ବୋଲି କହିଥିଲେ । କିନ୍ତୁ ଜଷ୍ଟିସ୍ ଦତ୍ତା କହିଥିଲେ ଯେ ଆବେଦନକାରୀଙ୍କ ଅଟକ ରଖିବା ଦ୍ୱାରା ଧାରା ୨୧ର ଉଲଙ୍ଘନ ହେଉ ନାହିଁ । କାରଣ ତାଙ୍କୁ ଆଇନ ଅନୁଯାୟୀ ହେପାଜତକୁ ନିଆଯାଇଥିଲା । ଧାରା ୧୯ କେବଳ ଭାରତୀୟ ନାଗରିକଙ୍କ ପାଇଁ ଉପଲବ୍ଧ । ଏଠାରେ ବାସ କରିବାର ତମର କି ଅଧିକାର ରହିଛି ବୋଲି କୋର୍ଟ ପଚାରିଥିଲେ । ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ଶ୍ରୀଲଙ୍କାରେ ଶରଣାର୍ଥୀ ଏବଂ ତାଙ୍କ ପତ୍ନୀଙ୍କ ଜୀବନ ବିପଦରେ ଅଛି । ଏହାପରେ କୋର୍ଟ ତାଙ୍କୁ ଅନ୍ୟ ଦେଶକୁ ଯିବାକୁ କହିଥିଲେ ।

### ଟ୍ୟୁମର୍ ରୋଗୀଙ୍କୁ...

ସହ ଅନ୍ୟାନ୍ୟ ସମସ୍ୟା ବାହାରିଥିଲା । ଯନ୍ତ୍ରଣା ଅସହ୍ୟ ହେବାରୁ ଗତ ୩ ତାରିଖ ଦିନ ସେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ । ସେଠାରେ ସମସ୍ତ ପରୀକ୍ଷାନିରୀକ୍ଷା ପରେ ଜଣାଯାଇଥିଲା ଯେ ସେ ଗର୍ଭବତୀ ନାହାନ୍ତି, ବରଂ ତାଙ୍କ ପେଟରେ ଏକ ଟ୍ୟୁମର୍ ରହିଛି ଏବଂ ତାହା ଦିନକୁ ଦିନ ବଢ଼ିବାରେ ଲାଗିଛି । ତେଣୁ, ତାଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କାରେ ରୁନିଙ୍କୁ ସେହିଦିନ ଅଧିକ ଚିକିତ୍ସା ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ତାଙ୍କ ପେଟରୁ ଏ ପର୍ଯ୍ୟନ୍ତ ଟ୍ୟୁମର ବାହାର କରାଯାଇନଥିବା ଜଣାଯାଇଛି । ବର୍ତ୍ତମାନ ସେଠାରେ ସେ ଚିକିତ୍ସିତ ହେଉଛନ୍ତି । ଅପରପକ୍ଷେ, ଏଭଳି ଅବସ୍ଥାରେ ରୁନି ଓ ତାଙ୍କ ସ୍ୱାମୀ ମାନସିକ ଭାରସାମ୍ୟ ହରାଇ ଚିନ୍ତାରେ ରହିଛନ୍ତି ।

### ଯୁବତୀଙ୍କୁ ୬ ଦିନ...

ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ବାଲିଗୁଡା ଥାନା ଅଧିକାରୀ ସମ୍ବିତ୍ କୁମାର ସ୍ୱାଇଁ ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରିବା ପରେ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ସାମ୍ବାଦିକ ସମ୍ମିଳନୀରେ ବାଲିଗୁଡା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ପ୍ରକାଶ କରିଛନ୍ତି ।

### ୯ ଜଣଙ୍କୁ ‘ଅନ୍‌ଫଲୋ’...

ଇନ୍‌ଷ୍ଟା ଆଇଡିରେ ୨୨୫ ଜଣଙ୍କୁ ଫଲୋ କରୁଥିଲେ । ହେଲେ ଦୁଇଦିନ ଧରି ଚର୍ଚ୍ଚାରେ ଥିବା ପ୍ରିୟଙ୍କାଙ୍କୁ ଫଲୋ କରୁଥିବା ସଂଖ୍ୟା ୨୧୬ରେ ପହଞ୍ଚିଛି । ଏହି ଦୁଇ ତିନି ଦିନ ମଧ୍ୟରେ ପ୍ରିୟଙ୍କା କାହାକୁ ଅନ୍‌ଫଲୋ କରିଛନ୍ତି, ତାକୁ ନେଇ ଉଠିଛି ପ୍ରଶ୍ନ ।

ପୂର୍ବରୁ ପ୍ରିୟଙ୍କା ନିଜ ପାକିସ୍ତାନ ଗସ୍ତର ରିଲ୍‌ସ ଓ ଭିଡିଓକୁ ଉଭୟ ୟୁଟ୍ୟୁବ୍ ଆକାଉଣ୍ଟ ଏବଂ ଇନ୍‌ଷ୍ଟାରୁ ଡିଲିଟ୍ କରିଥିଲେ । ଏବେ ନିଜ ଇନ୍‌ଷ୍ଟା ଆକାଉଣ୍ଟକୁ ମଧ୍ୟ ଲକ୍ କରିଛନ୍ତି । ତେବେ ପ୍ରିୟଙ୍କା ଦେଶ ପ୍ରଥମ ବୋଲି ସ୍ପଷ୍ଟ କରିଥିବା ବେଳେ ତାଙ୍କ ବାପା ସବୁପ୍ରକାର ତଦନ୍ତରେ ଝିଅ ସହଯୋଗ କରିବ ବୋଲି କହିଥିଲେ । ହେଲେ ତାଙ୍କ ସୋସିଆଲ ମିଡିଆ ସାଇଟ୍‌କୁ ନେଇ ଅନେକ ସନ୍ଦେହ ପ୍ରକଟ କରିଛନ୍ତି ।

ଏଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ବର୍ତ୍ତମାନ ମଧ୍ୟ ଘଟଣାର ତଦନ୍ତ ଚାଲିଛି । ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି । ଆମେ ଉଭୟ ରାଜ୍ୟ ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସହ ଯୋଗାଯୋଗରେ ଅଛୁ । ଯାଞ୍ଚ ସରିଲା ପରେ ସମସ୍ତ ତଥ୍ୟ ଦିଆଯିବ । ହରିଆଣା ପୁଲିସ୍ କି ଏନ୍‌ଆଇଏର କୌଣସି ଅଧିକାରୀ ପୁରୀ ଆସିନାହାନ୍ତି ବୋଲି ଏସ୍‌ପି କହିଛନ୍ତି । ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ତଦନ୍ତ ପାଇଁ ପୁରୀ ଆସିବା ଦରକାର ନାହିଁ । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଯେ କୌଣସି ଜାଗାରୁ ତଦନ୍ତ କରିପାରିବେ ।

### ଶ୍ୱାସରୁଦ୍ଧ ହୋଇ...

କାର୍‌ର ସବୁତକ ଡୋର୍ ବନ୍ଦ ହୋଇଯିବା ପରେ ଧୀରେଧୀରେ ଭିତରେ ଥିବା ଅମ୍ଳଜାନ ସରିଯାଇଥିଲା । ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ସମସ୍ତେ ଛଟପଟ ହୋଇଥିଲେ ଏବଂ କାର୍ ଭିତରୁ ବାହାରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଡୋର୍ ଖୋଲିବା କୌଶଳ ସେମାନଙ୍କୁ ଜଣାନଥିଲା । ପାଖରେ ମଧ୍ୟ କେହି ନଥିବାରୁ ସେମାନଙ୍କୁ ଉଦ୍ଧାର କରାଯାଇପାରିନଥିଲା । ଫଳରେ କିଛି ସମୟ ମଧ୍ୟରେ ଜଣଙ୍କ ପରେ ଜଣେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ । ଅପରପକ୍ଷେ, ପରିବାରଲୋକ ବହୁ ଖୋଜାଖୋଜି କରି ସେମାନଙ୍କୁ କାର୍ ଭିତରୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେତେବେଳକୁ ଆଉ ସେମାନଙ୍କ ଦେହରେ ଜୀବନ ନଥିଲା । ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଏନେଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

**ଟ୍ରମ୍ପଙ୍କ ସହ ପୁତିନଙ୍କ ଦୁଇ ଘଣ୍ଟିଆ ଆଲୋଚନା**

# ଯୁଦ୍ଧ ବନ୍ଦ କରିବା ପାଇଁ ପ୍ରସ୍ତୁତ

ୱାଶିଂଟନ, ୧୯।୫ (ଏଜେନ୍ସି): ୟୁକ୍ରେନ ଯୁଦ୍ଧକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ସୋମବାର ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫୋନ୍‌ରେ ଆଲୋଚନା କରିଛନ୍ତି । ଆପୋଷ ବୁଝାମଣା ଦ୍ୱାରା ଦୁଇ ଦେଶ ମଧ୍ୟରେ ଶୀଘ୍ର ଅସ୍ତ୍ରବିରତି ହୋଇପାରେ ବୋଲି କୁହାଯାଉଛି । ଏହି ଫୋନ୍ ବାର୍ତ୍ତାଳାପରେ ଉଭୟ ନେତା ଯୁଦ୍ଧ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଅସ୍ତ୍ରବିରତି ପାଇଁ ମସ୍କୋ ଏବଂ କିଭ ରଖିଥିବା ସର୍ତ୍ତ ବିଷୟରେ ଚର୍ଚ୍ଚା କରିଥିଲେ । ଏହି ଆଲୋଚନା ବହୁତ ଭଲ ଥିଲା ବୋଲି ପୁତିନ କହିଛନ୍ତି । ଯୁଦ୍ଧ ବନ୍ଦ କରିବା ପାଇଁ ସେ ପ୍ରସ୍ତୁତ ବୋଲି ଉଲ୍ଲେଖ କରିଛନ୍ତି । ଏଥିପାଇଁ ଉଚିତ୍ ବୁଝାମଣା ହେବା ଉଚିତ । ଯୁଦ୍ଧର ପ୍ରକୃତ କାରଣକୁ ଶେଷ କରିବାକୁ ହେବ । ୟୁକ୍ରେନ ସହ ଭବିଷ୍ୟତର ଶାନ୍ତି ଚୁକ୍ତି ପାଇଁ ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିବା ଦିଗରେ ସେ କାର୍ଯ୍ୟ କରୁଛନ୍ତି ବୋଲି ପୁତିନ ଉଲ୍ଲେଖ କରିଛନ୍ତି । ଏହା ପୂର୍ବରୁ ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେଁସ୍କିଙ୍କ ସହ ଟ୍ରମ୍ପ କଥା ହୋଇଥିଲେ । ତେବେ ଏହା କେବଳ କିଛି ମିନିଟ ପାଇଁ ଥିଲା । ସେହିପରି ତୁର୍କୀରେ ହୋଇଥିବା ଆଲୋଚନା ଠିକ୍ ମାର୍ଗରେ ଯାଉଛି ବୋଲି ପୂର୍ବରୁ ପୁତିନ କହିଥିଲେ ।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ

କେନ୍ଦୁଝର,୧୯।୫(ସମିସ): କେନ୍ଦୁଝର ସଦର ବନାଞ୍ଚଳ କୁସୁମିତା ଗ୍ରାମର ଜଣେ ବୃଦ୍ଧା ଆଜି ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ମୃତକ ହେଲେ, ସୁନାଫୁଲ ପ୍ରଧାନ(୬୦) । ଆଜି ସକାଳେ ସେ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ । ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା । ଏଥିରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଖବର ପାଇ ପଳାସପଙ୍ଗା ଫରେଷ୍ଟର୍ ଜୟକୃଷ୍ଣ ଦାସ ଓ ସଦର ଏସ୍‌ଆଇ ନୀହାର ରଞ୍ଜନ ରାଉତ ପହଞ୍ଚି ତଦନ୍ତ ଚଳାଇଥିଲେ । ଏନେଇ ୩୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ବ୍ୟବଚ୍ଛେଦ ପରେ ସୁନାଫୁଲଙ୍କ ଶବକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା,୧୯ ।୫(ସମିସ): ମୟୂରଭଞ୍ଜ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟର ବିଚାରପତି ସନ୍ତୋଷ କୁମାର ନାୟକ ସୋମବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଦୋଷୀକୁ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ, ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଏଥିସହିତ ପୀଡ଼ିତାଙ୍କୁ ୩ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦୋଷୀ ସାବ୍ୟସ୍ତ ବ୍ୟକ୍ତିଜଣଙ୍କ ହେଲା, ଯଶିପୁର ଥାନା ଅଞ୍ଚଳର ହେମେନ୍ଦ୍ର ନାଏକ (୩୦) । ଗତବର୍ଷ ଜୁନ୍ ୪ତାରିଖରେ ଦୁଇ ଭଉଣୀ ନିକଟସ୍ଥ ବଜାରକୁ ଯାଇଥିବା ବେଳେ ହେମେନ୍ଦ୍ର ଜଣଙ୍କୁ ଚକଲେଟ୍ ଦେଇ ଘରକୁ ପଠାଇ ଦେଇଥିଲା । ପରେ ଅନ୍ୟଜଣକୁ ବଜାର ନିକଟରେ ଦୁଷ୍କର୍ମ କରିଥିଲା । ଏ ସଂପର୍କରେ ଜଣାପଡ଼ିବା ପରେ ନାବାଳିକାର ପରିବାରଲୋକ ଯଶିପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ହେମେନ୍ଦ୍ରକୁ ଗିରଫ କରିଥିଲା । ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ହେମେନ୍ଦ୍ରକୁ କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ ।

**LOST**
Manashis Nayak , Holding Bachelor of Engineering Degree in Computer Science Engineering ,has lost his degree certificate which is issued by Biju Patnaik University of Technology in year 2004. Anybody found, please contact: Manashis Nayak, 65 LB Housing Board Colony, Jayadev Nagar, Bhubaneswar, mob-9916425381

**SALE**
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**MARKFED - ODISHA**
OLD STATION ROAD, BHUBANESWAR - 751006
MARKFED-ODISHA
OFFICE OF THE AREA OFFICE, SAMBALPUR
Contact No. 9938384466
MARKFED invites Sealed Tender Call Notice from adhoc Rake Clearing & Transport Contractor in Odisha, Sambalpur City Rake Point for Clearing of 50 Kg/45Kg weight fertilizer in HDPE bags received from Rail Rakes at Sambalpur Railhead. Reputed & Financially Sound Contractor with minimum 5 (five) year experience in Fertilizer Rake Clearing are required to apply. The details Terms & Condition along with Tender Paper may be obtained from Area Office, MARKFED, Sambalpur from 19.05.2025 to 26.05.2025 in between 11 A M to 4 PM and submit the same on or before dt 30.05.2025 by 4 PM. beside government holiday. The sealed tender will be open on 31.05.2025 at 11.30 AM .
Sd/- Area Manager
MARKFED, Sambalpur

**AFFIDAVIT**
By Virtue of an Affidavit no 985 dt 2.5.25 before the Notary Public, Bhadrak I, SHREE MANISA NAYAK At/Po- Samantraypur, P. S- Pirahat ,Dist-Bhadrak,PIN- 756131 declare that I have changed my name from SUSHREE SHREE MANISA NAYAK to SHREE MANISA NAYAK. Henceforth I shall be known as SHREE MANISA NAYAK for all purposes.

**AFFIDAVIT**
By virtue of an affidavit sworn before In the Court Of Executive Magistrate,Daspalla dated 17/05/2025 I Debasis Pradhan,Adress Village-riramchandrapur, PO-Srirampur, P.S-Daspalla, Dist-Nayagarh, Pin-752084 declare that I have changed my name from Rakesh Pradhan to Debasis Pradhan. Henceforth, I Shall be known as Debasis Pradhan for all purpose.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 14/05/2025 I Sri. Guru Kanteri S/o- Adu Kanteri, Village - Gulpandi, Post - Malibelgaon, PS - Nandapur, Dist - Koraput declare that I have changed my name from Guru Hantal S/o-Sahu Hantal to Guru Kanteri . Henceforth, I shall be known as Guru Kanteri for all purpose.
Sd/- Guru Kanteri

**AFFIDAVIT**
By virtue of an affidavit sworn before the Executive Magistrate, Puri, SL. No: 2074 dated 04/04/2025, I Juliyas Rani Sahu, W/o Hemanta Kumar Sahu resident of Village At - Dhoba Sahi, Station Road, Ps- Sea Beach, Dist- Puri, Odisha, Pin-752002 declare that I have changed my name from Juliyas Rani Tandi to Juliyas Rani Sahu. Henceforth, she shall be known as JULIYAS RANI SAHU for all purposes.
Sd- JULIYAS RANI SAHU

**AFFIDAVIT**
By virtue of an affidavit sworn before Executive Magistrate, Gondia, Dhenkanal on date 19.04.2025, I Purna Chandra Pradhan, S/o-Nidhi Pradhan, Village-Makunda pur, PO- Karmul, PS- Gondia, Dist-Dhenkanal, declares that I have changed my son's name from Sruti Ranjan Pradhan To Smruti Ranjan Pradhan. Hence he will known as Smruti Ranjan Pradhan for all purposes.
Sd/- Purna Chandra Pradhan

**AFFIDAVIT**
I, Pragyan Nayak, D/o-gopal Chandra Nayak, resident of Plot No-1823, Ananta Nagar, Mahatab Road, Lingaraj, Old Town, Dist- Khurda, Pin-751002, Odisha declare by this affidavit No. 446, dated- 17/05/2025 that now onwards I shall be known as PRAGNYA NAYAK for all future purposes.

**AFFIDAVIT**
I, Manoj Parida, H/o.: Rupeli Rupanita Dash, presently residing at Flat No.: 104, Sairaj Ashiyana, Kesura, PO./P.S.: Laxmisagar, Bhubaneswar, Dist.: Khorda, Odisha, PIN-751006, declare by this affidavit No.: 73AA 584737 dated 22.11.2024 that now onwards I shall be known as MANOJ KUMAR PARIDA for all future purposes.

**AFFIDAVIT**
By virtue of an Affidavit sworn before The Executive Magistrate, Bissam Cuttack, Vide Sl. No.1395/2025, dated-09/05/2025, I BUDU KUSHALIA, son of ARJUN KUSHALIA, Address Village-Kankubadi, Post-Kankubadi, P.S-Bissam Cuttack, District- Rayagada, Odisha, PIN- 765019 declare that I have changed my name from JAGANNATH KUSHALIA to BUDU KUSHALIA. Henceforth I shall be known as BUDU KUSHALIA for all purposes.

**AFFIDAVIT**
By Virtue of an affidavit sworn before Executive Magistrate, Bhubaneswar dated: 05.03.2025, I, Keshaba Mallick, address:- at- Kalingi, Po-Tajungia, PS-Brahmanigaon, Dist-Kandhamal, Odisha, Pin-762021, declare that I have changed my son's name from Krish Mallick to Arijit Mallick. Henceforth, he shall be known as Arijit Mallick for all purposes.
Keshaba Mallick

**AFFIDAVIT**
I, Rajeswari Patro, aged about 41 years, W/o-Pradeep Kumar Patro, resident of Gouda Sahi, Phulabani, Po- Phulbani, Ps- Phulbani Town, Dist-Kandhamal, Odisha, Pin-762001, do hereby declare by this affidavit No. 1046, dtd. 19/05/2025, that now onwards I shall be known as RAJESWARI PATRA for all future purposes.

**AFFIDAVIT**
I, Chakaradhar Behera, S/o- Gopinath Behera, resident of At- Bharatpur, Po- Ayatapur, Ps-Nachuni, Dist- Khurda, Pin Code- 752035, Odisha declared by this affidavit No. 888, dtd-19/04/2025 that now onwards I shall be known as CHAKRADHAR BEHERA for all future purposes.

**AFFIDAVIT**
I, Krushna Chandra Parida, S/o- Narahari Parida, resident of At/Po-Sabira, Ps- Soro, Dist- Balasore, Pin-756045, Odisha declare by this affidavit No. 447, dated- 17/05/2025 that now onwards I shall be known as KRUSHNA PARIDA for all future purposes.

**AFFIDAVIT**
I, Rupeli Rupanita Parida, W/o.: Manoj Kumar Parida, presently residing at Flat No.: 104, Sairaj Ashiyana, Kesura, PO./P.S.: Laxmisagar, Bhubaneswar, Dist.: Khorda, Odisha, PIN-751006, declare by this affidavit No.: 73AA 584756 dated 22.11.2024 that now onwards I shall be known as RUPELI RUPANITA DASH for all future purposes.

**AFFIDAVIT**
I, Manoja Kumar Parida, S/o.: Shyam Sunder Parida, Resident of, At: Kuansh, PO./P.S./Dist.: Bhadrak, PIN-756100, Odisha declare by this affidavit No.: 73AA 584738 dated 22.11.2024 that now onwards I shall be known as MANOJ KUMAR PARIDA for all future purposes.

**AFFIDAVIT**
By virtue of an affidavit before Executive Magistrate, Kabisuryanagar, Ganjam, I Sapana Gouda, S/o- Paramananda Gouda resident of Vill.-Sadabarta Nuagan, Po/Ps.-Kabisuryanagar, Dist.- Ganjam, Odisha state that my correct name is Sapana Gouda but in my Aadhaar card no. 2417 7243 6399 my name has been mentioned as Swapna Gouda. Hence Sapana Gouda and Swapna Gouda is same and one person of the above locality.

**AFFIDAVIT**
I, Ajaya Kumar Parida, S/o- Krushna Parida, resident of At/Po-Sabira, Ps- Soro, Dist-Balasore, Pin-756045, Odisha declare by this affidavit No. 448, dated-17/05/2025 that now onwards I shall be known as AJAY KUMAR PARIDA for all future purposes.

**AFFIDAVIT**
I, Mandakini Jena, W/o-Prakash Jena, resident of BH202 Sri Ram Nagar, Chakeisihani, Manchswar, Bhubaneswar, Pin-751010, Odisha declared by this affidavit No. 1037, dtd-18/05/2025 that now onwards I shall be known as KUNI JENA for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Dhenkanal on date 24.02.2025, I Mita Padhan, W/o- Prakash Kumar padhan, Village-Chhadasingh, PO-Badanagena, PS-Sadar, Dist- Dhenkanal, declares that I have changed my name from Rasmita Dehury to Mita Padhan. Hence he will known as Mita Padhan for all purposes.
Sd/- Mita Padhan

ସକାଳ
THE SAKALA



**ପ୍ରହେଳିକା ପାଲଟିଛି ୩୫୦୦ ଟଙ୍କା ଭତ୍ତା**

# ଜିଲ୍ଲାରେ ୩ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ବଞ୍ଚିତ

ନୟାଗଡ଼,୧୯।୫(ସମିସ)

ନୟାଗଡ଼ ଜିଲ୍ଲାରେ ପ୍ରହେଳିକା ପାଲଟିଛି ୩୫୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା। ଯେତିକି ଲୋକ ୩୫୦୦ ଟଙ୍କା ପାଉଛନ୍ତି, ଅନେକ ବ୍ୟକ୍ତି ଅପେକ୍ଷାରେ ରହିଛନ୍ତି। ଜିଲ୍ଲାକୁ ମିଳିଥିବା ଟାର୍ଗେଟ୍ ପୂରଣ ହୋଇ ସାରିଥିବାରୁ ୩ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ରାଜ୍ୟ ସରକାରଙ୍କ ଏହି ଜନହିତକର ଯୋଜନାରୁ ବଞ୍ଚିତ ହେଉଛନ୍ତି। ବ୍ଲକ୍‌ଗୁଡ଼ିକ ଦ୍ୱାରା ତାଳିକା ପ୍ରସ୍ତୁତିରେ ଭୁଲ୍ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ଅବହେଳା ପାଇଁ ଜିଲ୍ଲାରେ ଅନେକ ବ୍ୟକ୍ତି ବୟସ ଏବଂ ଯୋଗ୍ୟତା ଥାଇ ବି ୩୫୦୦ ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନେକ ହିତାଧିକାରୀଙ୍କୁ ଜାଣିଶୁଣି ତାଲିକାଭୁକ୍ତ କରାଯାଇନାହିଁ। କେତେକ ସ୍ଥାନରେ ସାମିଲ୍ କରିବା ପାଇଁ ଅର୍ଥ ଦାବି କରାଯାଉଛି।

- ସାମାଜିକ ସୁରକ୍ଷା ବିଭାଗର ଅବହେଳା
- ଜିଲ୍ଲାକୁ ମିଳିଥିବା ଟାର୍ଗେଟ୍ ଶେଷ
- ଜଣଙ୍କ ମୃତ୍ୟୁରେ ଆଉ ଜଣେ ସାମିଲ୍

ନୟାଗଡ଼ ବ୍ଲକ୍‌ରେ ୪୦୦ରୁ ଊର୍ଦ୍ଧ୍ୱ ୮୦ ବର୍ଷ ବୟସ୍କ ଏବଂ ୮୦ ପ୍ରତିଶତ ଦିବ୍ୟାଙ୍ଗ ବ୍ୟକ୍ତି ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ୩୫୦୦ ଟଙ୍କା ଭତ୍ତା ବ୍ୟବସ୍ଥା ଏକ ପ୍ରହେଳିକା ବୋଲି ଅଭିଯୋଗ ଆସୁଥିବାବେଳେ ହାତଗୁଞ୍ଜା ଦେଲେ ବୟସ ବଢ଼ୁଛି ବୋଲି ଅଭିଯୋଗ କରିଛନ୍ତି। କେବଳ ନୟାଗଡ଼ ବ୍ଲକ୍ ନୁହେଁ; ଜିଲ୍ଲାର ସବୁ ବ୍ଲକ୍‌ରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାରେ ଏହି ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କ ସଂଖ୍ୟା ୩ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗତ ନୟାଗଡ଼ ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକରେ କହିଛନ୍ତି। ସରକାରଙ୍କ ପକ୍ଷରୁ ଜିଲ୍ଲାକୁ ଦିଆଯାଇଥିବା ଟାର୍ଗେଟ୍ ପୂରଣ ହୋଇସାରିଥିବା ବେଳେ ବହୁ ସଂଖ୍ୟାରେ ଯୋଗ୍ୟ ବ୍ୟକ୍ତି ୩୫୦୦ ଟଙ୍କା ପାଇବାରୁ ବଞ୍ଚିତ ହେବା ଚିନ୍ତାର ବିଷୟ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲାରେ ଇନ୍ଦିରା ଗାନ୍ଧୀ ପେନ୍‌ସନ୍ ଯୋଜନାର ୬୦୫୬ ହିତାଧିକାରୀ, ଇନ୍ଦିରା ଗାନ୍ଧୀ ଦିବ୍ୟାଙ୍ଗ ପେନ୍‌ସନ୍ ଯୋଜନାରେ ୨୬୦୬, ମଧୁବାବୁ ପେନ୍‌ସନ୍ ଯୋଜନାରେ ୪୪୭୦, ମଧୁବାବୁ ଦିବ୍ୟାଙ୍ଗ ପେନ୍‌ସନ୍ ଯୋଜନାରେ ୧୪୦୮ ଜଣ ହିତାଧିକାରୀ ୩୫୦୦ ଟଙ୍କା ଭତ୍ତା ପାଉଛନ୍ତି। ଏମାନଙ୍କୁ ବାଦ୍ ଦେଲେ ଜିଲ୍ଲାରେ ୩ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଏବେ ବି ଅପେକ୍ଷାରେ ରହିଛନ୍ତି। ୩୫୦୦ ଟଙ୍କା ଭତ୍ତାରେ ସାମିଲ୍ ହୋଇଥିବା ୧୪ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ମଧ୍ୟରୁ ଯଦି କାହାରି ମୃତ୍ୟୁ ଘଟେ, ତେବେ ତାଙ୍କ ସ୍ଥାନରେ ଜଣେ ନୂଆ ହିତାଧିକାରୀଙ୍କୁ ସାମିଲ୍ କରାଯାଉଛି। ରାଜ୍ୟ ସରକାର ଟାର୍ଗେଟ ବଢ଼ାଇଲେ ଏହି ୩ ହଜାର ହିତାଧିକାରୀ ସାମିଲ୍ ହୋଇପାରିବେ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗତ ବୈଠକରେ କହିଥିଲେ। ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଏନେଇ ଅବଗତ କରିବା ସହ କିଭଳି ଟାର୍ଗେଟ୍ ବୃଦ୍ଧି ପାଇବ ତାହା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି।

### ମାଲ ମାଲ ନକଲି ଦିବ୍ୟାଙ୍ଗ

ନୟାଗଡ଼ ଜିଲ୍ଲାରେ ମାଲ ମାଲ ନକଲି ଦିବ୍ୟାଙ୍ଗ ଭତ୍ତା ସହ ଆବଶ୍ୟକ ସରକାରୀ ସୁବିଧାସୁଯୋଗ ପାଉଛନ୍ତି। ଏହି ନକଲି ଦିବ୍ୟାଙ୍ଗମାନେ ହାତଗୁଞ୍ଜା ଦେଇ ଦିବ୍ୟାଙ୍ଗ ପ୍ରମାଣପତ୍ର ହାତେଇଛନ୍ତି। ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଅଧୀନରେ ଦିବ୍ୟାଙ୍ଗ ଭତ୍ତା ପାଉଥିବା ସମସ୍ତ ହିତାଧିକାରୀଙ୍କ ପୁନଃ ଯାଞ୍ଚ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

# ବଲାଙ୍ଗୀ ପାର୍କରେ ଲାଗିଲା ଲାଇଟ୍; କାର୍ଯ୍ୟକ୍ଷମ ହେଲା ଶୌଚାଳୟ



**'ସକାଳ' ପ୍ରଭାବ**

ନୟାଗଡ଼,୧୮।୫(ସମିସ): ନୟାଗଡ଼ ଜିଲ୍ଲା ତଥା ସଦର ମହକୁମାରେ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭା ହୋଇଛି ବଲାଙ୍ଗୀ ପାର୍କ। ଏହି ପାର୍କକୁ ବିଶ୍ୱସ୍ତରୀୟ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ପୌର ପରିଷଦର ଅଣଦେଖା କାରଣରୁ ବଲାଙ୍ଗୀ ପାର୍କରେ ନାନାଦି ସମସ୍ୟା ସୃଷ୍ଟି ହୋଇଥିଲା। ପାର୍କିଂ ସ୍ଥାନରେ ଅନ୍ଧାର, ଶୌଚାଳୟ ବନ୍ଦ ହୋଇଥିବା ସମସ୍ୟାକୁ ସୋମବାର ପୌର ପରିଷଦ ପକ୍ଷରୁ ତତ୍ପରତା ସହ ସମାଧାନ କରାଯାଇଛି। ପାର୍କିଂ ସ୍ଥାନରେ ଲାଇଟ୍ ଲଗାଯାଇଥିବା ଏବଂ ଶୌଚାଳୟକୁ କାର୍ଯ୍ୟକ୍ଷମ କରାଯାଇଥିବା ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ବଲାଙ୍ଗୀ ପାର୍କ ନୟାଗଡ଼ବାସୀଙ୍କ ଭାବାବେଗ ସହ ଜଡ଼ିତ ହୋଇଥିବାବେଳେ ଛୁଟି ଦିନଗୁଡ଼ିକରେ ବ୍ୟାପକ ଜନଗହଳି ଦେଖିବାକୁ ମିଳୁଛି।

ପ୍ରତ୍ୟେକ ରବିବାର ଏଠାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଉଛି। ପୌର ପରିଷଦ ପକ୍ଷରୁ ସୁରକ୍ଷା କର୍ମୀ ନିଯୁକ୍ତି ହୋଇଥିଲେ ମଧ୍ୟ କୌଣସି କର୍ମଚାରୀଙ୍କୁ ସେଠାରେ ଦେଖିବାକୁ ମିଳୁନାହିଁ। ଯାହାକୁ ନେଇ ପୌର ପରିଷଦ ଏକ ଠିକାସଂସ୍ଥା ମାଧ୍ୟମରେ ବଲାଙ୍ଗୀ ପାର୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରିବ ବୋଲି ସୂଚନା ମିଳିଛି।

## ଦେଶୀ ମଦ ଜବତ; ଦୁଇ ଗିରଫ

ଭାପୁର/ଖଣ୍ଡପଡ଼ା,୧୯।୫(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଚକ୍ରଧରପ୍ରସାଦ ପଞ୍ଚାୟତ ଗୋବର୍ଦ୍ଧନପ୍ରସାଦ ଗ୍ରାମରେ ସୋମବାର ଖଣ୍ଡପଡ଼ା ଅବକାରୀ ବିଭାଗ ଦୁଇଟି ସ୍ଥାନରେ ଚଢ଼ଉ କରି ୩୮ ଲିଟର ଦେଶୀ ମଦ ଓ ଦୁଇଟି ଗାଡ଼ି ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୋବର୍ଦ୍ଧନପ୍ରସାଦ ଗ୍ରାମରେ ଅବକାରୀ ବିଭାଗ କବି ମଲ୍ଲିକଙ୍କ ଘରେ ଚଢ଼ଉ କରି ୨୪ ଲିଟର ଦେଶୀ ମଦ ଜବତ କରିବା ସହ ଏକ ବାଇକ୍ ଜବତ କରିଥିଲେ। ସେହିପରି ସେହି ଗ୍ରାମର ଉପେନ୍ଦ୍ର ସାହୁଙ୍କ ଘରୁ ୧୪ ଲିଟର ଦେଶୀ ମଦ ଓ ଟିଭିଏସ୍ ଏକ୍ସଏଲ୍ ମୋପେଡ୍ ଜବତ କରିଛି। ଦୁଇ ଘଟଣାରେ ଉଭୟ କବି ମଲ୍ଲିକ ଓ ଉପେନ୍ଦ୍ର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଚଢ଼ଉରେ ଖଣ୍ଡପଡ଼ା ଅବକାରୀ ଥାନା ଅଧିକାରୀ ଦୀପକ ଜେନା, ଏଏସ୍‌ଆଇ ନନ୍ଦୁ ନାୟକ ଓ କନେଷ୍ଟବଳ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରି ଓ ଶୁଭଶ୍ରୀ ପାଣିଗ୍ରାହୀ ସାମିଲ୍ ହୋଇଥିଲେ।



## ପଥର ଖଣିରେ ଚଢ଼ଉ; ଟ୍ରାକ୍ଟର ଜବତ

ଖଣ୍ଡପଡ଼ା,୧୯।୫(ସମିସ): ଖଣ୍ଡପଡ଼ା ତହସିଲ୍ ଅଧୀନ ସିଂଘାପଡ଼ା ପଞ୍ଚାୟତର କେଡାଙ୍କି ଗ୍ରାମ ନିକଟରେ ଥିବା ଫାର୍ମ ହାଉସ୍ ପରିସରସ୍ଥିତ ପଥର ଖଣିରୁ ଏକ ଟ୍ରାକ୍ଟର ଯୋଗେ ପଥର ବାହାରକୁ ଚାଲାଣବେଳେ ଖଣ୍ଡପଡ଼ା ପୁଲିସ ଟିମ୍ ସୋମବାର ଚଢ଼ଉ କରି ଏକ ପଥର ବୋଝେଇ ଟ୍ରାକ୍ଟରଟିକୁ ଜବତ କରିଛି। ପୁଲିସର ଘନଘନ ଚଢ଼ଉ ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ୍ କରୁଥିବା ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ପୁଲିସ ଚଢ଼ଉକୁ ଅଞ୍ଚଳବାସୀ ସ୍ୱାଗତ କରିଥିବାବେଳେ ଉକ୍ତ ପଥର ଖଣିକୁ ଅନଧିକାର ଭାବେ ଅକ୍ତିଆର କରି ରଖିଥିବା ଖୋର୍ଦ୍ଧା ଅଞ୍ଚଳର ଫାର୍ମ ହାଉସ୍ ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଖଣ୍ଡପଡ଼ା ତହସିଲ୍ ପ୍ରଶାସନ ଓ ନୟାଗଡ଼ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସିଂଘାପଡ଼ା, ବରଖଣ୍ଡ, କେଡାଙ୍କି, ରୁପାପଲ୍ଲୀ, ହରିହରପ୍ରସାଦ ଗ୍ରାମର ବାସିନ୍ଦା ଦାବି କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଭାପୁର,୧୯।୫(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବିଜିପୁର ଗ୍ରାମରେ ଭଡ଼ା ନେଇ ନଳକୂଅ ଖୋଲୁଥିବା ଗୋଟିଏ ସଂସ୍ଥାରେ କାମ କରୁଥିବା ଜଣେ ଯୁବକଙ୍କ ରବିବାର ବିଳମ୍ବିତ ରାତିରେ ବିଜିପୁର ଛକରେ ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଲେ ଛତିଶଗଡ଼ ଦାନ୍ତେୱାଡ଼ା ଥାନା ପଟେଲପଡ଼ା ଗ୍ରାମର ବୁଲୁ ରାମଙ୍କ ପୁଅ ବୋତି ରାମ। ଖବରପାଇ ଫତେଗଡ଼ ଥାନା କର୍ମଚାରୀ ଓ ଭାପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ସାହୁ ଶବକୁ ଭାପୁର ଡାକ୍ତରଖାନାରେ ରଖିଥିଲେ। ସ୍ଥାନୀୟ ଲୋକମାନଙ୍କଠାରୁ ଜଣାପଡ଼ିଛି ଯେ ଏକ କାର୍ ବୋତି ରାମଙ୍କୁ ଧକ୍କା ଦେଇ ୧୦୦ ମିଟର ଘୋଷାଡ଼ି ନେଇ ଫେରାର୍ ହୋଇଯାଇଛି।

## ଆଇନସେବା ପ୍ରାଧିକରଣ ତରଫରୁ ସଚେତନତା ଶିବିର




ନୟାଗଡ଼,୧୯।୫(ସମିସ): ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ କ୍ରମେ ସଚିବ ଅଞ୍ଜଳି ମଚ୍ଛଖଣ୍ଡଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସିଡିଏମ୍‌ଓ, ନୟାଗଡ଼ଙ୍କ ସମ୍ମିଳନୀ କକ୍ଷରେ କଠିନ ଆବର୍ଜନାର ପରିଚାଳନା ଉପରେ ପାରା ମେଡିକାଲ ୱାର୍କର, ପାରା ଲିଗାଲ ସ୍ୱେଚ୍ଛାସେବୀ, ରୋଟାରୀ କ୍ଲବ୍‌ର ସଭ୍ୟମାନେ ତଥା ମୁଖ୍ୟ ଚିକିତ୍ସାଳୟର ପ୍ରତ୍ୟେକ ବିଭାଗର କର୍ମଚାରୀଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ମଚାରୀ ପବନ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ଅଞ୍ଜଳି ମଚ୍ଛଖଣ୍ଡ ସ୍ୱାଗତ ଭାଷଣ ଦେଇ କଠିନ ଆବର୍ଜନା ସଂଗ୍ରହ, ପରିବହନ, ପୁନଃଚକ୍ରଣ ଓ ପରିଚାଳନା ଏବଂ ପୋସ୍ ଆକ୍ଟ ଉପରେ ଆଲୋକପାତ କରିଥିଲେ। ଏଥିରେ ବରିଷ୍ଠ ଅଧିବକ୍ତା ତଥା ଜିପି ଦଣ୍ଡପାଣି ସ୍ୱାଇଁ ଓ ରମେଶ ଚନ୍ଦ୍ର ମହାରଣା ବାୟୋମେଡିକାଲ ଆବର୍ଜନା ବ୍ୟବସ୍ଥାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାସ ଓ ଜିଲ୍ଲା ପବ୍ଲିକ୍ ସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପା ନୀଳିମା ଲାକ୍ରା, ଡ. ତାରକା ପ୍ରସାଦ ତ୍ରିପାଠୀ, ଡ. ଶରତ କୁମାର ଦାଶ, ଡ. ଖାନ୍, ଓକିଲ କାମାକ୍ଷା ପ୍ରସାଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ମଚାରୀ ପ୍ରଶାନ୍ତ କୁମାର ସାହୁ ଓ ରାଜେଶ ବାରିକ ସହଯୋଗ କରିଥିଲେ।

## ବଜ୍ରପାତରୁ ସୁରକ୍ଷା ସଚେତନତା




ଭାପୁର,୧୯।୫(ସମିସ): ଓଡ଼ିଶା ଏକ ବଜ୍ରପାତ ପ୍ରବଣ ରାଜ୍ୟ। ପ୍ରତି ବର୍ଷ ଶହ ଶହ ଲୋକ ବଜ୍ରପାତରେ ଅକାରଣରେ ପ୍ରାଣ ହରାଉଛନ୍ତି। ଏପରି ଏକ ପ୍ରାକୃତିକ ବିପର୍ଯ୍ୟୟକୁ ସରକାର ଓ ଜନସାଧାରଣ କିପରି ମୁକାବିଲା କରିବେ ସେ ନେଇ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି। ଏନେଇ ନୟାଗଡ଼ ଜିଲ୍ଲା ଭାପୁର ବାଲୁଙ୍କେଶ୍ୱରଦେବ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଏକ ସଚେତନତା ସଭା ଓ ଶୋଭାଯାତ୍ରା ସୋମବାର ଆୟୋଜନ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ଭାପୁର ବଜାର ପରିକ୍ରମା କରି ଜନସଚେତନତା କରିଥିଲେ। ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ହାଇସ୍କୁଲରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପରିବେଶବିତ୍‌ମାନେ ଯାହା ବର୍ତ୍ତମାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଉପଦେଶ ଦେଇଛନ୍ତି ତାହା କଣ୍ଟିଲୋର ଗଛ ସାର୍ ଅନ୍ତର୍ଯ୍ୟାମୀ ସାହୁ ଦୀର୍ଘ ୪ ଦଶନ୍ଧି ଧରି ନିଜେ ତାଳଗଛ ରୋପଣ କରି ଜନସଚେତନତା ଜାରି ରଖିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା।

**ବିହନ ଚିନ୍ତାରେ ଚାଷୀ**

## କୃଷି କାର୍ଯ୍ୟାଳୟରେ ବିହନ ବିକ୍ରିକୁ ନା

- ପ୍ୟାକ୍ସ ଓ ଏଜେଣ୍ଟଙ୍କଠୁ କିଣିବେ ଚାଷୀ
- ବିହନ ଦର ବଢ଼ିଲା; ରିଆତି କମିଲା

ନୟାଗଡ଼,୧୯।୫(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ କୃଷି ବିଭାଗ ପରିସରରେ ଦୀର୍ଘବର୍ଷ ଧରି ବିହନ ବିକ୍ରୟ କେନ୍ଦ୍ର ଖୋଲାଯାଉଥିଲା। ଚଳିତ ବର୍ଷ କୃଷି ବିଭାଗ କାର୍ଯ୍ୟାଳୟରେ ବିହନ ବିକ୍ରି କରିବା ଉପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରୋକ୍ ଲଗାଇଛନ୍ତି। କାଗଜପତ୍ରରେ ଏଠାରେ କୌଣସି ବିହନ ବିକ୍ରୟ କେନ୍ଦ୍ର ନ ଥିଲା। ଏଣୁ ନିୟମ ଅନୁସାରେ, ଚାଷୀମାନେ ପ୍ୟାକ୍ସ, ଲ୍ୟାମ୍ପ୍ସ ଓ ଏଜେଣ୍ଟଙ୍କଠାରୁ ବିହନ କିଣିବେ ବୋଲି କହିଛନ୍ତି। ଜିଲ୍ଲାରେ ୫ ହଜାର କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ବିହନ ଆବଶ୍ୟକତା ରହିଛି। ଜିଲ୍ଲା କୃଷି ବିଭାଗ ନିକଟରେ ୪ହଜାର କ୍ୱିଣ୍ଟାଲ ମହଜୁଦ ଅଛି। ଏହି ବିହନ ମଧ୍ୟରେ ଜିଲ୍ଲା କୃଷି ବିଭାଗ ସଂଗୃହିତ ବିହନ ପରିମାଣ ୨୯୪୩ କ୍ୱିଣ୍ଟାଲ ବୋଲି ସୂଚନା ମିଳିଛି। କୃଷି ବିଭାଗ ଅନ୍ୟଠାରୁ ୧୧୧୩ କ୍ୱିଣ୍ଟାଲ ବିହନ ସଂଗ୍ରହ କରିଛି।

ଗତବର୍ଷ ବିହନ ବିକ୍ରିକୁ ନଜର ଦେଇ ଏହି ଷ୍ଟକ୍ କରାଯାଇଛି। ଅଧିକ ଆବଶ୍ୟକ ପଡ଼ିଲେ ବିହନ ସଂଗ୍ରହ କରି ଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକ ସୂଚନା ଦେଇଛନ୍ତି। ଜିଲ୍ଲାର ବିଭିନ୍ନ ଏଜେଣ୍ଟମାନେ ୮୫୫ କ୍ୱିଣ୍ଟାଲ ବିହନ କୃଷି ବିଭାଗରୁ ଉଠାଇ ସାରିଥିବାବେଳେ ବିଭିନ୍ନ ପ୍ୟାକ୍ସକୁ ୨୯୮ କ୍ୱିଣ୍ଟାଲ ବିହନ ଯାଇଛି। ଖୁବ୍‌ଶୀଘ୍ର ଜିଲ୍ଲାର ସମସ୍ତ ପ୍ୟାକ୍ସ ବିହନ ନେଇ ଚାଷୀଙ୍କୁ ବିକ୍ରି ଆରମ୍ଭ କରିବେ। ଗତବର୍ଷ ତୁଳନାରେ ଚଳିତ ବର୍ଷ ବିହନ ମୂଲ୍ୟ ବୃଦ୍ଧି ପାଇଥିବାବେଳେ ଚାଷୀ ପାଉଥିବା ସବ୍‌ସିଡ୍ ତଥା ରିଆତି କମ୍ ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାର ୨୦୨୪ରେ ୧କ୍ୱିଣ୍ଟାଲ ବିହନର ମୂଲ୍ୟ ୩୯୩୭ ଟଙ୍କା ରଖିଥିଲେ। ୧୦ ବର୍ଷରୁ କମ୍ ଅବଧି ପ୍ରାମାଣିକ ବିହନ ଚାଷୀକୁ କ୍ୱିଣ୍ଟାଲ ପିଛା ୧୫୮୭ ଟଙ୍କା ରିଆତି ପାଉଥିଲେ। ସେହିପରି ୧୦ ବର୍ଷରୁ ଊର୍ଦ୍ଧ୍ୱ ଅବଧି ପ୍ରାମାଣିକ ବିହନକୁ କ୍ୱିଣ୍ଟାଲ ପିଛା ୧୪୩୭ ଟଙ୍କା ରିଆତି ପାଉଥିଲେ। ଚଳିତ ବର୍ଷ ରାଜ୍ୟ ସରକାର ବିହନ କ୍ୱିଣ୍ଟାଲ ପିଛା ୪୧୨୫ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ଦର ଉପରେ ଚାଷୀ ୧୦ ବର୍ଷରୁ କମ୍ ଅବଧି ପ୍ରାମାଣିକ ବିହନ ମୂଲ୍ୟ କ୍ୱିଣ୍ଟାଲ ପିଛା ୮୨୫ ଟଙ୍କା ରିଆତି ପାଇବେ। ଅନୁରୂପ ଭାବେ ୧୦ ବର୍ଷରୁ ଊର୍ଦ୍ଧ୍ୱ ଅବଧି ବିହନ କ୍ୱିଣ୍ଟାଲ ପିଛା ୭୨୫ ଟଙ୍କା ରିଆତି ପାଇବେ। ଗତବର୍ଷ ରିଆତି ମିଳିଥିବାବେଳେ ଏ ବର୍ଷ ତା'ର ଅଧା ପାଇବେ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ବିହନ ମୂଲ୍ୟ ବୃଦ୍ଧି କରିଥିବାବେଳେ ରିଆତି କମାଇବାକୁ ନେଇ ଚାଷୀ ମହଲରେ କ୍ଷୋଭ ସୃଷ୍ଟି ହୋଇଛି।

## ପଠାଣି ସାମନ୍ତ ସ୍ମାରକୀ ମନ୍ଦିର ନିର୍ମାଣରେ ବିଳମ୍ବ

ଖଣ୍ଡପଡ଼ା,୧୯।୫(ସମିସ): ଖଣ୍ଡପଡ଼ା ସହରରେ ଜନ୍ମଗ୍ରହଣ କରି ସମଗ୍ର ବିଶ୍ୱବାସୀଙ୍କୁ ଜ୍ୟୋତିର୍ବିଜ୍ଞାନ ସମ୍ପର୍କରେ ଚମକପ୍ରଦ ତଥ୍ୟ ପ୍ରଦାନ କରିଥିବା ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର ପଠାଣି ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଜନ୍ମମାଟି ଖଣ୍ଡପଡ଼ାରେ ପଠାଣି ସାମନ୍ତ ସ୍ମାରକୀ ମନ୍ଦିର ନିର୍ମାଣ ନିମନ୍ତେ ରାଜ୍ୟ ସରକାର ୨ କୋଟି ଟଙ୍କା ମଞ୍ଜୁର କରିଥିବା ଜଣାଯାଇଛି। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସ୍ମାରକୀ ମନ୍ଦିର ନିର୍ମାଣ କରାଯିବ ବୋଲି ଜଣାପଡ଼ିବା ପରେ ସହରବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଖଣ୍ଡପଡ଼ା ସହରର କେଉଁ ସ୍ଥାନରେ ଏହି ସ୍ମାରକୀ ମନ୍ଦିର ନିର୍ମାଣ କରାଯିବ ତାହା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ସ୍ଥିର ହୋଇ ନ ଥିବାବେଳେ ସହରର ଏକ ଉପଯୁକ୍ତ ସ୍ଥାନରେ ପଠାଣି ସାମନ୍ତ ସ୍ମାରକୀ ମନ୍ଦିର ନିର୍ମାଣ କରିବାକୁ ଖଣ୍ଡପଡ଼ା ଅଞ୍ଚଳର ସଚେତନ ନାଗରିକ ମତ ଦେଇଛନ୍ତି। ଖଣ୍ଡପଡ଼ା ତହସିଲ୍ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପ୍ରସ୍ତାବିତ ସ୍ମାରକୀ ମନ୍ଦିର ନିର୍ମାଣ ନିମନ୍ତେ ଆବଶ୍ୟକୀୟ ଜାଗା ଯୋଗାଇଦେବାକୁ ସହରବାସୀ ଦାବି କରିଛନ୍ତି। ପର୍ଯ୍ୟଟନ ବିଭାଗ କର୍ତ୍ତୃପକ୍ଷ ନୟାଗଡ଼ ଜିଲ୍ଲାପାଳ ଓ ଜିଲ୍ଲା ପର୍ଯ୍ୟଟନ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ପ୍ରକାଶଥାଉ କି, ରାଜ୍ୟ ସରକାରଙ୍କ ପକ୍ଷରୁ ଖଣ୍ଡପଡ଼ାରେ ସ୍ମାରକୀ ମନ୍ଦିର ନିର୍ମାଣ ଘୋଷଣାକୁ ଇତି ମଧ୍ୟରେ ୩ ମାସ ପୂରିବାକୁ ଯାଉଛି।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର




ନୟାଗଡ଼,୧୯।୫(ସମିସ): ନୂଆଗାଁ ବ୍ଲକ୍ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ୍ ୫୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତାହା ମଧ୍ୟରୁ ୪୭ଟି ବ୍ୟକ୍ତିଗତ, ୫ଟି ସାମୂହିକ ସମସ୍ୟା ରହିଥିଲା। ୯ଟି ଅଭିଯୋଗକୁ ତତ୍କାଳ ସମାଧାନ କରାଯାଇଥିବା ସୂଚନା ମିଳିଛି।

## ହାବିଲ୍‌ଦାରଙ୍କ ପରଲୋକ

ନୟାଗଡ଼,୧୯।୫(ସମିସ): ନୟାଗଡ଼ ଟାଉନ୍ ଥାନା ଡାକ୍ତରଖାନା ଫାଣ୍ଡିରେ କାର୍ଯ୍ୟରତ ହାବିଲ୍‌ଦାର ବସନ୍ତ କୁମାର ମିଶ୍ରଙ୍କର ରବିବାର ରାତିରେ ପରଲୋକ ହୋଇଛି। ସେ ତାଙ୍କ ହନୁମାନ ନଗରସ୍ଥିତ ବାସଭବନରେ ଥିବା ସମୟରେ ହୃଦ୍‌ଘାତ ଯୋଗୁଁ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତାଙ୍କ ବିୟୋଗରେ ପୁଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି।

# ପଦୋନ୍ନତି ପାଇଁ ଓଟିଇଟିକୁ ବିରୋଧ

ଭାପୁର,୧୯।୫(ସମିସ)



୨୦୧୧ ଫେବୃଆରୀ ୧୧ ତାରିଖ ପରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଟିଇଟିକୁ ବାଧ୍ୟତାମୂଳକ କରାଯାଇଛି। ବର୍ତ୍ତମାନ ଉକ୍ତ ତାରିଖ ପୂର୍ବରୁ ଶିକ୍ଷକ ନିଯୁକ୍ତି ପାଇଥିବା ସମସ୍ତ ବରିଷ୍ଠ ଶିକ୍ଷକଙ୍କ ପଦୋନ୍ନତି ପାଇଁ ମଧ୍ୟ ଓଟିଇଟିକୁ ବାଧ୍ୟତାମୂଳକ କରାଯାଇଛି। ବୟସର ସାୟାହ୍ନରେ ଉପନୀତ ଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ଏ ବୟସରେ ପାଠପଢ଼ି ଓଟିଇଟି ପରୀକ୍ଷା ଦେବା ସମ୍ଭବ ନୁହେଁ। ଏହାକୁ ସାରା ରାଜ୍ୟ ଶିକ୍ଷକ ସଂଘ ବିରୋଧ କରୁଛି। ସୋମବାର ଭାପୁର ପ୍ରାଥମିକ ଶିକ୍ଷକ ସଂଘ ନେତା ନିରଞ୍ଜନ ଦଳବେହେରା, ପ୍ରସନ୍ନ ଲୋଙ୍କା, ସୁରେଶ ମହାରଣା, ଲକ୍ଷ୍ମୀଧର ଖୁଣ୍ଟିଆ, ପ୍ରଫୁଲ୍ଲ କୁମାର ନନ୍ଦ, ପଞ୍ଚାନନ ମହାପାତ୍ର ଓ କେଳୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଶିକ୍ଷକଶିକ୍ଷୟିତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାପୁର ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ(ପିଷ୍ଟା) ପକ୍ଷରୁ ଓଟିଇଟିକୁ ମଧ୍ୟ ବିରୋଧ କରାଯାଇଛି। ଯଦି ଏହାକୁ ବାଧ୍ୟତାମୂଳକ କରାଯାଏ, ତେବେ କେନ୍ଦ୍ରୀୟ ହାରରେ ବେତନ ଦେବାକୁ ସଂଘ ଦାବି କରିଛି। ଅନ୍ୟପକ୍ଷରେ ଦୀର୍ଘବର୍ଷ ହେବ କାର୍ଯ୍ୟ କରି ଅବସର ନେବା ସମୟରେ ମଧ୍ୟ ଏଭଳି ନିୟମ ମାନସିକ ନିର୍ଯାତନା ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏପରିକି ଗତ କିଛିଦିନ ହେବ ଅସହ୍ୟ ଖରାରେ ମଧ୍ୟ ଶିକ୍ଷକ ସମାଜକୁ ଓଟିଇଟି ଆଳରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଡକରା ଯାଉଥିବା ଦେଖିବାକୁ ମିଳିଛି। ଏ ନେଇ ସଂଘ ସଭାପତି ଉଦୟନାଥ ଦାସ, ସମ୍ପାଦକ ଅଜୟ କୁମାର ସେଠୀ, କୋଷାଧ୍ୟକ୍ଷ ଶରତ ନାୟକ, ଉପସଭାପତି ଗୋଲଖ ବିହାରୀ ନାୟକ ଓ ସରସ୍ୱତୀ ପ୍ରଧାନ, କାର୍ଯ୍ୟକାରୀ ସଭାପତି ସବିତା ଦଳେଇ ଓ ତ୍ରିନାଥ ପ୍ରଧାନ ପ୍ରମୁଖ ବିରୋଧ କରିବା ସହିତ ସରକାର ଯଦି ଏହାକୁ ଉଚ୍ଛେଦ ନ କରନ୍ତି, ତେବେ ଶିକ୍ଷକ ସଂଘ ତରଫରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

**ଜିଲ୍ଲାରେ ଶ୍ରୀଅନ୍ନ ଅଭିଯାନ ମହାଘୋଟାଲା**

# ରିପୋର୍ଟ ପଠାଯାଇଛି; କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ନୟାଗଡ଼,୧୯।୫(ସମିସ): ନୟାଗଡ଼ ଜିଲ୍ଲାରେ ଶ୍ରୀଅନ୍ନ ଯୋଜନାରେ ସାଂଘାତିକ କେଳେଙ୍କାରୀ ହୋଇଥିବା ନେଇ "ସକାଳ"ରେ ବାରମ୍ବାର ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ(ସିଡିଏଓ)ଙ୍କୁ ଏ ସମ୍ପର୍କିତ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଆସିଥିଲା। 'ସକାଳ'ରେ ପ୍ରକାଶିତ ଖବରକୁ ନେଇ ଜନୈକ ଚାଷୀ ଜିଲ୍ଲାରେ ହୋଇଥିବା ସାଂଘାତିକ ଘୋଟାଲା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ଅଭିଯୋଗକୁ କୃଷି ବିଭାଗକୁ ପଠାଇଥିଲେ। ଅଭିଯୋଗ ଆଧାରରେ ରାଜ୍ୟ କୃଷି ବିଭାଗ ଶ୍ରୀଅନ୍ନ ଅଭିଯାନ ଯୁଗ୍ମ ନିର୍ଦ୍ଦେଶକ ଗତ ମାର୍ଚ୍ଚ ୧୭ ତାରିଖରେ ଚିଠି ନଂ ୧୦୨୭୮ରେ ନୟାଗଡ଼ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ନୋଟିସ୍ କରିବା ସହ ୩ ଦିନ ଭିତରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନୟାଗଡ଼ ଜିଲ୍ଲାରେ ଚାଷ ନ କରି ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ସରକାରଙ୍କୁ ଭୂଆଁ ବୁଲାଯାଉଛି। ଯାହାର ସାଂଘାତିକ ରହସ୍ୟ ସୂଚନା ଅଧିକାର ତଥ୍ୟ ଅନୁସାରେ 'ସକାଳ' ସାମ୍ନାକୁ ଆଣିଥିଲା। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ନିଗମ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବାବେଳେ ନୂଆଗାଁ ବ୍ଲକ୍‌ରେ ହାମସ୍ ଓଡ଼ଗାଁ ବ୍ଲକ୍‌ରେ ଇକୋ ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥା ଦାୟିତ୍ୱ ଦିଆଯାଇଥିଲା। ଗଣିଆ ବ୍ଲକ୍‌ରେ ଜିୟୁସି ଦଶପଲ୍ଲା ବ୍ଲକ୍‌ରେ ମଧ୍ୟ ନିର୍ମାଣ ନାମକ ଏନ୍‌ଜିଓକୁ ସରକାରଙ୍କ ପକ୍ଷରୁ ଦାୟିତ୍ୱ ଦିଆଯାଇଥିଲା। ଏହି ସଂସ୍ଥାଗୁଡ଼ିକ ନକଲି ଚାଷୀ ତାଲିକା ପ୍ରସ୍ତୁତ କରି ସରକାରଙ୍କ ପକ୍ଷରୁ ଆସୁଥିବା ସହାୟତାକୁ ହରିଲୁଟ୍ କରିଛନ୍ତି। ଫଳରେ ଜିଲ୍ଲାରେ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୧୦ ପ୍ରତିଶତ ମଧ୍ୟ ଚାଷ କରିନାହାନ୍ତି। ଜିଲ୍ଲାରେ ଚାଷୀ ସହାୟତା, ମାଣ୍ଡିଆ କିଣା ସହାୟତା, ଏନ୍‌ଜିଓଙ୍କ ସଚେତନତା କାର୍ଯ୍ୟକ୍ରମ ଏବଂ ଏନ୍‌ଜିଓ କର୍ମଚାରୀଙ୍କ ଦରମା ବାବଦରେ ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଛି।

ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକ ତଦନ୍ତ କରି ରାଜ୍ୟ ସରାକାରଙ୍କ କୃଷି ବିଭାଗକୁ ରିପୋର୍ଟ ପଠାଇ ସାରିଛନ୍ତି। ରାଜ୍ୟ କୃଷି ବିଭାଗ ଏନେଇ କି ପଦକ୍ଷେପ ଗ୍ରହଣ କରିବେ ତାକୁ ଅପେକ୍ଷା କରାଯାଇଛି ବୋଲି ସିଡିଏଓ ସୂଚନା ଦେଇଛନ୍ତି।

## ବାଣପୁରରେ ଚନ୍ଦନ ଉତ୍ସବ

# ଭଉଁରୀ ଯାତ୍ରାରେ ମା' ଭଗବତୀଙ୍କ ଚାପ କ୍ରୀଡ଼ା

ବାଣପୁର,୧୯।୫(ସମିସ)



ଶ୍ରୀକ୍ଷେତ୍ରରେ ବାର ମାସରେ ତେର ପର୍ବ ମଧ୍ୟରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ଭଉଁରୀ ଯାତ୍ରା ପରି ଶକ୍ତିପୀଠ ବାଣପୁରର ଆରାଧ୍ୟ ଦେବୀ ମା' ଭଗବତୀଙ୍କ ପ୍ରସିଦ୍ଧ ଚନ୍ଦନ ଉତ୍ସବ ଓ ଭଉଁରୀ ଯାତ୍ରାରେ ଚାପକ୍ରୀଡ଼ା ଓଡ଼ିଶାର ବିଭିନ୍ନ ଶକ୍ତିପୀଠରେ ପାଳିତ ଯାତ୍ରାଠାରୁ ସମ୍ପୂର୍ଣ୍ଣ ନିଆରା। ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଦେବଦେବୀଙ୍କ ସହିତ ପ୍ରସିଦ୍ଧ ଭଉଁରୀ ଯାତ୍ରାରେ ଚାପକ୍ରୀଡ଼ା କରୁଥିବା ପରି ମା' ଭଗବତୀ ସେବାୟତ ଓ ଅଗଣିତ ଶ୍ରଦ୍ଧାଳୁଙ୍କ ଗହଣରେ ବାଜାରୋଷଣୀ, ଘଣ୍ଟ, କାହାଳି ସହିତ ଯାତ୍ରା କରି ବାଣପୁରର ଗୋପାଳପୁର ଶାସନର ପବିତ୍ର ମାଜଣା ପୁଷ୍କରିଣୀରେ ମା'ଙ୍କ ଭଉଁରୀ ଯାତ୍ରାରେ ଚାପକ୍ରୀଡ଼ା କରିବାର ପରମ୍ପରା କାହିଁ କେଉଁ କାଳରୁ ଚାଲିଆସିଛି।

ବୈଶାଖ ଶୁକ୍ଳ ତୃତୀୟା ତଥା ପବିତ୍ର ଅକ୍ଷୟ ତୃତୀୟା ଦିବସଠାରୁ ଆରମ୍ଭ ହୋଇଥିବା ଦୀର୍ଘ ୨୧ ଦିନ ଧରି ଚାଲିଥିବା ଏହି ଉତ୍ସବ ଉତ୍କଳରେ ଚନ୍ଦନ ଯାତ୍ରା ଭାବେ ବେଶ୍ ପରିଚିତ। ଦୈନନ୍ଦିନ ପ୍ରଚଣ୍ଡ ରୌଦ୍ରତାପରୁ ଦେବଦେବୀଙ୍କ ଶୀତଳ ମଣୋହୀ ଉପଶମ ନିମନ୍ତେ ଦେବଦେବୀଙ୍କ ବିଭିନ୍ନ ନୀତିକାନ୍ତି ଆୟୋଜିତ ହେଉଥିବାବେଳେ ତନ୍ମଧ୍ୟରୁ ଦେବଦେବୀ ପ୍ରତିମାଙ୍କ ଶରୀରରେ ଚନ୍ଦନ ଲେପନ କରାଇ ଚନ୍ଦନ କର୍ପୂର ଅଗୁରୁ ମିଶ୍ରିତ ସୁବାସିତ ପୁଷ୍ପ ପରିପୂର୍ଣ୍ଣ ଶୀତଳ ଜଳ କୁଣ୍ଡରେ ଅବସ୍ଥାନ କରାଯିବା ସହିତ ପୁଷ୍କରିଣୀରେ ନୌବିହାର ଜଳକ୍ରୀଡ଼ା ତଥା ଚାପକ୍ରୀଡ଼ା ସାଙ୍ଗକୁ ଖଇ, ମୁଗଧୂଆ, ନଡ଼ିଆ, କଦଳୀ, ଆମ୍ବ, କାକୁଡ଼ି, ସପୁରୀ, ତାଳ, ତରଭୁଜ ଓ ଛେନାପଣା ଆଦି ଶୀତଳ ମଣୋହୀ ଭୋଗ ଲାଗି କରାଯିବା ମା'ଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ପ୍ରତିକ। ଏହି ଚନ୍ଦନ ଯାତ୍ରାର ଅନ୍ତିମ ୩ ଦିନ ହେବାକୁ ଥିବା ଭଉଁରୀ ଯାତ୍ରାକୁ ଗୋପାଳପୁର ଶାସନ ଗ୍ରାମବାସୀଙ୍କ ନିମନ୍ତ୍ରଣ କ୍ରମେ ମା' ଭଗବତୀଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠି ଠାକୁରାଣୀ ସାଥିରେ ଶ୍ରୀଚନ୍ଦ୍ରଶେଖର ଦେବ, ଶ୍ରୀଗୋପୀନାଥ ଦେବ, ଶ୍ରୀରଙ୍ଗନାଥ ଦେବଙ୍କ ସହ ସେବାୟତଙ୍କ ଗହଣରେ ପାଟପଟୁଆର ବାଜା ରୋଷଣୀରେ ଗୋପାଳପୁର ଶାସନ ମାଜଣା ପୁଷ୍କରିଣୀକୁ ବିଜେ କରିଥିଲେ। ସ୍ଥାନାଧିପତି ଗୋପାଳପୁର ଶାସନର ଆରାଧ୍ୟ ଠାକୁର ଶ୍ରୀବାଲୁଙ୍କେଶ୍ୱର ଦେବ ଓ ଶ୍ରୀକପିଳେଶ୍ୱର ଦେବ ସମସ୍ତ ଦେବଦେବୀଙ୍କୁ ପାଛୋଟି ନେଇଥିଲେ। ପରେ ମାଜଣା ମଣ୍ଡପରେ ମା' ବିଜେ କଲା ପରେ କୋଟ ବିଦ୍ୟାଧରପୁର ଶାସନର ଶ୍ରୀନୀଳକଣ୍ଠେଶ୍ୱର ଦେବ, ପାଟପୁର ଶାସନର ଶ୍ରୀଗୋପୀନାଥ ଦେବ, ମା' କନକଦୁର୍ଗା ଏହି ମଣ୍ଡପକୁ ବିଜେ କରିବା ପରେ ସମସ୍ତ ଦେବଦେବୀଙ୍କୁ ଶୋଡ଼ଷ ଉପଚାରରେ ଶୀତଳ ମଣୋହୀ ଭୋଗ ଲାଗି କରାଯାଇଥିଲା। ଏହି ଅବସରରେ ପୀଠ, ପୁଷ୍କରିଣୀ ଓ ନୌକାକୁ ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ କରାଯାଇଥିବା ବେଳେ ଘଣ୍ଟ କାହାଳୀ, ହରିବୋଲ, ହୁଳହୁଳି ଧ୍ୱନୀରେ ଦେବଦେବୀଙ୍କୁ ନୌବିହାର ତଥା ଚାପକ୍ରୀଡ଼ା ଲାଗି ସୁସଜ୍ଜିତ ନୌକାରେ ବିଜେ କରାଯାଇଥିଲା। ମାଜଣା ପୁଷ୍କରିଣୀରେ ସୁସଜ୍ଜିତ ନୌକାରେ ଉପବେଶନ କରି ମା' ସମସ୍ତ ଦେବଦେବୀଙ୍କ ସହିତ ୭ଘେରା ପରିକ୍ରମା ପରେ ପୁନର୍ବାର ମାଜଣା ମଣ୍ଡପକୁ ଆସି ଚନ୍ଦନ କୁଣ୍ଡକୁ ବିଜେ କରିଥିଲେ। ଦେବଦେବୀଙ୍କ ଶୀତଳ ମଣୋହୀ ସହ ଆଳତି ବଢ଼ିବା ପରେ ବିଳମ୍ବିତ ରାତିରେ ମା' ଭଗବତୀ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରକୁ ବାହୁଡ଼ିବା ପରେ ମନ୍ଦିରରେ ରାତ୍ର ଧୂପ ହୋଇ ପହୁଡ଼ ପଡ଼ିଥିଲା। ପ୍ରଥମ ଦିବସର ଏହି ଦୁର୍ଲଭ ଚାପଯାତ୍ରାରେ ମା'ଙ୍କୁ ଦର୍ଶନ ଲାଗି ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ଗୋପାଳପୁର ଶାସନ ଗ୍ରାମବାସୀ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ପୁଲିସ ଶୃଙ୍ଖଳିତ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

## ଦମ୍ପତିଙ୍କଠାରୁ ଲୁଟିନେଲେ ସୁନା ଅଳଙ୍କାର

ବେଗୁନିଆ,୧୯।୫(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣତ୍ରୀ ଗ୍ରାମସ୍ଥିତ ମା' ରାମଚଣ୍ଡୀଙ୍କ ପୀଠ ନିକଟରେ ଥିବା ଆମ୍ବ ତୋଟା ମଧ୍ୟରେ ନିଛାଟିଆର ସୁଯୋଗ ନେଇ ଦମ୍ପତିଙ୍କଠାରୁ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇ ଆଖି ପିଛୁଳାକେ ଫେରାର୍ ହୋଇଯାଇଛନ୍ତି। ସେଥିରେ ୩ଟି ସୁନାମୁଦି, କାନ ଝରା ଓ ୩ ହଜାର ଟଙ୍କା ଥିବାର ପୁଲିସ ନିକଟରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଥାଉକି, ବେଗୁନିଆ ଥାନା ତାଳତୁମ୍ବ ଗ୍ରାମ ସଉରୀ ସେନାପତିଙ୍କ ସାନପୁଅ ଦୁର୍ଯ୍ୟୋଧନ ଶନିବାର ଅପରାହ୍ଣରେ ସ୍କୁଟି ଯୋଗେ ପତ୍ନୀ ପପିନାଙ୍କୁ ଧରି ଭୁବନେଶ୍ୱର ଅଭିମୁଖେ ଯାଉଥିବା ସମୟରେ ମୁଗମଣ୍ଡା ଆଶ୍ରମ ଛକଠାରୁ ୩ଜଣ ଯୁବକ ପଲ୍‌ସର ଯୋଗେ ପିଛା କରିଥିଲେ। ନିଛାଟିଆ ଆମ୍ବତୋଟାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ଆଖି ପିଛୁଳାକେ ପଳାଇ ଯାଇଥିଲେ। ଏନେଇ ପୁଲିସ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

## ଓଡ଼ିଶୀ କଣ୍ଠଶିଳ୍ପୀ ଇନ୍ଦିରା ପ୍ରିୟଦର୍ଶିନୀ ଜାତୀୟ ମେଧା ବୃତ୍ତି ପାଇଁ ମନୋନୀତ



ନିରାକାରପୁର,୧୯।୫(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗ୍ରାମର ବାସିନ୍ଦା ବୈନେତେୟନାରାୟଣ ଦାଶ ଓ ତେଜସ୍ୱିନୀ ଦାଶଙ୍କ ସୁପୁତ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ ସାଇଶ୍ୱରୀ ଦାଶ, କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶୀ ସଙ୍ଗୀତ ବିଭାଗରେ କନିଷ୍ଠ ଜାତୀୟ ମେଧାବୃତ୍ତି ପାଇବାକୁ ମନୋନୀତ ହୋଇଛନ୍ତି। ଇନ୍ଦିରା ଉତ୍କଳ ସଂଗୀତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୁରୁ ପ୍ରଦୀପ କୁମାର ଦାସଙ୍କ ନିକଟରୁ ଓଡ଼ିଶୀ ସଂଗୀତ ଶିକ୍ଷାଲାଭ କରୁଛନ୍ତି। ଇନ୍ଦିରା ନିରାକାରପୁର ଅଞ୍ଚଳ ପାଇଁ ଜାତୀୟସ୍ତରରେ ଗୌରବ ଆଣିଥିବାରୁ ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାର ଜଣେ ଜଣାଶୁଣା ସ୍ତମ୍ଭକାର ତଥା ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ପୂର୍ଣ୍ଣ ଚନ୍ଦ୍ର ଦାଶଙ୍କ ସେ ନାତୁଣୀ ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସହଯୋଗ ପରିବାର ତରଫରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

## ପ୍ରାକ୍ତନ ଜିଲ୍ଲା ଶିକ୍ଷା ନିରୀକ୍ଷକଙ୍କ ପରଲୋକ

ଟାଙ୍ଗୀ,୧୯।୫(ସମିସ): ସୋମବାର ବିଶିଷ୍ଟ ଶିକ୍ଷାବିତ୍, ପ୍ରାକ୍ତନ ଜିଲ୍ଲା ଶିକ୍ଷା ନିରୀକ୍ଷକ ଟାଙ୍ଗୀ ବ୍ରହ୍ମଣସାହିର ପୂର୍ଣ୍ଣଚନ୍ଦ୍ର ମହାନ୍ତି(୮୭)ଙ୍କର ଟାଙ୍ଗୀ ସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପାଡ଼ିତ ଥିଲେ। ଶେଷ ଦର୍ଶନ ପାଇଁ ଟାଙ୍ଗୀ ସରପଞ୍ଚ କିଶୋର ବେହେରା, ଓକିଲ ସଂଘର ବରିଷ୍ଠ ସଭ୍ୟ ହମିଦ୍ ମିରା, ଓକିଲ ସଂଘ ପୂର୍ବତନ ସଭାପତି ନକୁଳ ନାୟକ, ଅଜୟ ରାୟ, ସୁରେନ୍ଦ୍ର ବେହେରା, ସମ୍ପାଦକ ପିତବାସ ନାୟକ, ରମେଶ ଚନ୍ଦ୍ର ବେହେରା, ନିରଞ୍ଜନ ଦାସ, ବିଶ୍ୱଜିତ୍ ରାଉତରାୟ, ଅଶ୍ୱିନୀ ମହାନ୍ତି, ପ୍ରତାପ ମହାପାତ୍ର, ଚଣ୍ଡେଶ୍ୱର ଦାସ, ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଟାଙ୍ଗୀ ସହର ପରିକ୍ରମା ପରେ ଟାଙ୍ଗୀ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ଆଡ୍‌ଭୋକେଟ ତପନ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ। ଏହି ବିଶିଷ୍ଟ ବ୍ୟକ୍ତିଙ୍କ ବିୟୋଗରେ ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛି। ସେ ଜଣେ ଆଦର୍ଶ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଭାବେ ପରିଚିତ ଥିଲେ।

## ବିଶ୍ୱ ସଂଗ୍ରହାଳୟ ଦିବସ ପାଳିତ



ଖୋର୍ଦ୍ଧା,୧୯।୫(ସମିସ): ସ୍ଥାନୀୟ ରାଧାବଲ୍ଲଭ ସାହିସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳା ପରିସରରେ ବିଶ୍ୱ ସଂଗ୍ରହାଳୟ ଦିବସ ପାଳିତ ହୋଇଛି। ସଂଗ୍ରହାଧ୍ୟକ୍ଷ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ରଜତ୍ କୁମାର ମାନସିଂହ ଯୋଗଦେଇ ସଂଗ୍ରହାଳୟ ଜ୍ଞାନର ଗନ୍ତାଘର, ଶିକ୍ଷାର ଅସୀମ ଭଣ୍ଡାର, ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସଂରକ୍ଷକ। ସାଂସ୍କୃତିକ କିମ୍ବା ବୈଜ୍ଞାନିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁଗୁଡ଼ିକର ପ୍ରଦର୍ଶନ ଓ ସଂରକ୍ଷଣର କେନ୍ଦ୍ର ହେଉଛି ସଂଗ୍ରହାଳୟ। ପ୍ରାଚୀନ ଯୁଗରେ ଦେବଦେବୀ ଆସ୍ଥାନ ସର୍ବସାଧାରଣଙ୍କ ସ୍ଥାନ ଓ ରାଜପ୍ରାସାଦମାନଙ୍କରେ କଳାତ୍ମକ ବସ୍ତୁ ରହୁଥିଲା। ରାଜାମାନେ ରାଷ୍ଟ୍ରଦୂତ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କଠାରୁ ବହୁ ମୂଲ୍ୟବାନ ଉପହାର ପାଉଥିଲେ, ସେଗୁଡ଼ିକୁ ଅତିଥିମାନଙ୍କୁ ଦେଖାଉଥିଲେ। ସମୟକ୍ରମେ ଏଥିରେ ନାନା ପରିବର୍ତ୍ତନ କରି ଏହାକୁ ସାର୍ବଜନୀନ କରାଗଲା ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ସାହିତ୍ୟିକ ତଥା ଖୋର୍ଦ୍ଧା ଉପଆରକ୍ଷୀ ଅଧୀକ୍ଷକ ମାନସୀ ଜେନା ବିଶ୍ୱ ତଥା ଭାରତରେ ଥିବା ବିଭିନ୍ନ ସଂଗ୍ରହାଳୟର ସ୍ଥିତି ଓ ସ୍ୱରୂପ ସମ୍ପର୍କରେ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ସମାଜସେବୀ ସଞ୍ଜୟ ପଟ୍ଟନାୟକ, ସ୍ତମ୍ଭକାର ସମରେନ୍ଦ୍ର ବଳିୟାରସିଂହ ଓ ଗାଳ୍ପିକ ସୁନିଲ ବୋଷ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅଧ୍ୟାପକ ଅର୍ଚିସ୍ମାନ୍ ଦାସ ଧନ୍ୟବାଦ ଦେଇଥିଲେ।

## ୬୩ ଲିଟର ଦେଶୀ ମଦ ଜବତ; ୨ ଗିରଫ

ବେଗୁନିଆ,୧୯।୫(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶନା ଓ ସଦରରେ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ବେଗୁନିଆ ଅବକାରୀ ପୁଲିସ ସହଯୋଗରେ ଦୁଇଟି ସ୍ଥାନରେ ଚଢ଼ଉ କରିଛି। ଏଥିରୁ ୬୩ ଲିଟର ଦେଶୀ ମଦ ଜବତ ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ଥାର୍ପା ମାରାଣ୍ଡିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ହେଲେ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର ବିଜୟ ସାହୁ ଓ ଧନେଶ୍ୱର ସାହୁ।

## ବିଭିନ୍ନ ସ୍ଥାନରେ ଚଢ଼ଉ; ୩ ମଦ ବେପାରୀ ଗିରଫ

ଟାଙ୍ଗୀ,୧୯।୫(ସମିସ): ସୋମବାର ଟାଙ୍ଗୀ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ମଦ ଜବତ କରିବା ସହ ୩ ଜଣ ମଦ ବେପାରୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଟାଙ୍ଗୀ ଥାନା ଅଧୀନସ୍ଥ ବଡ଼ପାରୀ ଗ୍ରାମ୍ୟ ରାସ୍ତାରେ ଚଢ଼ଉ କରି ୩୦ ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ହିତେଶ୍ୱର ବିଶ୍ୱାଳ ଗିରଫ ହୋଇଥିବା ଜଣାପଡ଼ିଛି। ବଡ଼ପୋଖରିଆ ଗ୍ରାମ୍ୟ ରାସ୍ତାରେ ଚଢ଼ଉ କରାଯାଇ ୪ ଲିଟର ଦେଶୀ ମଦ ଜବତ କରାଯାଇ ଅରୁଣ ସାମନ୍ତରାୟ ନାମକ ଜଣେ ମଦ ବେପାରୀଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସେହିପରି ଟାଙ୍ଗୀ ଥାନା ଅଧୀନସ୍ଥ ବଡ଼ଶଙ୍ଖ ବ୍ରିଜ୍ ନିକଟରୁ ୫ ଲିଟର ଦେଶୀ ମଦ ଜବତ କରାଯିବା ସହ ରତ୍ନାକର ବେହେରାଙ୍କୁ ଗିରଫ କରାଯାଇଥିବା ଟାଙ୍ଗୀ ଅବକାରୀ ବିଭାଗ ଅଧିକାରୀ ଅମରେନ୍ଦ୍ର ନାଥ ଶତପଥି ସୂଚନା ଦେଇଛନ୍ତି।

● ଲେଣ୍ଡୁ ଅଗ୍ନିକାଣ୍ଡ ଘଟଣା; ଅଭିଯୁକ୍ତ ଗିରଫ

## ମନସ୍କାମନା ପୂରଣ ପାଇଁ ଲଗାଉଥିଲା ନିଆଁ

ନିରାକାରପୁର,୧୯।୫(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୁରେ କିଛି ଦିନ ତଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେବାରୁ ଦୁଇଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଥିଲେ। ପରେ ଉକ୍ତ ଅଗ୍ନିକାଣ୍ଡ ଘଟାଇଥିବା ଜଣେ ଦୁର୍ବୃତ୍ତକୁ ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ମନସ୍କାମନା ପୂରଣ ପାଇଁ ନିଆଁ ଲଗାଇଦେଉଥିବା ପୁଲିସ ଆଗରେ ସ୍ୱୀକାର କରିଛି। ପ୍ରକାଶ ଥାଉକି, କିଛିଦିନ ତଳେ ରାତିରେ ଲେଣ୍ଡୁ ମଠସାହିସ୍ଥିତ ରମେଶ ସେଠୀ ଓ ତାଙ୍କ ପତ୍ନୀ ଘରେ ଶୋଇଥିବାବେଳେ ତାଙ୍କ ଘରେ କେହି ନିଆଁ ଲଗାଇଦେବାରୁ ଗୁହାଳ ସହିତ ୨ ବଖରା ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ତାଙ୍କ ଘରେ ଥିବା ନଗଦ ଟଙ୍କା, ବିଭିନ୍ନ ଦରକାରୀ କାଗଜପତ୍ର, ଧାନ, ଚାଉଳ, ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ସେହିପରି ନୂଆ ଜଗନ୍ନାଥ ସଡ଼କ ନିକଟରେ ଜଳନ୍ଧର ମୁଦୁଲିଙ୍କର ଥିବା ହାଣ୍ଡିପୋଡ଼ା ରୁଆ ଘରକୁ ମଧ୍ୟ କେହି ଜାଳିଦେଇଥିବା ବେଳେ ନୂଆ ହାଣ୍ଡି ମାଠିଆ ନଷ୍ଟ ହୋଇଯାଇଥିଲା। ସେହିପରି ୧୩ ତାରିଖ ରାତିରେ ଉକ୍ତ ଦୁର୍ବୃତ୍ତ ଲକ୍ଷ୍ମୀଧର ସାହୁଙ୍କ ଦୋକାନକୁ ପୋଡ଼ି ଦେଇଥିଲା। ନିରାକାରପୁର ପୁଲିସ ଅଭିଯୋଗକୁ ଭିତ୍ତିକରି ଗଡ଼ିଶାଗଦା ଥାନା ଅନ୍ତର୍ଗତ ଦିବ୍ୟସିଂହପୁର ଗ୍ରାମର ପ୍ରକାଶ ସାହୁ (୨୭)କୁ ସୋମବାର ଏସ୍ଆଇ ଦିପାଳିଶା ନାୟକ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଅଭିଯୁକ୍ତ ଜଣକ ନିଜର ମନସ୍କାମନା ପୂରଣ ପାଇଁ ଏପରି ଅଗ୍ନିକାଣ୍ଡ କରୁଥିବା ପୁଲିସ ଆଗରେ ପ୍ରକାଶ କରିଥିବା ଜଣାପଡ଼ିଛି।

## ଜବରଦଖଲମୁକ୍ତ ହେଉନି ଶ୍ମଶାନ ରାସ୍ତା

● ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍



ସିକୋ,୧୯।୫(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ସିକୋ ଗ୍ରାମର ଗଡ଼ବାଡ଼ ସାହି (ଗୋଡ଼ିସାହି) ଶ୍ମଶାନ ରାସ୍ତାକୁ ଗ୍ରାମର କିଛି ପ୍ରଭାବଶାଳୀ ଓ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଜବରଦଖଲ କରିଥିବାରୁ ଶବଦାହ ପାଇଁ ଯାତାୟାତ ସମୟରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଯାହା ଫଳରେ ଦିନକୁ ଦିନ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିବା ସହ ପ୍ରଶାସନ ଜବତଦଖଲ ହଟାଇବାକୁ ଅସମର୍ଥ ହୋଇପଡ଼ିଛି। ଏହି ଶ୍ମଶାନକୁ ଯାତାୟାତ ପାଇଁ ରାସ୍ତା ନ ଥିବାବେଳେ ଶବଦାହ ଗୃହଟି ବିନା ସୂଚନାଫଳକରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ସମସ୍ୟା ଜବରଦଖଲ ହଟା ନ ଯାଇ ଶ୍ମଶାନରେ ସମ୍ପୃକ୍ତ ଗୃହ ନିର୍ମାଣ କରିବା ପଛରେ କ'ଣ ରହସ୍ୟ ରହିଛି ବୋଲି ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଏପରିକି ସମାଜସେବୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର ସୂଚନା ଅଧିକାର ଆଇନ ବଳରେ ସ୍ଥାନୀୟ ପଞ୍ଚାୟତକୁ ମାଗିଥିବା ତଥ୍ୟରେ ୨୦୧୨-୧୩ ଆର୍ଥିକ ବର୍ଷରେ ଶଗଡ଼ଭଙ୍ଗାଠାରୁ ଗୋଡ଼ିସାହି ଶ୍ମଶାନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ମନରେଗା ପ୍ରକଳ୍ପ ଦ୍ୱାରା ୨ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା। ଉପଯୁକ୍ତ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ନ ଥିବାରୁ କାର୍ଯ୍ୟଟି କେଉଁଠାରୁ ଆରମ୍ଭ ହୋଇ କେଉଁଠାରେ ଶେଷ ହୋଇଛି ତଥ୍ୟ ଉପଲବ୍ଧ ନାହିଁ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ରାସ୍ତା ଜବରଦଖଲ ଯୋଗୁଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସୂଚନା ଅଧିକାର ଆଇନରୁ ମିଳିଥିବା ତଥ୍ୟ ସହ ଜବରଦଖଲ ହଟାଇବା ପାଇଁ ଜିଲ୍ଲାପାଳ ଓ ବେଗୁନିଆ ବିଡିଓଙ୍କ ନିକଟରେ ଗତ ମାସ ୨ ତାରିଖରେ ଅଭିଯୋଗ କରିଥିଲେ। ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ବିଳମ୍ବ ଘଟୁଥିବାରୁ ଆସାଧାରଣରେ ଅସନ୍ତୋଷ ପ୍ରକାଶ କରିଛି।

## ଶିକ୍ଷକଙ୍କ ଦ୍ୱାରା ପାନୀୟଜଳ ସେବା

ଟାଙ୍ଗୀ,୧୯।୫(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ। ଏହି ସମୟରେ ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସମାଜସେବୀ ଲଳିତ ନାରାୟଣ ମହାପାତ୍ର ତୃଷାର୍ତ୍ତ ଲୋକମାନଙ୍କୁ ଜଳ ଯୋଗାଇଦେଇ ଜନସାଧାରଣଙ୍କ ଦ୍ୱାରା ପ୍ରଶଂସିତ ହୋଇପାରିଛନ୍ତି। ସେ ପ୍ରଚଣ୍ଡ ରୌଦ୍ରତାପରେ ପଥିକମାନଙ୍କୁ ଦହି ସର୍ବତ, ବେଲପଣା, ପାନୀୟଜଳ ଯୋଗାଇ ଦେଉଛନ୍ତି। ପ୍ରତ୍ୟେକ ବର୍ଷ ଗ୍ରୀଷ୍ମପ୍ରବାହ ସମୟରେ ଦିନକୁ ୩ ଘଣ୍ଟା ସେ ଜଳସେବା ଯୋଗାଇ ଦିଅନ୍ତି ବୋଲି ଜନସାଧାରଣଙ୍କଠାରୁ ପ୍ରକାଶ।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଖୋର୍ଦ୍ଧା,୧୯।୫(ସମିସ): ୧୬ନଂ ଜାତୀୟ ରାଜପଥର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ବରୁଣେଇ ଓଭରବ୍ରିଜ୍ ଉପରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦପୁର ଥାନା ଅନ୍ତର୍ଗତ ଖଣ୍ଡି ଗ୍ରାମର ବିଶ୍ୱଜିତ୍ ପାଇକରାୟ (୪୬)। ସୂଚନା ଅନୁସାରେ, ସୋମବାର ଅପରାହ୍ଣରେ ବିଶ୍ୱଜିତ୍ ଏକ ବାଇକ୍‌ରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଏହି ସମୟରେ ବରୁଣେଇ ଓଭରବ୍ରିଜ୍ ଉପରେ ଅଜଣା ଗାଡ଼ି ଧକ୍କା ଦେଇ ପଳାଇଥିଲା। ଖବର ପାଇ ପୁଲିସ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ବାଣପୁର,୧୯।୫(ସମିସ): ରାଜ୍ୟ ସରକାରଙ୍କ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଚିଲିକା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଜଳସେଚନ ସମସ୍ୟାର ସମାଧାନ ନିମନ୍ତେ ୫୬ଲକ୍ଷ ଟଙ୍କା ମୂଲ୍ୟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ଗ୍ରାମପଞ୍ଚାୟତର ପଙ୍କାଳ ଗ୍ରାମ ନିକଟରେ ୩୫.୩୧ ଲକ୍ଷ ଟଙ୍କା ବ୍ୟୟରେ ଅଶୋକ ନାଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଓ କୁମାଣ୍ଡୋଳ ପାଟଣା ଗ୍ରାମପଞ୍ଚାୟତର ସରଳସିଂହଠାରେ ୨୧.୨୯ ଲକ୍ଷ ଟଙ୍କା ବ୍ୟୟରେ ଜୟମଙ୍ଗଳ ପ୍ରକଳ୍ପ ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଦୁଷ୍ମନ୍ତ ହରିଚନ୍ଦନ, ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଡ. ସୁରେନ୍ଦ୍ର ନାଥ ଦାସ, ଗୋଲକ ବିହାରୀ ପଟ୍ଟନାୟକ, ବାଣପୁର ବ୍ଲକ୍ ଉପାଧ୍ୟକ୍ଷଙ୍କ ପ୍ରତିନିଧି ମାଧବ ପ୍ରଧାନ, ଗମ୍ଭାରୀମୁଣ୍ଡା ସରପଞ୍ଚଙ୍କ ପ୍ରତିନିଧି ଚିନ୍ମୟ ପଟ୍ଟନାୟକ ଓ ସମିତିସଭ୍ୟା ଅନିତା ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ସରକାରୀ ନିର୍ଦ୍ଦେଶକୁ ଠିକାଦାରଙ୍କ ଅଣଦେଖା

# ମୁଣ୍ଡଫଟା ଖରାରେ କାମ କରୁଛନ୍ତି ଶ୍ରମିକ; ପ୍ରଶାସନ ନିରବ

ଖୋର୍ଦ୍ଧା,୧୯।୫(ସମିସ)





ଖୋର୍ଦ୍ଧାରେ କିଛିଦିନ ହେବ ଜାରି ରହିଛି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ। ଖରା ତ ନୁହେଁ ଆକାଶରୁ ସତେକି ନିଆଁ ବର୍ଷୁଛି। ଦିନ ୧୦ଟା ପରେ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି। ଶୀତତାପ କୋଠରିରୁ ବଡ଼ବଡ଼ ବାବୁ ବାହାରିବାକୁ ଉଚିତ୍ ମନେ କରୁନାହାନ୍ତି। ଖୋର୍ଦ୍ଧା ସମେତ ଭୁବନେଶ୍ୱର ସହର ଉତପ୍ତ ସହରରେ ପରିଣତ ହେବାରେ ଲାଗିଛି। ସବୁଜ ବଳୟ ସ୍ଥାନରେ ଏବେ ସହର କଂକ୍ରିଟ୍ ଜଙ୍ଗଲରେ ପରିଣତ ହୋଇଛି। ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ନିମନ୍ତେ ପ୍ରଚଣ୍ଡ ଖରାକୁ ଆଖିରେ ରଖି ଦିନ ୧୧ଟାରୁ ଅପରାହ୍ଣ ୩ଟା ଯାଏଁ ଟାଣ ଖରାରେ କାମ ନ କରିବାକୁ ରାଜ୍ୟ ସରକାର ରୋକ୍ ଲଗାଇଛନ୍ତି। ମାତ୍ର ଏ ନିର୍ଦ୍ଦେଶ ଜିଲ୍ଲାରେ ଖୋଲାଖୋଲି ଉଲ୍ଲଂଘନ ହେଉଛି। ସରକାରଙ୍କ ଏ ନିର୍ଦ୍ଦେଶକୁ ଠିକାଦାରମାନେ ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି। ଦିନ ୧ଟା ବେଳର ଟାଣ ଖରାରେ ଶ୍ରମିକମାନେ ୨ ମହଲା ଛାତ ଉପରେ କାମ କରୁଥିବା ଦେଖାଯାଇଛି। ସରକାରୀ କାର୍ଯ୍ୟାଳୟରେ ଟାଣଖରାରେ କାମ ହେଉଥିଲେ ମଧ୍ୟ ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନ ଉଠିଛି।

ପ୍ରକାଶ ଥାଉକି, ଖୋର୍ଦ୍ଧା ତହସିଲ୍ କାର୍ଯ୍ୟାଳୟ ପରିସରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି। ସୋମବାର ମୁଣ୍ଡଫଟା ଖରା ସତ୍ତ୍ୱେ ଏଠାରେ ଦିନ ୧୧ଟା କଥା ଛାଡ଼ନ୍ତୁ ବରଂ ଦିନ ୧ଟା ବେଳେ ମଧ୍ୟ ଶ୍ରମିକ କଠିନ ପରିଶ୍ରମ କରୁଥିବା ଦେଖିବାକୁ ମିଳିଛି। ଖରା ଓ ଗୁଳୁଗୁଳି ସତ୍ତ୍ୱେ ଶ୍ରମିକମାନେ ୨ମହଲା ଉପରେ ଚଢ଼ି ଛାତ ପକାଇବା ପାଇଁ ସେଣ୍ଟ୍ରିଂ କାମ କରୁଛନ୍ତି। ସେହିପରି ଆଉକିଛି ଶ୍ରମିକ ପୁରୁଣା ପାଚେରି ଖୋଳୁଥିବା ଦେଖାଯାଇଛି। ପେଟ ଚାଖଣ୍ଡେ ପାଇଁ ଶ୍ରମିକ ଗମଗମ ଝାଳ ବାହାରୁଥିବା ସତ୍ତ୍ୱେ କାମ ଚାଲିଥିବାବେଳେ ଶ୍ରମ ବିଭାଗର ବଡ଼ବଡ଼ ବାବୁମାନେ ଶୀତତାପ କୋଠରିରେ ଆରାମରେ ଦିନ କାଟୁଥିବା ଜଣାଯାଇଛି। ଏ ଦୃଶ୍ୟ କେବଳ ଆଜିର ନୁହେଁ, ଗତ କିଛିଦିନ ହେବ ଜାରି ରହିଥିବାବେଳେ ଶ୍ରମିକଙ୍କ ସ୍ୱାର୍ଥ ଉପରେ ପ୍ରଶାସନ ଗୁରୁତ୍ୱ ଦେବା ଭଳି ମନେ ହେଉନି। କେତେବେଳେ ଏଠାରେ କାମ କରୁଥିବା ଶ୍ରମିକ ଅଂଶୁଘାତଜନିତ ଅଘଟଣର ସମ୍ମୁଖୀନ ନ ହେବ ତାହା ଏବେ କହିବା ମୁସ୍କିଲ୍ ହୋଇପଡ଼ିଛି।

ଶ୍ରମିକଙ୍କ ଜୀବନ ଏହି ନିର୍ମାଣ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଆଗରେ ତୁଚ୍ଛ ହୋଇପଡ଼ିଥିବାବେଳେ ଏଭଳି ସମ୍ବେଦନଶୀଳ ଘଟଣା ତହସିଲ୍ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକଙ୍କୁ ବ୍ୟଥିତ କରିଛି। ଆଶ୍ଚର୍ଯ୍ୟର କଥା ଠିକାସଂସ୍ଥା ଲକ୍ଷ ଲକ୍ଷ ଟଙ୍କା ନେଇ ଫାଇଦା ଉଠାଉଥିବାବେଳେ ଟାଣଖରାରେ ଶ୍ରମିକମାନେ କାମ କରୁଛନ୍ତି। କିନ୍ତୁ ଏଠାରେ ଛାଇ ନିମନ୍ତେ ଠିକାସଂସ୍ଥା ପକ୍ଷରୁ କିଛି ବ୍ୟବସ୍ଥା କରାଯାଉ ନ ଥିବା ଶ୍ରମିକମାନେ ଅଭିଯୋଗ ଆଣିଛନ୍ତି। କେବଳ ଗଛ ଛାଇ ଯାହା ଭରସା ବୋଲି କହିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

### ଖୋର୍ଦ୍ଧା ତହସିଲ୍ କାର୍ଯ୍ୟାଳୟ ପରିସରରେ ଚାଲିଛି କୋଠା ନିର୍ମାଣ

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୭- ସାଉଦି ଆରବ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୩୨- ସ୍ୱାଧୀନତା ସଂଗ୍ରାମୀ ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଦେହାନ୍ତ।
- ୧୯୯୦- ହବଲ୍ ଟେଲିସ୍କୋପ୍ ମହାକାଶରୁ ପ୍ରଥମ ଫଟୋ ପଠାଇଲା।
- ୧୯୯୫- ରୁଷ୍‌ରେ ମାନବ ରହିତ ମହାକାଶ ଯାନର ସଫଳ ପ୍ରକ୍ଷେପଣ କରାଗଲା।
- ୨୦୦୩- ପାକିସ୍ତାନ, ଆତଙ୍କବାଦୀ ସଂଗଠନ ହିଜବୁଲ୍ ମୁଜାହିଦ୍ଦିନ୍ ଉପରେ ପ୍ରତିବନ୍ଧକ ଲଗାଗଲା।

# ରାଜ୍‌ଙ୍କ ସହ ସାମନ୍ଥାଙ୍କ ଫଟୋ ଭାଇରାଲ



ସାଉଥ୍‌ର ଆଗଧାଡ଼ିର ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ। ଏବେ ସେ ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଅନେକବାର ସେ ରାଜ୍‌ଙ୍କ ସହ ଦେଖାଯାଇଥିଲେ ମଧ୍ୟ କେବେ ଫଟୋ ସେୟାର୍ କରି ନ ଥିଲେ। ଏବେ କିନ୍ତୁ ସେ ରାଜ୍‌ଙ୍କ ସହ ଫଟୋ ସେୟାର୍ କରିଛନ୍ତି। କିଛି ଦିନ ପୂର୍ବରୁ ସାମନ୍ଥା ସାମାଜିକ ଗଣମାଧ୍ୟମରେ 'ନୂଆ ଆରମ୍ଭ' ଲେଖି ଏକ ପୋଷ୍ଟ ସେୟାର୍ କରିଥିଲେ। ଏଥିରୁ ସେ ପୁଣି ଥରେ ଏକ ନୂଆ ସମ୍ପର୍କରେ ଥିବା ତାଙ୍କ ପ୍ରଶଂସକମାନେ ଅନୁମାନ କରୁଥିଲେ। ଏବେ ରାଜ୍‌ଙ୍କ ସହ ସେ ଫଟୋ ସେୟାର୍ କରି ଉଭୟ ପ୍ରେମ ସମ୍ପର୍କରେ ଥିବା କଥାକୁ ବିଧିବଦ୍ଧ ଭାବେ ଜଣାଇ ଦେଇଛନ୍ତି। ଏବେ ସାମନ୍ଥା ତାଙ୍କ ପ୍ରଡକ୍ସନ୍ ହାଉସ୍‌ରେ ନିର୍ମିତ 'ଶୁଭମ୍'ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି। ତେବେ ସାମନ୍ଥା ଦୁଇଟି ଫଟୋ ସେୟାର୍ କରିଥିଲେ। ପ୍ରଥମ ଫଟୋରେ ସେ ରାଜ୍‌ଙ୍କ ସହ ଏକ ସିନେମା ହଲ୍‌ରେ ପୋଜ୍ ଦେଉଥିବାର ଦେଖାଯାଇଛି। ଦ୍ୱିତୀୟ ଫଟୋରେ ସେ ରାଜ୍‌ଙ୍କ ସହ କିଛି ଆଲୋଚନା କରୁଥିବାର ଦେଖାଯାଇଛି। ସାମନ୍ଥା ପୂର୍ବରୁ ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଯିବା ପରେ ନାଗା, ଶୋଭିତା ଧୂଳିପାଲାଙ୍କୁ ବିବାହ କରିଛନ୍ତି। ଏବେ ସାମନ୍ଥା ମଧ୍ୟ ତାଙ୍କ ଜୀବନରେ ଆଗକୁ ବଢ଼ିଥିବା ତାଙ୍କ ପ୍ରଶଂସକମାନେ କହୁଛନ୍ତି। ତେବେ ରାଜ୍ ପୂର୍ବରୁ ବିବାହ କରିଛନ୍ତି। ତାଙ୍କର ଝିଅଟିଏ ମଧ୍ୟ ଅଛି।

# ପ୍ରସାଧାନ ସାମଗ୍ରୀରୁ ହୋଇପାରେ କର୍କଟ



ମହିଳାମାନେ ସୁନ୍ଦର ଦିଶିବା ପାଇଁ ବିଭିନ୍ନ ପ୍ରକାରର ପ୍ରସାଧାନ ସାମଗ୍ରୀ ବ୍ୟବହାର କରନ୍ତି। ହେଲେ ଏଭଳି ଜିନିଷରୁ କର୍କଟ ହେବା ଆଶଙ୍କା ଥାଏ ବୋଲି ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି। ପ୍ରତିଦିନ ବ୍ୟବହାର କରାଯାଉଥିବା ସାମ୍ପୋ, ବଡି ଲୋଶନ, ସାବୁନ ଆଦିରେ ଫର୍ମାଲଡିହାଇଡ ନାମକ ଏକ ବିଷାକ୍ତ ରାସାୟନିକ ତତ୍ତ୍ୱ ଥାଏ ଯାହାକି କର୍କଟର କାରଣ ହୋଇଥାଏ। ଅଧ୍ୟୟନରେ ଲସ୍‌ଆଞ୍ଜେଲସ୍‌ର ୭୦ ବର୍ଷୀୟା ବୃଦ୍ଧାମାନଙ୍କୁ ସାମିଲ କରାଯାଇଥିଲା। ଏକ ମୋବାଇଲ୍ ଆପ୍ ଜରିଆରେ ସେମାନେ ଉପଯୋଗ କରୁଥିବା ପ୍ରସାଧାନ ସାମଗ୍ରୀଗୁଡ଼ିକ ଓ ସେଥିରେ ଥିବା ଉପାଦାନଗୁଡ଼ିକର ଫଟୋ ସେୟାର କରିଥିଲେ। ଏଥିରୁ ୫୩% ମହିଳା ବ୍ୟବହାର କରୁଥିବା ପ୍ରସାଧାନ ସାମଗ୍ରୀରେ ଫର୍ମାଲଡିହାଇଡ ପରି ବିଷାକ୍ତ ରାସାୟନିକ ପଦାର୍ଥ ରହିଥିବା ଜଣାପଡ଼ିଥିଲା। ତେବେ ମହିଳାମାନେ ଏହି ଉତ୍ପାଦକୁ ନିୟମିତ ତଥା ସପ୍ତାହରେ ବହୁବାର ବ୍ୟବହାର କରୁଥିବାରୁ ଏହା ଚିନ୍ତା ବଢ଼ାଇଥିଲା। ସାଧାରଣତଃ ପ୍ରସାଧାନ ସାମଗ୍ରୀଗୁଡ଼ିକୁ ଅଧିକ ସମୟ ସାଇତି ରଖିବାକୁ ଫର୍ମାଲଡିହାଇଡର ବ୍ୟବହାର କରାଯାଏ। ଏହା ସାମ୍ପୁ, ବଡି ଲୋଶନ, ଫେସ୍ କ୍ରିମ୍, ସାବୁନ୍, ଆଇଲ୍ୟାସ୍ ଅଠା ଆଦିରେ ମିଳିଥିଲା। ଏହାପୂର୍ବରୁ ଆମେରିକାର ପରିବେଶ ସୁରକ୍ଷା ସଂଗଠନ ଏହି ରାସାୟନିକ ପଦାର୍ଥ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଘୋଷଣା କରିସାରିଛି। ଦୀର୍ଘ ସମୟ ଏହି ରାସାୟନିକ ଦ୍ରବ୍ୟର ସଂସ୍ପର୍ଶରେ ରହିବା ଦ୍ୱାରା ତ୍ୱଚା ଏବଂ ଦୃଷ୍ଟିଶକ୍ତି ପ୍ରଭାବିତ ହୋଇପାରେ। କେବଳ ସେତିକି ନୁହେଁ, ଅନେକ ମାମଲାରେ ଏହା କର୍କଟର କାରଣ ମଧ୍ୟ ହୋଇପାରେ। ତେଣୁ ମହିଳାମାନେ ଯେକୌଣସି ପ୍ରସାଧାନ ସାମଗ୍ରୀ କିଣିବା ପୂର୍ବରୁ ଏଥିରେ ବ୍ୟବହାର କରାଯାଉଥିବା ଜିନିଷଗୁଡ଼ିକ ସମ୍ପର୍କରେ ଜାଣିବା ଉଚିତ। ଯଦି ଏଥିରେ DMDM Hydantoin, Quaternium-15 ପରି ତତ୍ତ୍ୱ ରହିଥାଏ, ତେବେ ଏହାକୁ ନ କିଣିବା ଭଲ। କାରଣ ଏହା ସ୍ୱାସ୍ଥ୍ୟ ଏବଂ ଚର୍ମ ପାଇଁ ହାନିକାରକ ହୋଇପାରେ। ସବୁବେଳେ ଆୟୁର୍ବେଦିକ କିମ୍ବା ହର୍ବାଲ ବିକଳ୍ପକୁ ପ୍ରାଥମିକତା ଦେବା ଜରୁରି ବୋଲି ଏହି ଅଧ୍ୟୟନରେ କୁହାଯାଇଛି।

# କେଶରେ ଝୁଲିଲେ ୨୫ ମିନିଟ୍

ଆଜିକାଲି ବିଶ୍ୱ ରେକର୍ଡରେ ସାମିଲ ହେବା ପାଇଁ ଲୋକେ ଅଜବ ତଥା ଭିନ୍ନ ଭିନ୍ନ କାରନାମା କରି ଦେଖାଉଛନ୍ତି। ଏହି କ୍ରମରେ ଆମେରିକାର ସର୍କସ କଳାକାର ଲେଲା ନୁନେ ନିଜ କେଶରେ ୨୫ ମିନିଟ୍ ୧୧ ସେକେଣ୍ଡରୁ ଅଧିକ ସମୟ ଝୁଲି ରହି ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ୩୯ ବର୍ଷୀୟା ଲେଲା ପୂର୍ବରୁ ଥିବା ୨୩ ମିନିଟ୍ ୧୯ ସେକେଣ୍ଡର ରେକର୍ଡକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି। ୨୦୧୧ ମସିହାରେ ଅଷ୍ଟ୍ରେଲିଆର ସୁଥାକରନ ସିଭାଗନାନାଥୁରାଇ ଏହି ରେକର୍ଡ କରିଥିଲେ। ତେବେ ଲେଲା ଜଣେ ପେଶାଦାର ହେୟାର ହ୍ୟାଙ୍ଗର। ଏହି ଚ୍ୟାଲେଞ୍ଜ ଲାଗି ଦୁଇ ବର୍ଷ ହେଲାଣି ସେ ଅଭ୍ୟାସ ଚଳାଇଥିଲେ। ଗତବର୍ଷ ଜୁନ୍ ମାସରେ ସେ ଏହି ରେକର୍ଡ ଏକ ପ୍ରାକୃତିକ ପରିବେଶ ମଧ୍ୟରେ କରିଥିଲେ। ଅବଶ୍ୟ ସେ ଯେଭଳି ତାଙ୍କ ଲକ୍ଷ୍ୟରୁ ବିଚ୍ୟୁତ ନ ହୁଅନ୍ତି ସେଥିପାଇଁ ତାଙ୍କ ସାଙ୍ଗମାନେ ଗୀଟାର ବଜାଇବା ସହ କରତାଳି ଦେଇ ତାଙ୍କୁ ଉତ୍ସାହିତ କରୁଥିଲେ। ତେବେ ହେୟାର୍ ହ୍ୟାଙ୍ଗିଂ ହେଉଛି ଏକ ବିପଦପୂର୍ଣ୍ଣ ସର୍କସ କଳା। ଏ ଲାଗି ଶାରୀରିକ ଶକ୍ତି ସହ ଏକ ବିଶେଷ ଟେକ୍ନିକ୍‌ର ଆବଶ୍ୟକତା ଥାଏ। ଅଧିକାଂଶ ହେୟାର ହ୍ୟାଙ୍ଗର କେଶ ବାନ୍ଧିବାର ନିଆରା ତରିକା ଜାଣିଥାନ୍ତି। ଏହି ଟେକ୍ନିକ୍‌ରେ କେଶରେ ଶରୀରକୁ ଝୁଲାଇବା ସହ ଆଘାତ ଯେପରି ଲାଗିବ ନାହିଁ ତାଉପରେ ଗୁରୁତ୍ୱ ଦିଆଯାଏ। ସେହିପରି ଲେଲା ଶରୀର ସହିତ ମାନବ ମସ୍ତିଷ୍କ ଶକ୍ତିର ପ୍ରଦର୍ଶନ କରିବାକୁ ଚାହୁଁଥିଲେ। ଅନ୍ୟପକ୍ଷରେ ତାଙ୍କର ସାମର୍ଥ୍ୟ ଓ ଦକ୍ଷତାକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।






# କୀଟନାଶକ ବିକଳ୍ପ ହଳଦୀ

**ହଳଦୀ ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ। ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ, ଆଣ୍ଟିଇନ୍‌ଫ୍ଲାମେଟରୀ, ଆଣ୍ଟିଫଙ୍ଗାଲ ଗୁଣ ଥାଏ। ହଳଦୀ ଔଷଧୀୟ ଗୁଣରେ ଭରପୁର। ଖାଦ୍ୟର ସ୍ୱାଦ ବୃଦ୍ଧି ପାଇଁ ହଳଦୀ ବ୍ୟବହାର ବିଷୟରେ ତ ସମସ୍ତେ ଜାଣନ୍ତି; ହେଲେ ଗଛ ବୃଦ୍ଧି ପାଇଁ ହଳଦୀ ପ୍ରାକୃତିକ ମହୌଷଧି ରୂପେ କାମ କରିଥାଏ। ହଳଦୀ ଗୁଣ୍ଡ, ଅର୍କ, ତୈଳ ଫସଲ ପାଇଁ ପ୍ରାକୃତିକ କୀଟନାଶକ, ମାଟି କଣ୍ଡିସନର୍, ପତ୍ର ସିଞ୍ଚନ ଭାବେ ପ୍ରୟୋଗ କରାଯାଇପାରିବ।**


**ପୋକ ନିୟନ୍ତ୍ରଣକାରୀ:** ଫସଲରେ ହଳଦୀ ସିଞ୍ଚନ କଲେ ପୋକ ସଂଖ୍ୟା ହ୍ରାସ ପାଇଥାଏ। ଏକ ଲିଟର ପାଣିରେ ଏକ ବଡ଼ ଚାମଚ ହଳଦୀ ପାଉଡର ମିଶାଇ ଗଛରେ ସିଞ୍ଚନ କରିପାରିବେ। ସେହିପରି ହଳଦୀରୁ ଅର୍କ ବନାଇ ଫସଲରେ ସିଞ୍ଚନ ଜରୁରି। ଅନ୍ୟ ପ୍ରାକୃତିକ କୀଟନାଶକ ଯଥା- ନିମ ତେଲ ସହିତ ହଳଦୀକୁ ମିଶାଇ ବ୍ୟବହାର ଦ୍ୱାରା ଲାଭପ୍ରଦ ହୋଇଥାଏ।

**ଉପକାରୀ ଜୀବାଣୁ ବୃଦ୍ଧି:** ହଳଦୀରେ ଥିବା କରକ୍ୟୁମିନ ମାଟିରେ ଉପକାରୀ ଜୀବାଣୁ ବଂଶ ବିସ୍ତାର କରି ମାଟିକୁ ସୁସ୍ଥ ରହିଥାଏ। ଏହା ପରିବେଶ ଅନୁକୂଳ। ଗଛ ଲଗାଇବା ପୂର୍ବରୁ ଏହାର ମୂଳକୁ ଏକ ଲିଟର ପାଣିରେ ଏକ ଚାମଚ ହଦଳୀ ଗୁଣ୍ଡ ମିଶାଇ ଏଥିରେ ଭିଜାଇ ରଖି ଜମିରେ ଲଗାଇଲେ ଗଛ ସୁସ୍ଥ ହୁଏ। ବିହନ ବୁଣିବା ପୂର୍ବରୁ ଏକ କପ୍ ପାଣିରେ ହଳଦୀ ମିଶାଇ ସେଥିରେ ଉପଚାର ପାଇଁ କିଛି ଘଣ୍ଟା ଭିଜାଇ ରଖିବା ଦ୍ୱାରା ଗଜା ଭଲ ହୋଇଥାଏ।

**କୃଷି ବିଶେଷଜ୍ଞଙ୍କ ପରାମର୍ଶ ଜରୁରି:** ହଳଦୀ ଗୁଣ୍ଡ ଉପଯୋଗ କରିବା ପୂର୍ବରୁ ଫସଲ ଏବଂ ପୋକ ବିଷୟରେ ସଠିକ୍ ତଥ୍ୟ ସଂଗ୍ରହ କରିବା ଜରୁରି। ଫସଲରେ କେତେ ମାତ୍ରାର ହଳଦୀ ଗୁଣ୍ଡ ବ୍ୟବହାର କରିବା ଆବଶ୍ୟକ ସେନେଇ କୃଷି ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେଇ ପାରିବେ। ହଳଦୀ ଗୁଣ୍ଡ ଉପଯୋଗ କରିବା ପରେ ଫସଲକୁ ନିୟମିତ ରୂପେ ଯାଞ୍ଚ କରିବାର ଆବଶ୍ୟକତା ମଧ୍ୟ ରହିଛି।



# ଆଖୁ ଘାସବଛା ଯନ୍ତ୍ର



ପନିପରିବା ହେଉ କି ଡାଲିଜାତୀୟ ଫସଲ ବୃଦ୍ଧି ପାଇଁ ଅନାବନା ଘାସ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଫସଲରୁ ଘାସ ନିୟନ୍ତ୍ରଣ ପାଇଁ ବିଭିନ୍ନ କୃଷି ଉପକରଣ ରହିଛି। ସେମିତି ଆଖୁଚାଷ ପାଇଁ ଚାଷୀଙ୍କୁ ସୁବିଧା ଯୋଗାଉଛି ସୁଗାରକେନ୍ ୱିଡର ବା ଆଖୁ ଘାସବଛା ଯନ୍ତ୍ର। ଏହି ଉପକରଣ ଆଖୁ ଫସଲରୁ ଘାସ ନିୟନ୍ତ୍ରଣ ପାଇଁ ବେଶ୍ ଉପଯୋଗୀ। ସୁଗାରକେନ୍ ୱିଡରକୁ ଟ୍ରାକ୍ଟର ସହିତ ସଂଯୋଗ କରି ବ୍ୟବହାର କରାଯାଇଥାଏ। ଏହା ଏକ ଉଚ୍ଚକ୍ଷମତା ସମ୍ପନ୍ନ କୃଷି ଉପକରଣ। କୃଷିକାର୍ଯ୍ୟ ପାଇଁ ଏହାର ପ୍ରଦର୍ଶନ ମଧ୍ୟ ବେଶ୍ ଅବିଶ୍ୱସନୀୟ। ଏହାର ନିର୍ମାଣ ଏପରି କରାଯାଇଛି ଯେ, ଏହା ଆଖୁ ଫସଲକୁ କୌଣସି କ୍ଷତି ନ ପହଞ୍ଚାଇ ଘାସ ସଫା କରିଦିଏ। ଏହାଦ୍ୱାରା ଶୀଘ୍ର ସଫାକାର୍ଯ୍ୟ ହୋଇପାରୁଥିବାରୁ ମୃତ୍ତିକାର ଉର୍ବରଶକ୍ତି ବୃଦ୍ଧି ପାଏ। ଏହି ଉପକରଣ କେବଳ ଆଖୁ ଫସଲରୁ ଅନାବନା ଘାସ ନିୟନ୍ତ୍ରଣ କରେ ତାହା ନୁହେଁ, ବରଂ ଏଥିରେ ଆଖୁ ଲଗାଇବା କାମ କରାଯାଇପାରେ। ସାଧାରଣତଃ ବୁଣାକାମ ପାଇଁ ମଜୁରୀ ଅଭାବ ହେଉଥିବାବେଳେ ଏହି ଉପକରଣ ଏବେ ସେ ଚିନ୍ତା ଦୂର କରିଛି। ବିଶେଷ କଥା ଯେ, ଏହି ଉପକରଣ ବ୍ୟବହାର ପାଇଁ ଚାଷୀଭାଇଙ୍କ ପାଖେ ୪୫ ଅଶ୍ୱଶକ୍ତି ବିଶିଷ୍ଟ ଟ୍ରାକ୍ଟର ଥିବା ଆବଶ୍ୟକ।

# ଏ ମାସର ଚାଷ

**ଆମ ରାଜ୍ୟର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ। ସ୍ଥାନୀୟ ପାଣିପାଗ ଅନୁଯାୟୀ ଚାଷ ଭଲ ହୁଏ। ତେଣୁ ମାଟିର ଆର୍ଦ୍ରତାକୁ ବିନିଯୋଗ କରି କେଉଁ ପନିପରିବା ଚାଷ କରି ପାରିବେ ଆସନ୍ତୁ ଜାଣିବା।**



- ଶୁଖିଲା ଖତ, ୧୦ରୁ ୧୫ ପ୍ରତିଶତ ବାଲି କିମ୍ବା କୋକୋପିଟ୍ ବ୍ୟବହାର କରି ମାଟି ପ୍ରସ୍ତୁତ କରାଯାଏ। ଗୁଣ୍ଡମାଟିରେ ଚାରା ଲଗାଇଲେ ଅଧିକ ଲାଭ ମିଳେ। ତେଣୁ ଜଳସେଚନର ସୁବନ୍ଦୋବସ୍ତ କରି ଏ ମାସରେ ଲାଉ, ଜହ୍ନି, ମକା, ବାଦାମ, ଆଦି ଚାଷ କରିପାରିବେ। ନର୍ସରୀରେ ବିହନ ବୁଣି ଚାରା ତିଆରି କରି ବା ସବୁଠୁ ଭଲ ଉପାୟ। ତାପମାତ୍ରା ଅଧିକ ରହୁଥିବାରୁ ଫସଲରେ ପୋକ ନିୟନ୍ତ୍ରଣ ପାଇଁ ଉପାୟ ଆପଣାଇବା ଜରୁରି।
- ୧୮ ଇଞ୍ଚ ଗ୍ରୋବ୍ୟାଗ୍ କିମ୍ବା କୁଣ୍ଡରେ କଲରା ଚାଷ କରିପାରିବେ। ବ୍ରୋକୋଲି ଫସଲରେ ଜଳଯୋଗାଇବା ସହିତ ପ୍ରତି ଦୁଇ ସପ୍ତାହରେ ଥରେ ଗଛ ମୂଳରେ ଜୈବିକ ସାର ପ୍ରୟୋଗ କରିବା ଦ୍ୱାରା ଜୁନ୍ ମାସରେ ବ୍ରୋକୋଲି ଅମଳ ହୋଇଥାଏ।
- ଚଉଡ଼ା କୁଣ୍ଡରେ ଶୁଖିଲା ଖତ ଦେଇ ଟମାଟୋ, କାକୁଡ଼ି, ଲାଉ, ପୁଦିନା, ଛଅଁଚିନ୍ଦ୍ରା, କାଙ୍କଡ, କୁନ୍ଦୁରି, ଶାଗଜାତୀୟ ଯଥା- ପାଳଙ୍ଗ, ଖଡ଼ା, କଳମ, ମୂଳା, ବିଟ୍, ସାରୁ, ଓଲୁଅ, ଚାଷ କରିପାରିବେ।
- ସେହିପରି ବିଲାତି ବାଇଗଣଗଛରେ ଧଳାମାଛି ପରିଚାଳନା ପାଇଁ ଏକର ପିଛା ୮ରୁ ୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ଲଗାନ୍ତୁ। ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ୧୫୦୦ ପିପିଏମ୍ ଆଜାଡିରାକ୍ଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏକର ପ୍ରତି ୮ରୁ ୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ଲଗାନ୍ତୁ। ଏକର ପ୍ରତି ୪୦ ଗ୍ରାମ୍ ଥିୟାମିଥୋକ୍ସାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଅମଳ ହୋଇଥିବା ଧାନ, ଚିନାବାଦାମ, ମୁଗ ଏବଂ ବିରିକୁ ସାଇତି ରଖିବା ପାଇଁ ପ୍ରଥମେ ଭଲ ଭାବରେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗାକୁ ସଫା କରିଦିଅନ୍ତୁ।
- ସର୍ବଦା ପ୍ରାମାଣିକ ବିହନର ବ୍ୟବହାର କରନ୍ତୁ। ପ୍ରତି ୩ ବର୍ଷ ପରେ ଏହାକୁ ପରିବର୍ତ୍ତନ କରନ୍ତୁ। ଉନ୍ନତମାନ ବିହନ/ଅଧିକ ଅମଳକ୍ଷମ ବିହନ ବ୍ୟବହାର କଲେ ଅମଳ ୧୫ ପ୍ରତିଶତ ବୃଦ୍ଧି ହୋଇପାରିବ।
- ଫଳ ବଗିଚାରେ ନିୟମିତ ଜଳସେଚନ କରନ୍ତୁ। ଗଛମୂଳରେ ନଡ଼ା, ଶୁଖିଲା ପତ୍ର, କରତଗୁଣ୍ଡ ଆଦି ଦ୍ୱାରା ଜୈବିକ ଆଚ୍ଛାଦନ ସହ ବୁନ୍ଦା ଜଳସେଚନର ବ୍ୟବସ୍ଥା କରନ୍ତୁ।
- ଗୃହପାଳିତ ପଶୁ ପକ୍ଷୀମାନଙ୍କୁ ଘର ଭିତରେ ରଖନ୍ତୁ। ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରନ୍ତୁ। ଘାସ ଚରିବା ପାଇଁ ପଶୁମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟା ସମୟରେ ଛାଡନ୍ତୁ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୨୫ • ପାଉଣ୍ଡ ୧୧୪.୪୭
- ୟୁରୋ ୯୬.୪୫ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୭,୫୫୦ (ଭୁବନେଶ୍ୱର)
- ରୁପା : ୧,୦୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୦୫୯.୦୦
- ନିଫ୍ଟି ୨୪,୯୪୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ସ୍ଥାୟୀ ଜମା ସୁଧହାର କମାଇଲା ଏସ୍‌ବିଆଇ

**୨୦ ବେସିସ୍ ପଏଣ୍ଟ ହ୍ରାସ**

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ଦେଶର ସବୁଠାରୁ ବଡ଼ ରଷ୍ଟ୍ରାୟତ୍ତ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ତା'ର ଗ୍ରାହକମାନଙ୍କୁ ଆଉ ଏକ ଝଟ୍‌କା ଦେଇଛି। ଷ୍ଟେଟ ବ୍ୟାଙ୍କ ଲଗାତାର ଦ୍ୱିତୀୟ ଥର ପାଇଁ ତା'ର ସ୍ଥାୟୀ ଜମା ବା ଫିକ୍ସଡ ଡିପୋଜିଟ୍(ଏଫ୍‌ଡି)ରେ ୨୦ ବେସିସ୍ ପଏଣ୍ଟ ହ୍ରାସ ଘଟାଇଛି। ଏ ସମ୍ପର୍କରେ ବ୍ୟାଙ୍କ ତା'ର ୱେବ୍‌ସାଇଟ୍‌ରେ ସୂଚନା ଦେଇଛି। ବ୍ୟାଙ୍କ ୩ କୋଟି ଟଙ୍କାରୁ କମ୍ ଏଫ୍‌ଡି ଉପରେ ସୁଧ ହାର ହ୍ରାସ କରିଛି। ଏହି ହ୍ରାସ ସାଧାରଣ ଗ୍ରାହକଙ୍କ ସହିତ ବରିଷ୍ଠ ନାଗରିକଙ୍କ ପାଇଁ ମଧ ପ୍ରଯୁଜ୍ୟ ହେବ। ବିଭିନ୍ନ ଅବଧିର ଏଫ୍‌ଡି ଉପରେ ନୂତନ ସୁଧ ହାର ଚଳିତମାସ ୧୬ ତାରିଖଠାରୁ ଲାଗୁ ହୋଇଛି। ଏଫ୍‌ଡି ହାରରେ କ୍ରମାଗତ ଦ୍ୱିତୀୟ ହ୍ରାସ ପରେ, ବ୍ୟାଙ୍କର ସାଧାରଣ ଗ୍ରାହକମାନେ ଏବେ ବାର୍ଷିକ ୩.୩୦ ରୁ ୬.୭୦ ପ୍ରତିଶତ ହାରରେ ସୁଧ ପାଉଛନ୍ତି। ବରିଷ୍ଠ ନାଗରିକ ଏଫ୍‌ଡି ଉପରେ ବ୍ୟାଙ୍କରୁ ବାର୍ଷିକ ୩.୮୦ ରୁ ୭.୨୦ ପ୍ରତିଶତ ସୁଧ ନେଉଛନ୍ତି।

ଏହାପରେ ଗ୍ରାହକମାନେ ୭ ରୁ ୪୫ ଦିନର ଏଫ୍‌ଡି ଉପରେ ୩.୩୦%, ୧ ବର୍ଷରୁ କମ୍ ଏଫ୍‌ଡି ଉପରେ ସର୍ବାଧିକ ୬.୩୦% ଏବଂ ୧ ରୁ ୨ ବର୍ଷ ଏଫଡି ଉପରେ ୬.୫୦% ସୁଧ ପାଇବେ, ଯେତେବେଳେ କି ପୂର୍ବରୁ ଏହା ୬.୭୦% ପର୍ଯ୍ୟନ୍ତ ଥିଲା। ସେହିପରି, ସାଧାରଣ ଲୋକଙ୍କୁ ଏବେ ୫ ରୁ ୧୦ ବର୍ଷର ଏଫ୍‌ଡି ଉପରେ କେବଳ ୬.୩୦% ସୁଧ ମିଳିବ। ଏସ୍‌ବିଆଇ ଦ୍ୱାରା ସୁଧହାରରେ ଏହି ହ୍ରାସ ଭାରତୀୟ ରିଜର୍ଭ ବ୍ୟାଙ୍କର ଏପ୍ରିଲ ମୁଦ୍ରା ନୀତି ନିଷ୍ପତ୍ତି ପରେ ନିଆଯାଇଛି, ଯେଉଁଥିରେ ରେପୋ ହାର ୦.୨୫% ହ୍ରାସ ପାଇ ୬% ହୋଇଥିଲା। ଦେଶରେ ଋଣକୁ ଶସ୍ତା କରିବା ଏବଂ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବା ଲକ୍ଷ୍ୟରେ ଆର୍‌ବିଆଇ ଏହି ପଦକ୍ଷେପ ନିଆଯାଇଥିଲା, କିନ୍ତୁ ଏହା ଜମା ଉପରେ ସୁଧ ହାରକୁ ମଧ ପ୍ରଭାବିତ କରିଛି।

**ରୋବର୍ଟ କିୟୋସାକିଙ୍କ ଚେତାବନୀ**

## ଚଳିତବର୍ଷ ଭୟଙ୍କର ମାନ୍ଦାବସ୍ଥା

- ଉଡ଼ିଯିବ ୧୩୭ ଲକ୍ଷ କୋଟି
- ଆମେରିକାର ଛାତ୍ର ଋଣ ବଜାରରୁ ଆରମ୍ଭ ହେବ ସମସ୍ୟା

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)

ଦୀର୍ଘ ବର୍ଷେ ହେବ ଘୋର ସଙ୍କଟ ପରିସ୍ଥିତି ଦେଇ ଗତି କରୁଥିବା ଦେଶର ସେୟାର ବଜାର ପାଇଁ ଖରାପ ଖବର। କାରଣ ଇକ୍ୱିଟି ବଜାରର ଏହି ଦୁଃସମୟ ଶେଷ ହୋଇନାହିଁ। ବର୍ଷକ ପରେ ବଜାର କାରବାରରୁ କିଛି ରୋଜଗାର କରି ଶାନ୍ତିରେ ନିଶ୍ୱାସ ମାରୁଥିବା ନିବେଶକଙ୍କ ପାଇଁ ଆଗକୁ ଆହୁରି ଖରାପ ସମୟ ଅଛି। ଏ ନେଇ ସତର୍କ କରାଇଛନ୍ତି 'ରିଚ୍ ଡାଡ୍ ପୁଅର ଡାଡ୍'ର ପ୍ରସିଦ୍ଧ ଲେଖକ ରବର୍ଟ କିୟୋସାକି। କାରଣ ଚଳିତବର୍ଷ ସାରା ବିଶ୍ୱରେ ପୁଣି ଥରେ ଦେଖାଦେବ ଭୟଙ୍କର ମାନ୍ଦାବସ୍ଥା। ଏଥିଯୋଗୁ ଇକ୍ୱିଟି ବଜାରରୁ ଉଡ଼ିଯିବ ୧୩୭ ଲକ୍ଷ କୋଟି ଟଙ୍କା। ଏହି ସମସ୍ୟା ଆମେରିକାର ଛାତ୍ର ଋଣ ବଜାରରୁ ଆରମ୍ଭ ହେବ ବୋଲି ସେ କହିଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରିଛନ୍ତି।

ଏହି ବଡ଼ ଆର୍ଥିକ ମାନ୍ଦାବସ୍ଥାରେ ଗୋଟିଏ ଝଟ୍‌କାରେ ୧.୬ ଟ୍ରିଲିୟନ ଡଲାର (ପ୍ରାୟ ୧୩୭ ଲକ୍ଷ କୋଟି ଟଙ୍କା) କ୍ଷତି ହୋଇପାରେ। ତଥାପି, କିୟୋସାକି ଏହି ସଙ୍କଟକୁ କିପରି ଏଡାଯାଇପାରିବ ତାହା ମଧ କହିଛନ୍ତି। କିୟୋସାକି ତାଙ୍କ ପୁସ୍ତକ 'ରିଚ୍ ଡ୍ୟାଡ୍ ପୁଅର ଡ୍ୟାଡ୍'ରେ ଆର୍ଥିକ ଅସୁବିଧା ବିଷୟରେ ଲେଖିଛନ୍ତି। ଏଥିରେ ସେ ପୂର୍ବରୁ କିପରି ଆର୍ଥିକ ସଙ୍କଟ ଦେଖାଦେଇଥିଲା ତାହା ବ୍ୟାଖ୍ୟା କରିଛନ୍ତି। ସେ ଲେଖିଛନ୍ତି, ୧୯୯୮ ମସିହାରେ, ୱାଲ ଷ୍ଟ୍ରିଟ୍ ଲଙ୍ଗ ଟର୍ମ କ୍ୟାପିଟାଲ ମ୍ୟାନେଜମେଣ୍ଟ (ଏଲ୍‌ଟିସିଏମ୍) ନାମକ ଏକ ହେଜ୍ ଫଣ୍ଡକୁ ସଞ୍ଚୟ କରିବା ପାଇଁ ଏକାଠି ହୋଇଥିଲେ। ୨୦୦୮ ମସିହାରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୱାଲ ଷ୍ଟ୍ରିଟ୍‌କୁ ରକ୍ଷା କରିଥିଲେ। କିୟୋସାକିଙ୍କ ମତରେ ପ୍ରତ୍ୟେକ ଥର ଏହି ଆର୍ଥିକ ସଙ୍କଟ ଅଧିକ ବିପଜ୍ଜନକ ହେଉଛି। କାରଣ ଏହାର ପ୍ରକୃତ କାରଣ କେବେ ସମାଧାନ ହୋଇ ନ ଥିଲା। ଏହି ସମସ୍ୟା ୧୯୭୧ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳେ ଆମେରିକାର ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ସୁନା ମାନକରୁ ଡଲାରକୁ ବାହାର କରିଦେଇଥିଲେ। କିୟୋସାକି କୁହନ୍ତି ଯେ ଏହା ଅର୍ଥର ପ୍ରକୃତ ମୂଲ୍ୟକୁ ଦୂର କରିଦିଏ। ଏହିଠାରୁ ସମସ୍ୟା ଆରମ୍ଭ ହୋଇଥିଲା, ଯାହା ଏବେ ଆହୁରି ବୃଦ୍ଧି ପାଇଛି। କିୟୋସାକିଙ୍କ ବନ୍ଧୁ ଏବଂ ଆର୍ଥିକ ବିଶେଷଜ୍ଞ ଜିମ୍ ରିକାର୍ଡସ୍ ମଧ




ଏଥିରେ ସହମତ। ସେ ବିଶ୍ୱାସ କରନ୍ତି ଯେ ଆମେରିକାରେ ଦିଆଯାଇଥିବା ଷ୍ଟୁଡେଣ୍ଟ ଛାତ୍ର ଋଣର ୧.୬ ଟ୍ରିଲିୟନ ଡଲାର ବୁଡ଼ିଯାଇପାରେ। ଅର୍ଥାତ୍ ଏହାକୁ ଅସୁଲ କରିବା ଅସମ୍ଭବ, ଯାହା ପରବର୍ତ୍ତୀ ଆର୍ଥିକ ସଙ୍କଟକୁ ନେଇପାରେ।

କିୟୋସାକି ଏହି ସଙ୍କଟକୁ କିପରି ଏଡାଯାଇପାରିବ ତାହା ମଧ ବ୍ୟାଖ୍ୟା କରିଛନ୍ତି। ସେ ବିଶ୍ୱାସ କରନ୍ତି ଯେ ଆପଣଙ୍କୁ ସରକାର କିମ୍ବା ସେୟାର ବଜାରରୁ କୌଣସି ସାହାଯ୍ୟ ମିଳିବନାହିଁ। ତୁମକୁ ନିଜକୁ ସାହାଯ୍ୟ କରିବାକୁ ପଡିବ। କିୟୋସାକି ଲୋକମାନଙ୍କୁ ସୁନା, ରୁପା ଏବଂ ବିଟକଏନ୍ ଭଳି ପ୍ରକୃତ ଜିନିଷ କିଣିବାକୁ ପରାମର୍ଶ ଦେଇଛନ୍ତି। ସେ ବିଶ୍ୱାସ କରନ୍ତି ଯେ ଯଦି ଆପଣ ଆର୍ଥିକ ଭାବରେ ସଶକ୍ତ ହେବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ନିଜେ କିଛି କରିବାକୁ ପଡିବ। ଅନ୍ୟ କାହା ଉପରେ ବିଶ୍ୱାସ କରନ୍ତୁନାହିଁ।

## କମିଲା ଆମେରିକାର ରେଟିଂ; ପୁଣି ସୁନା ଦର ଉପରମୁହାଁ

**ଦିନକରେ ୨ ହଜାର ମହଙ୍ଗା**

**ଜାନୁଆରୀଠାରୁ ମୂଲ୍ୟ ୧୭ ହଜାର ବଢ଼ିଛି**

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)




ମାତ୍ର କିଛି ଦିନର ବ୍ୟବଧାନ ପରେ ପୁଣି ଉପରମୁହାଁ ହୋଇଛି ସୁନା ଦର। ଗତ ଦୁଇଟି ବ୍ୟବସାୟିକ ଦିବସରେ ଘରୋଇ ବଜାରରେ ସୁନା ମୂଲ୍ୟରେ ବୃହତ୍ ବୃଦ୍ଧି ଘଟିଛି। ଏମିତିକି ମାତ୍ର ଗୋଟିଏ ଦିନରେ ବଜାରରେ ସୁନା ମୂଲ୍ୟରେ ୨୦୦୦ ଟଙ୍କା ବୃଦ୍ଧି ଘଟିଛି। ଶୁକ୍ରବାର ଦିନ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୧୪୦୦ ଟଙ୍କା ବୃଦ୍ଧି ପାଇଛି। ଏହା ବ୍ୟତୀତ, ରୂପା କିଲୋଗ୍ରାମ ପିଛା ୫୦୦ ଟଙ୍କା ବୃଦ୍ଧି ପାଇ ୯୮,୫୦୦ ଟଙ୍କାରେ ପହଞ୍ଚିଛି। ତେବେ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ର ଆମେରିକାର ରେଟିଂରେ ହ୍ରାସ ଯୋଗୁ ବିଶ୍ୱ ବଜାରରେ ସୁନା ମୂଲ୍ୟରେ ହ୍ରାସ ଘଟିଛି। ଲଗାତାର ଦ୍ୱିତୀୟ ଦିନ ପାଇଁ ସୁନାର ମୂଲ୍ୟରେ ଏଭଳି ବୃଦ୍ଧି ଘଟିଛି। ଏଥିରେ ବିଶେଷ କଥା ହେଉଛି ଦୁଇ ଦିନରେ ସୁନାର ମୂଲ୍ୟରେ ୧୯୮୦ ଟଙ୍କା ବୃଦ୍ଧି ଘଟିଛି। ଏଥିଯୋଗୁ ଦେଶର ରାଜଧାନୀ ଦିଲ୍ଲୀରେ ସୁନାର ମୂଲ୍ୟ ୯୭ ହଜାର ଟଙ୍କା ଅତିକ୍ରମ କରିଛି। ବିଶେଷଜ୍ଞଙ୍କ ମତରେ, ସମ୍ପ୍ରତି ଆମେରିକୀୟ ରେଟିଂ ଏଜେନ୍ସି ଆମେରିକାର ରେଟିଂ ହ୍ରାସ କରିଛି। ଯାହ ପାଇଁ ସୁନା ମୂଲ୍ୟ ବୃଦ୍ଧି ପାଉଛି। ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ସୁନା ମୂଲ୍ୟରେ ଆହୁରି ବୃଦ୍ଧି ଦେଖାଯାଇପାରେ। ତଥାପି, ଦେଶରେ ମୁଦ୍ରାସ୍ଫୀତି ହ୍ରାସର ସଙ୍କେତ ମିଳିଛି। ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ଅନୁଯାୟୀ, ଦେଶର ରାଜଧାନୀ ଦିଲ୍ଲୀରେ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୫୮୦ ଟଙ୍କା ବୃଦ୍ଧି ପାଇ ୯୭,୦୩୦ ଟଙ୍କା ହୋଇଛି। ଶୁକ୍ରବାର ୯୯.୯ ପ୍ରତିଶତ ଶୁଦ୍ଧତା ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୯୬,୪୫୦ ଟଙ୍କାରେ ବନ୍ଦ ହୋଇଥିଲା। ଏ ସମ୍ପର୍କରେ ଆବାନ୍ସ ଫାଇନାନ୍ସିଆଲ୍ ସର୍ଭିସେସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ତନ ମେହେଟ୍ଟା କହିଛନ୍ତି, ଆମେରିକାର ଟ୍ରେଜେରୀ ହାର ୪.୫ ପ୍ରତିଶତ ପାଖାପାଖି ପହଞ୍ଚିଛି, ଯାହା ଶୁକ୍ରବାର ଦିନ ବୃଦ୍ଧିକୁ ଆହୁରି ବୃଦ୍ଧି କରୁଛି। କାରଣ ରେଟିଂ ଏଜେନ୍ସି ମୁଡିଜ୍ ଆମେରିକାର କ୍ରେଡିଟ୍ ରେଟିଂକୁ ଏଏଏ ଏବଂ ଏଏ୧ ହ୍ରାସ କରିଛି। ଏହାବ୍ୟତୀତ, ବଜାରରେ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ପିଛା ୫୦୦ ଟଙ୍କା ବୃଦ୍ଧି ପାଇ ୯୮୫୦୦ ଟଙ୍କାରେ ପହଞ୍ଚିଛି। ଏହି ସମୟରେ, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସର୍ବାଧିକ କାରବାର ହୋଇଥିବା ସୁନା ଫ୍ୟୁଚର୍ସ କଣ୍ଟ୍ରାକ୍ଟ ୧୧୮୨ ଟଙ୍କା କିମ୍ବା ୧.୨୮ ପ୍ରତିଶତ ବୃଦ୍ଧି ପାଇ ୧୦ ଗ୍ରାମ ପିଛା ୯୩,୬୨୩ ଟଙ୍କାରେ ପହଞ୍ଚିଛି। କମୋଡିଟି ଏକ୍ସଚେଞ୍ଜରେ ଜୁଲାଇ ଡେଲିଭରି ପାଇଁ ରୂପା ଫ୍ୟୁଚର୍ସ କିଲୋଗ୍ରାମ ପିଛା ୬୬୨ ଟଙ୍କା ବୃଦ୍ଧି ପାଇ ୯୫,୯୮୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୯୫,୧୦୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୭,୫୫୦ ଟଙ୍କାରେ ପହଞ୍ଚିଛି।

## ଗୁଜରାଟରେ ଫାଲ୍‌କନ୍‌ର 'ଫ୍ରୋଜନ୍ ପଟାଟୋ' ୟୁନିଟ୍

**ସ୍ୱରାଷ୍ଟ୍ର ମନ୍ତ୍ରୀ କଲେ ଉଦ୍‌ଘାଟନ**

ଭୁବନେଶ୍ୱର,୧୯।୫(ଏଜେନ୍ସି)



ଭାରତୀୟ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଫାଲ୍‌କନ୍ ଏଗ୍ରି ଫ୍ରିଜ୍ ଫୁଡସ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଅତ୍ୟାଧୁନିକ ସ୍ୱୟଂ ଚାଳିତ ଫ୍ରୋଜନ୍ ପଟାଟୋ ଉତ୍ପାଦର ପ୍ରସ୍ତୁତକାରୀ ୟୁନିଟ୍ ଗୁଜରାଟର ମେହେସାନାଠାରେ ଆରମ୍ଭ ହୋଇଛି। ଏହାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦଘାଟନ କରିଛନ୍ତି। ଉଦଘାଟନ ଉତ୍ସବରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୁଜରାଟ ସରକାରଙ୍କ ଶିଳ୍ପ ମନ୍ତ୍ରୀ ବଳବନ୍ତ ସିଂ ରାଜପୁତ, ରାଜ୍ୟସଭା ସାଂସଦ ମୟଙ୍କ ଭାଇ ନାୟକ,ମେହେସାନା ସାଂସଦ ହରି ଭାଇ ପଟେଲ ଓ ଫାଲ୍‌କନ୍ ଗ୍ରୁପ ଅଧକ୍ଷ ତାରା ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅତ୍ୟାଧୁନିକ ସୁବିଧା ସମ୍ପନ୍ନ ପ୍ଲାଣ୍ଟ ଉଦଘାଟନ ଅବସରରେ ଫାଲ୍‌କନ୍ ଗ୍ରୁପ ଓ ଗୁଜୁରାଟ ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏଥିପାଇଁ ପ୍ରାୟ ଏକହଜାର ପଚାଶ କୋଟି ଟଙ୍କା ବିନିଯୋଗ ହୋଇଛି। ଯାହାକି ଗୁଜୁରାଟକୁ ଫ୍ରୋଜନ୍ ପଟାଟୋ ପ୍ରସ୍ତୁତକାରୀ କେନ୍ଦ୍ର ଭାବେ ବିଶ୍ୱରେ ପରିଚିତ କରାଇବ। ୪ ଦଶନ୍ଧି ରୁ ଅଧିକ ସମୟ ଧରି ଫାଲ୍‌କନ୍ ଗ୍ରୁପ ଗୁଣାତ୍ମକ, ବିଶ୍ୱସନୀୟତା ଓ ନୂତନ ଜ୍ଞାନ କୌଶଳ ପ୍ରୟୋଗ ରେ ଅଗ୍ରଣୀ ଭୂମିକା ନେଇଛି।

ପଶୁ ପୋଷଣ ଠାରୁ ଆରମ୍ଭ କରି ମେରାଇନ ଏକ୍ସପୋର୍ଟସ, ରିଅଲ ଇଷ୍ଟେଟ, ଖଣି, ଟ୍ରେନିଂ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାଲ୍‌କନ୍ ଗ୍ରୁପ ତାର ଗୁଣବତ୍ତା ବଜାୟ ରଖୁଛି। ଫାଲ୍‌କନ୍ ଏଗ୍ରି ଫ୍ରିଜ୍ ଏହି ଗୁଣବତ୍ତା ବଜାୟ ରଖୁବ। ଯାହା ଦ୍ୱାରା ବିଶ୍ୱ ଦରବାରରେ ଭାରତ ଫ୍ରୋଜନ୍ ଫୁଡ୍ସ ରପ୍ତାନୀ କ୍ଷେତ୍ରରେ ଅଗ୍ରଣୀ ରହିବ। ଭାରତର କୃଷି ଶକ୍ତିକୁ ପ୍ରକ୍ରିୟା କରଣ ଆଳୁ ରପ୍ତାନୀ ନୂଆ ଦିଗ ଦେବ। ସେହିପରି ଫ୍ରୋଜନ୍ ଗ୍ରୁପର ଉପ ସଭାପତି ପାର୍ଥଜିତ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ପିଢି ଅନୁଯାୟୀ ସଂସ୍କାର ଆଣିବା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ଅଗ୍ରଣୀ ଭୂମିକା ନେବା ଫାଲ୍‌କନ୍ ଗ୍ରୁପର ଲକ୍ଷ୍ୟ। ଫାଲ୍‌କନ୍ ଏଗ୍ରି ଫ୍ରିଜର ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳନା ଅଧିକାରୀ ମନିଷ ତିବ୍ରେୱାଲ୍ ଏହି ଅବସରରେ କହିଛନ୍ତି, ପ୍ଲାଣ୍ଟ ଭିତ୍ତିଭୂମି ନିର୍ମାଣ ରେ ଅଧିକ ନିବେଶ କରାଯାଇଛି। ଯେଉଁଥିପାଇଁ ବିଶ୍ୱ ସ୍ତରୀୟ ଗୁଣବତ୍ତା ବଜାୟ ରହିପାରିବ। କେବଳ ଉତ୍ପାଦନ ନୁହେଁ ଦେଶ ଗଠନ ମୁଖ୍ୟ ଲକ୍ଷ୍ୟ।

## ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୩ରୁ

ଭୁବନେଶ୍ୱର,୧୯।୫(ସମିସ)




ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ୧୧ ତମ ସଂସ୍କରଣ ଚଳିତମାସ ୨୩ରୁ ସ୍ଥାନୀୟ ଜନତା ମଇଦାନଠାରେ ଆରମ୍ଭ ହେବାକୁ ଯାଉଛି। ଗୁପ୍ତା ଏଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ସହଯୋଗରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ମେଳା ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୪୫୦ ଷ୍ଟଲ୍ ସ୍ଥାନ ପାଇବା ସହ କେବଳ ରିଅଲ ଇଷ୍ଟେଟ୍ କ୍ଷେତ୍ର ନିମନ୍ତେ ସ୍ୱତନ୍ତ୍ର ଭାବେ ୧୦୦ଟି ଷ୍ଟଲ୍ ରହିବ। ଏଥର ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆଫଗାନିସ୍ତାନ, ଇରାନ୍, ଥାଇଲ୍ୟାଣ୍ଡ, ଦୁବାଇ ଏବଂ ଜର୍ମାନୀ ଭଳି ରାଷ୍ଟ୍ରରୁ ବିଭିନ୍ନ ସଂସ୍ଥା ଅଂଶଗ୍ରହଣ କରିବେ। ଚଳିତଥର ବିଶେଷ କରି ଆଫଗାନିସ୍ତାନରୁ ୧୦୦ ପ୍ରକାରର ଡ୍ରାଏ୍ ଫ୍ରୁଟ୍, ଜର୍ମାନୀ ଲ୍ୟାମ୍ପ, ଇରାନ୍‌ର ଖଜୁରା ଡେଟ୍ସ ଏବଂ ଥାଇଲ୍ୟାଣ୍ଡର ଜୁଏଲେରୀ ଓ ଫୁଟ୍‌ୱେର ସ୍ଥାନ ପାଇବ ବୋଲି ଗୁପ୍ତା ଏଭେଣ୍ଟ ମ୍ୟାନେଜମେଣ୍ଟର ଏମ୍‌ଡି ସୁଜିତ୍ ଗୁପ୍ତା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏଥିରେ ନିର୍ଦ୍ଦେଶିକା ପାୟଲ ଗୁପ୍ତା, ସଚିନ୍ ସିଂହ,ଦୀପକ ମହାନ୍ତି ଏବଂ ରଶ୍ମି ରଞ୍ଜନ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ ।

## ତୁର୍କୀକୁ ମିଳିବନି ଅଲିଗଡ଼ ତାଲା

ଅଲିଗଡ଼, ୧୯।୫ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସମୟରେ ତୁର୍କିର ପାକ୍ ସମର୍ଥନ ଭାରତୀୟ ବ୍ୟବସାୟୀଙ୍କୁ ଅସନ୍ତୁଷ୍ଟ କରିଛି। ଏହାର ସିଧା ପ୍ରଭାବ ଏବେ ତୁର୍କିଏର ସୁରକ୍ଷା ଓ ତାଲା ଉଦ୍ୟୋଗ ଉପରେ ଦେଖିବାକୁ ମିଳିବ। ଭାରତର 'ତାଲା ଓ ତାଲିମ' ଲାଗି ପ୍ରସିଦ୍ଧ ଅଲିଗଡ଼ ସହରର ବ୍ୟବସାୟୀମାନେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁସାରେ ତୁର୍କିଏକୁ ତାଲା ଓ ହାର୍ଡୱେର ସପ୍ଲାଇ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଅଲିଗଡ଼ ତାଲା ଓ ହାର୍ଡୱେର ୟୁନିୟନର କହିବା କଥା ହେଉଛି ତୁର୍କିଏ ପାକିସ୍ତାନକୁ ସମର୍ଥନ କରି ଭାରତର ସମ୍ମାନକୁ ଆଘାତ ଦେଇଛି। ଏଣୁ ୟୁନିୟନ ପଦାଧିକାରୀ କହିଛନ୍ତି ଯେ ଏବେ ତୁର୍କିଏକୁ ଗୋଟିଏ ବି ତାଲା, ଡୋର ଲକ୍ କି ସିକ୍ୟୁରିଟି ସିଷ୍ଟମ ପଠା ଯିବ ନାହିଁ। ବ୍ୟବସାୟୀମାନେ କହିଛନ୍ତି ଯେ ସେମାନଙ୍କ ବ୍ୟବସାୟ ଦେଶଠୁ ବଡ଼ ନୁହେଁ। ଯଦି ଦେଶର ଅପମାନ କରାଯିବ ଆମେ ସେ ଦେଶକୁ କୌଣସି ମୂଲ୍ୟରେ ମଧ୍ୟ ଆମ ମାଲ ପଠାଇବୁ ନାହିଁ। ଏଥି ପାଇଁ ହୁଏତ କ୍ଷତିବି ସହିବାକୁ ପଡିପାରେ ହେଲେ ଏଥି ପାଇଁ ଆମେ ପ୍ରସ୍ତୁତ ବୋଲି ପଦଧିକାରୀ କହିଛନ୍ତି। ସୂଚନା ଅନୁସାରେ ଅଲିଗଡରୁ ପ୍ରତିବର୍ଷ ତୁର୍କିଏକୁ କୋଟି କୋଟି ଟଙ୍କାର ତାଲା ଓ ହାର୍ଡୱେର ସାମଗ୍ରୀ ରପ୍ତାନୀ କରାଯାଉଥିଲା।

**ଟେଲିକମ୍ କମ୍ପାନୀଙ୍କୁ ଝଟ୍‌କା**

## ଏଜିଆର୍ ଛାଡ଼ ଦେବାକୁ ମନାକଲେ ସୁପ୍ରିମକୋର୍ଟ

**ଭିଆଇ, ଏୟାରଟେଲ୍, ଟାଟା ଟେଲି ସର୍ଭିସେସ୍ ହତାଶ**

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)



ଖାରଜ ହୋଇଛି ସୁପ୍ରିମକୋର୍ଟରେ ଆବେଦନ। ଟେଲିକମ୍ କମ୍ପାନୀଗୁଡ଼ିକୁ ଲାଗିଛି ବଡ଼ ଝଟ୍‌କା ଲାଗିଛି। ଭୋଡାଫୋନ୍ ଆଇଡିଆ, ଏୟାରଟେଲ୍ ଓ ଟାଟା ଟେଲି ସର୍ଭିସେସ୍‌କୁ ସର୍ବୋଚ୍ଚ ଅଦାଲତଙ୍କ ନିକଟରୁ ମିଳିନି କୌଣସି ଆଶ୍ୱସ୍ତି। ଏହି ତିନି ଟେଲିକମ୍ ଅପରେଟରଙ୍କୁ ଆଡ୍‌ଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁ (ଏଜିଆର) ବକେୟା ଛାଡ଼ କରିବା ନିମନ୍ତେ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ଏ ସମ୍ପର୍କରେ ଜଷ୍ଟିସ୍ ଜେ ବି ପାରଦିବାଲା ଓ ଜଷ୍ଟିସ୍ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଭୁଲ ଭାବରେ ଆବେଦନକୁ ପ୍ରସ୍ତୁତ କରାଯାଇଛି। ଭୋଡାଫୋନ୍ ପାଇଁ ପକ୍ଷ ରଖୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀଙ୍କୁ ଖଣ୍ଡପୀଠ କହିଛନ୍ତି ଯେ, ଏହି ଆବେଦନ ଦେଖି ଖଣ୍ଡପୀଠ ଆଶ୍ଚର୍ଯ୍ୟ। ଏକ ବହୁରାଷ୍ଟ୍ରୀୟ କମ୍ପାନୀଠାରୁ ଏଭଳି ଆଶା କରାଯାଇ ନ ପାରେ। ଆମେ ଏହାକୁ ଖାରଜ କରିଛୁ।


ତେବେ ଟେଲିକମ୍ କମ୍ପାନୀଗୁଡିକୁ ସହାୟତା ପ୍ରଦାନ ପ୍ରସଙ୍ଗରେ ଅଦାଲତ ସରକାରଙ୍କ ରାସ୍ତାରେ ଆସିବେନି ବୋଲି ସୁପ୍ରିମକୋର୍ଟ ରୋକ୍‌ଠୋକ୍ କହିଛନ୍ତି। ଆବେଦନରେ ଭୋଡାଫୋନ୍ ଆଇଡିଆ ନିଜ ଏଜିଆର ବକେୟାରେ ସୁଧ, ଜରିମାନା ଓ ଜରିମାନା ଉପରେ ସୁଧ ବାବଦରେ ୩୦ ହଜାର କୋଟି ଟଙ୍କା ଛାଡ଼ ପାଇଁ ଅନୁରୋଧ କରିଥିଲା । ରୋହତଗୀ ପୂର୍ବରୁ କହିଥିଲେ ଯେ ଟେଲିକମ୍ କ୍ଷେତ୍ରରେ ପ୍ରତିଯୋଗିତା ବଜାୟ ରଖିବା ପାଇଁ ଆବେଦନକାରୀ କମ୍ପାନୀ ଅସ୍ତିତ୍ୱରେ ରହିବା ଜରୁରୀ।

ଭୋଡାଫୋନ୍ ଆଇଡିଆ ଯୁକ୍ତି ରଖିଥିଲା ଯେ ଏଜିଆର ନିଷ୍ପତ୍ତି ଦ୍ୱାରା ଲଗାଯାଇଥିବା କଟକଣା ଯୋଗୁଁ ଭବିଷ୍ୟତରେ ସରକାରୀ ସହାୟତା ମିଳିପାରିବ ନାହିଁ। ଭିଆଇ ନିଜ ସ୍ପେକ୍ଟ୍ରମ୍ ବକେୟାକୁ ଇକ୍ୱିଟିରେ ପରିବର୍ତ୍ତନ କରି ସରକାରଙ୍କୁ ଅଂଶଧନ ଦେଇଛି। ଏବେ କମ୍ପାନୀରେ ସରକାରଙ୍କ ପାଖରେ ମୋଟ ୪୯ ପ୍ରତିଶତ ଇକ୍ୱିଟି ସେୟାର ରହିଛି। କମ୍ପାନୀ ଉପରେ ଏବେ ବି ସରକାରଙ୍କ ଏଜିଆର ଓ ସ୍ପେକ୍ଟ୍ରମ ମାମଲାରେ ୧.୯୫ ଲକ୍ଷ କୋଟି ଟଙ୍କା ବକେୟା ରହିଛି। କମ୍ପାନୀ ଏହା ମଧ କହିଛି ଯେ ସରକାରଙ୍କ ସମର୍ଥନ ବିନା ସେ ଆର୍ଥିକବର୍ଷ ୨୦୨୫-୨୬ ପରେ କାର୍ଯ୍ୟ କରିପାରିବନାହିଁ। ଦେବାଳିଆ ଘୋଷଣା ପାଇଁ କମ୍ପାନୀ କୁ ନ୍ୟାସନାଲ୍ କମ୍ପାନୀ ଲ୍ ଟ୍ରିବୁନାଲର ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

ଅନ୍ୟପଟେ ଏୟାରଟେଲ୍ ଓ ଭାରତୀ ହେକ୍ସାକମ୍ ଯୁକ୍ତି ରଖିଥିଲା ଯେ ବିନା ଛାଡ଼ରେ ବକେୟା ଜାରି ରହିବା ଦ୍ୱାରା କେବଳ କମ୍ପାନୀର ପରିଚାଳନାରେ ନୁହେଁ ବରଂ ପୂରା ଟେଲିକମ୍ କ୍ଷେତ୍ର ଉପରେ ପ୍ରଭାବ ପଡ଼ିବ। ଆବେଦନରେ କୁହାଯାଇଛି ଯେ ସୁଧ ଓ ଜରିମାନା କାରଣରୁ ମୂଳ ପୈଠ ରାଶି ୯୨୩୫ କୋଟି ଟଙ୍କାରୁ ବଢି ୪୩,୯୮୦ କୋଟି ଟଙ୍କା ହୋଇଛି ।

## ଭାରତକୁ ବିଶ୍ୱର ଆଲୁମିନିୟମ ହବ୍ କରିବା ପାଇଁ ବେଦାନ୍ତ ଅଧକ୍ଷଙ୍କ ଆହ୍ୱାନ

ଭୁବନେଶ୍ୱର,୧୯।୫(ସମିସ): ବେଦାନ୍ତ ଅଧକ୍ଷ ଅନିଲ ଅଗ୍ରୱାଲ ଚଳିତ ବିଶ୍ୱ ବାଣିଜ୍ୟ ଯୁଦ୍ଧରେ ଆଲୁମିନିୟମ ଏବଂ ଇସ୍ପାତର ରଣନୈତିକ ଭୂମିକା ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି, ଭାରତକୁ ବିଶ୍ୱର ଆଲୁମିନିୟମ ହବ୍ ଭାବରେ ପ୍ରତିଷ୍ଠା କରିବାର ସୁଯୋଗକୁ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ଲିଙ୍କଡିନ୍ ପୋଷ୍ଟରେ ଶ୍ରୀ ଅଗ୍ରୱାଲ ବିଶେଷକରି ଆମେରିକା ଏବଂ ଏହାର ବାଣିଜ୍ୟିକ ଅଂଶୀଦାରମାନଙ୍କ ମଧ୍ୟରେ କିପରି ବାଣିଜ୍ୟ ଅଚଳାବସ୍ଥାରେ ଆଲୁମିନିୟମ ଏବଂ ଇସ୍ପାତ ପ୍ରମୁଖ ସାମଗ୍ରୀ ଭାବରେ ଉଭା ହୋଇଛ ତାହା ସେ ପୋଷ୍ଟ କରିଛନ୍ତି। ଆମେରିକା କାନାଡା ଏବଂ ମେକ୍ସିକୋ ଭଳି ଘନିଷ୍ଠ ସହଯୋଗୀ ସମେତ ସମସ୍ତ ଦେଶରୁ ଇସ୍ପାତ ଏବଂ ଆଲୁମିନିୟମ ଆମଦାନୀ ଉପରେ ୨୫% ଅଧିକ ଶୁଳ୍କ ଲାଗୁ କରିବା ସହିତ, ବିଶ୍ୱ ଧାତୁ ବଜାର ବ୍ୟାପକ ବାଧାପ୍ରାପ୍ତ ହେଉଛି। ପ୍ରତିକ୍ରିୟାରେ, ଭାରତ ଏହାର ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ଇସ୍ପାତ ଆମଦାନୀ ଉପରେ ୧୨% ସୁରକ୍ଷା ଶୁଳ୍କ ଲାଗୁ କରିଛି। ଶ୍ରୀ ଅଗ୍ରୱାଲ ଏହି ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି, ମୁଁ ସରକାରଙ୍କର ସକ୍ରିୟ ଭାବରେ ଇସ୍ପାତ ଉପରେ ଏକ ସୁରକ୍ଷା ଶୁଳ୍କ ଲାଗୁ କରିବା ପାଇଁ ପ୍ରଶଂସା କରୁଛି। ମୁଁ ନିଶ୍ଚିତ ଯେ ସରକାର ଆଲୁମିନିୟମ ପାଇଁ ସମାନ ପଦକ୍ଷେପ ବିଚାର କରିବେ। ସେ ଜୋର ଦେଇ କହିଛନ୍ତି ଯେ ଆଲୁମିନିୟମ, ଏହାର ହାଲୁକା ଏବଂ ପୁନଃଚକ୍ରଣୀୟ ପ୍ରକୃତି ଯୋଗୁଁ, ରଣନୈତିକ ମୂଲ୍ୟରେ ଇସ୍ପାତକୁ ପଛରେ ପକାଇବାକୁ ପ୍ରସ୍ତୁତ। ବିମାନବନ୍ଦର ହେଉକି ରେଳବାଇ, ଘର, ଯାନବାହାନ କିମ୍ବା ମୋବାଇଲ୍ ଫୋନ୍ ହେଉ ଆଧୁନିକ ଅର୍ଥନୀତି ଏହି ଦୁଇଟି ଧାତୁ ଉପରେ ନିର୍ମିତ। କିନ୍ତୁ ଆଲୁମିନିୟମର ଚାହିଦା ଅଛି, ଏବଂ ଭାରତର ବିପୁଳ ବକ୍ସାଇଟ୍ ଭଣ୍ଡାର ସହିତ, ଆମେ ବିଶ୍ୱ ସ୍ତରରେ ନେତୃତ୍ୱ ନେବା ପାଇଁ ଭଲ ସ୍ଥିତିରେ ଅଛୁ, ବୋଲି ସେ କହିଛନ୍ତି।



### ଆଇପିଏଲ୍-୧୮ : ମାର୍ଶ ଓ ମାର୍କରାମଙ୍କ ଅର୍ଦ୍ଧଶତକ ବେକାର

# ହାଇଦରାବାଦ୍‌ଠାରୁ ହାରି ଲକ୍ଷ୍ନୌ ବିଦା



ଲକ୍ଷ୍ନୌ,୧୯।୫ (ଏଜେନ୍ସି)

ଏଠାରେ ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ୬୧ତମ ଲିଗ୍ ମ୍ୟାଚ୍‌ରେ ଦଳଗତ ଖେଳ ପ୍ରଦର୍ଶନ କରି ସନ୍‌ରାଇଜର୍ସ ହାଇଦରାବାଦ୍ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ମିଚେଲ ମାର୍ଶ (୬୫) ଓ ଆଇଡେନ୍ ମାର୍କରାମ (୬୧)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍ଏସ୍‌ଜି) ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୦୫ ରନ୍ କରିଥିଲା। ଜବାବରେ ହାଇଦରାବାଦ୍ ୧୮.୨ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୨୦୬ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଓପନର ଅଭିଷେକ ଶର୍ମା ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବା ପରେ ୨୦ ବଲ୍‌ରୁ ୪ ଚୌକା ଓ ୬ ଛକା ସହାୟତାରେ ସର୍ବାଧିକ ୫୯ ରନ୍ କରିଥିଲେ। ରବି ବିଷ୍ଣୋଇଙ୍କ ଗୋଟିଏ ଓଭରରୁ ସେ ୪ଟି ଛକା ସହ ୨୬ ରନ୍ ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସାନ କିଶାନ ୩୫ ରନ୍ କରି ଆଉଟ ହେବା ପରେ ହାଇଦରାବାଦ୍ ୧୪୦ ରନ୍‌ରେ ତୃତୀୟ ୱିକେଟ ହରାଇଥିଲା। ଏହା ପରେ ହେନ୍‌ରିକ୍ କ୍ଲାସେନ ଓ କାମିନ୍ଦୁ ମେଣ୍ଡିସ୍ ଚତୁର୍ଥ ୱିକେଟ୍‌ରୁ ୩୬ ବଲ୍‌ରେ ୫୫ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୧୧ ରନ୍ ଥିଲାବେଳେ କ୍ଲାସେନ ୨୮ ବଲ୍‌ରୁ ୪୭ ରନ୍ କରି ଆଉଟ ହୋଇଥିଲେ। ତାଙ୍କ ଆଉଟ ହେବାର ୨ ରନ୍ ପରେ ୨୧ ବଲ୍‌ରୁ ୩୨ ରନ୍ କରିଥିବା ମେଣ୍ଡିସ୍ ରିଟାୟର୍ଡ ହୋଇଥିଲେ। ଏମାନଙ୍କ ପରେ ହାଇଦରାବାଦ୍ ଆଉ କୌଣସି ୱିକେଟ ନ ହରାଇ ୬ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ବିବାଦରେ ରହିବାକୁ ପସନ୍ଦ କରୁଥିବା ଦିଗ୍‌ବେଶ ସିଂ ରାଠି ସର୍ବାଧିକ ୨ଟି ୱିକେଟ ପାଇଥିଲେ।

ହାଇଦରାବାଦ୍‌ର ବିଜୟ ଫଳରେ ଏଲ୍ଏସ୍‌ଜି ୫ମ ଦଳ ଭାବେ ଆଇପିଏଲ୍ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଛି। ଆଜିର ବିଜେତା ହାଇଦରାବାଦ୍, ଚେନ୍ନାଇ, ରାଜସ୍ଥାନ ଓ ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିଲେ। ୧୨ତମ ମ୍ୟାଚ୍ ପରେ ଏଲ୍ଏସ୍‌ଜି ୧୦ ଓ ହାଇଦରାବାଦ ୯ ପଏଣ୍ଟ ସଂଗ୍ରହ କରି ଯଥାକ୍ରମେ ୭ମ ଓ ୮ମ ସ୍ଥାନରେ ରହିଛନ୍ତି।

ପୂର୍ବରୁ ଟସ୍ ହାରିବା ପରେ ଏଲ୍ଏସ୍‌ଜି ପ୍ରଥମେ ବ୍ୟାଟିଂ କରି ଭଲ ଆରମ୍ଭ କରିଥିଲା। ଦଳର ଦୁଇ ବିଦେଶୀ ଓପନର ମାର୍ଶ ଓ ମାର୍କରାମ ପ୍ରଥମ ୱିକେଟରେ ୧୦.୩ ଓଭରରୁ ୧୧୫ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। କିନ୍ତୁ ଏମାନେ ଏକାଧିକଥର ଜୀବନଦାନ ପାଇଥିଲେ। ପ୍ରଥମେ ଆଉଟ ହୋଇଥିବା ମାର୍ଶ ୩୯ ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୬୫ ଓ ମାର୍କରାମ ୩୮ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୬୧ ରନ୍ କରିଥିଲେ। ସେହିପରି ଦଳର ଅନ୍ୟତମ ବିଦେଶୀ ଖେଳାଳି ନିକୋଲସ ପୂରନ ୨୬ ବଲ୍‌ରୁ ୪୫ ରନ୍ କରିବା ଏବଂ ଶେଷ ୨ ଓଭରରେ ୩୫ ରନ୍ ସଂଗୃହୀତ ହେବା ଫଳରେ ଏଲଏସ୍‌ଜି ଦୁଇଶହ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଅନ୍ୟ ମୁକାବିଲା ଭଳି ଦଳର ୩ ବିଦେଶୀ ଖେଳାଳି ପୁଣିଥରେ ବ୍ୟାଟିଂ ସଫଳତା ପାଇଥିଲେ। ହାଇଦରାବାଦ୍ ପକ୍ଷରୁ ଏଲ୍ଏସ୍‌ଜି ଇନିଂସରେ ଅତିକମ୍‌ରେ ଅଧାଡଜନ କ୍ୟାଚ୍ ହାତଛଡ଼ା କରାଯାଇଥିଲା। ଏହା ମଧ୍ୟରୁ କେବଳ ଇଶାନ କିସାନ ୩ଟି କ୍ୟାଚ୍ ଓ ଗୋଟିଏ ଷ୍ଟମ୍ପିଙ୍ଗ୍ ମିସ୍ କରିଥିଲେ। ଇଶାନ ମାଲିଙ୍ଗାଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା।

### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ


| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ | ୧୨ | ୩ | ୯ | ୦ | ୬ | -୦.୯୯୨ |

### ଆଇପିଏଲ୍‌ରେ ଆଜି

ଚେନ୍ନାଇ ବନାମ ରାଜସ୍ଥାନ

ଦିଲ୍ଲୀ / ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

## ନେତୃତ୍ୱରେ ଆୟରଙ୍କ ବିରଳ କୀର୍ତ୍ତିମାନ



ଜୟପୁର, ୧୯।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ପଞ୍ଜାବ କିଙ୍ଗସ ୧୦ ରନରେ ରାଜସ୍ଥାନ ରୟାଲ୍‌ସକୁ ପରାସ୍ତ କରିଛି। ଏଥିସହ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ ପ୍ଲେ-ଅଫ୍‌ରେ ପହଞ୍ଚିଛି। ଫଳରେ ଆୟର ପୁଣିଥରେ ତାଙ୍କ ନେତୃତ୍ୱର ପରାକାଷ୍ଠା ଦେଖାଇ ଆଉ ଏକ ଦଳକୁ ପ୍ଲେ-ଅଫ୍‌ରେ ପ୍ରବେଶ କରାଇବାରେ ସହାୟତା କରିଛନ୍ତି। ଏଥିସହ ଆଇପିଏଲ୍ ଇତିହାସରେ ପ୍ରଥମ ଅଧିନାୟକ ଭାବେ ସେ ୩ଟି ଭିନ୍ନ ଭିନ୍ନ ଦଳକୁ ପ୍ଲେ-ଅଫ୍‌ରେ ପହଞ୍ଚାଇବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିପୂର୍ବରୁ ଗତବର୍ଷ ଆୟରଙ୍କ ନେତୃତ୍ୱରେ କୋଲକାତା ନାଇଟ୍ ରାଇଡର୍ସ ଚାମ୍ପିଅନ ହୋଇଥିଲା। ସେହିଭଳି ତାଙ୍କ ନେତୃତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ପ୍ଲେ-ଅଫ୍ ଖେଳିଥିଲା।

## ଆର୍‌ସିବି ଦଳରେ ୬ ଫୁଟ୍ ୮ ଇଞ୍ଚର ମୁଜାରାବାନୀ ସାମିଲ




ବେଙ୍ଗାଲୁରୁ, ୧୯।୫ (ଏଜେନ୍ସି): ଆଇପିଏଲ୍‌ର ବଳକା ମ୍ୟାଚ୍ ଲାଗି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଜିମ୍ବାୱେର ଡେଙ୍ଗା ଦ୍ରୁତ ବୋଲର ବ୍ଲେସିଙ୍ଗ ମୁଜାରାବାନୀଙ୍କ ସହ ଚୁକ୍ତି କରିଛି। ୬ ଫୁଟ୍ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ମୁଜାରାବାନୀ ଦକ୍ଷିଣ ଆଫ୍ରିକାର ଲୁନ୍‌ଗି ଏନ୍‌ଗିଡିଙ୍କ ସ୍ଥାନରେ ବେଙ୍ଗାଲୁରୁ ଦଳରେ ସାମିଲ ହୋଇଛନ୍ତି। ଲର୍ଡ୍ସରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍ ଲାଗି ଏନ୍‌ଗିଡି ପୂର୍ବ ପ୍ରସ୍ତୁତି କରିବା ଲାଗି ଆର୍‌ସିବିର ଶେଷ ଲିଗ୍ ମ୍ୟାଚ୍ ସମେତ ପ୍ଲେ-ଅଫ୍ ଖେଳିବେ ନାହିଁ ବୋଲି ଜଣାପଡ଼ିଛି। ତେବେ ମେ ୨୩ରେ ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷ ମ୍ୟାଚରେ ସେ ଉପଲବ୍ଧ ହେବେ। ବର୍ତ୍ତମାନ ସୁଦ୍ଧା ଆଇପିଏଲ୍ ଖେଳି ନ ଥିବା ମୁଜାରାବାନୀଙ୍କ ସହ ୭୫ ଲକ୍ଷ ଟଙ୍କାରେ ବେଙ୍ଗାଲୁରୁ ଚୁକ୍ତି କରିଛି। ଏନ୍‌ଗିଡି ଏଥିପୂର୍ବରୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ କ୍ୟାମ୍ପରେ ଜଣେ ନେଟ୍ ବୋଲର ଭାବେ ସାମିଲ ଥିଲେ।

## ସୱାଇ ମାନସିଂରୁ ହଟିଲା ପାକିସ୍ତାନ କ୍ରିକେଟରଙ୍କ ଫଟୋ

ଜୟପୁର, ୧୯।୫ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନାର ପ୍ରଭାବ କ୍ରୀଡ଼ା ଉପରେ ମଧ୍ୟ ପ୍ରତ୍ୟକ୍ଷ ଭାବେ ପଡ଼ିଛି। ସ୍ଥାନୀୟ ସୱାଇ ମାନ ସିଂ ଷ୍ଟାଡିୟମରେ ଥିବା 'ୱାଲ୍ ଅଫ୍ ଗ୍ଲୋରୀ'ରୁ ପାକିସ୍ତାନ କ୍ରିକେଟର୍‌ଙ୍କ ଫଟୋକୁ ସୋମବାର ହଟାଇ ଦିଆଯାଇଛି। ଏହି ଷ୍ଟାଡିୟମ ୧୯୬୯ ରେ ପ୍ରତିଷ୍ଠା ହୋଇଥିଲା ଏବଂ ଏହାର ଗୌରବମୟ ଇତିହାସକୁ ଦୃଷ୍ଟିରେ ରଖି 'ୱାଲ୍ ଅଫ୍ ଗ୍ଲୋରୀ'ରେ ଫଟୋ ରହିବା କୌଣସି କ୍ରିକେଟର୍‌ଙ୍କ ଲାଗି ବହୁତ ସମ୍ମାନର ବିଷୟ ହୋଇଥାଏ। ଏହି ଷ୍ଟାଡିୟମରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ପ୍ରତ୍ୟେକ କ୍ରିକେଟର୍‌ଙ୍କ ଫଟୋ ଏହି ୱାଲ୍ ଅଫ୍ ଗ୍ଲୋରୀରେ ସ୍ଥାନ ପାଇଥାଏ। ପାକିସ୍ତାନ ଏହି ଷ୍ଟାଡିୟମରେ ଗୋଟିଏ ଟେଷ୍ଟ ଓ ୪ଟି ଏକଦିବସୀୟ ମ୍ୟାଚ୍ ଖେଳିଛି। ଯେଉଁଥିରେ ମୋଟ୍ ଉପରେ ୨୫ଜଣ ପାକିସ୍ତାନ କ୍ରିକେଟର୍ ଏଠାରେ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଷଲ ଏବଂ ସମସ୍ତଙ୍କ ଫଟୋ ଏଠାରେ ସ୍ଥାନ ପାଇଥିଲା। ଏବେ କିନ୍ତୁ ଦୁଇଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ଥିବାବେଳେ ରାଜସ୍ଥାନ କ୍ରିକେଟ୍ ବୋର୍ଡ ଶେଷରେ ପାକିସ୍ତାନ ଖେଳାଳିଙ୍କ ଫଟୋ 'ୱାଲ୍ ଅଫ୍ ଗ୍ଲୋରୀ'ରୁ ହଟାଇଦେଇଛି। ଯେଉଁଥିରେ ପାକିସ୍ତାନର ହିନ୍ଦୁ କ୍ରିକେଟର୍ ଦାନିଶ କାନେରିଆ ମଧ୍ୟ ବାଦ୍ ପଡ଼ିନାହାନ୍ତି।

## ଫ୍ରେଞ୍ଚ ଓପନ ପୂର୍ବରୁ ସିନର୍, ଆଲ୍‌କାରାଜ ନଂ-୧ ଓ ୨



ପ୍ୟାରିସ୍,୧୯।୫ (ଏଜେନ୍ସି): ଚଳିତମାସ ୨୫ରୁ ଜୁନ୍ ମାସ ୮ ତାରିଖଯାଏ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ପ୍ରକାଶିତ ଏଟିପି ର‌୍ୟାଙ୍କିଙ୍ଗ୍‌ରେ ବିଶ୍ୱର ଦୁଇ ଉଦୀୟମାନ ଖେଳାଳି ଇଟାଲୀର ଜାନିକ୍ ସିନ୍ନର ଓ ସ୍ପେନ୍‌ର କାର୍ଲୋସ ଆଲକାରାଜ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଗତକାଲି ଶେଷ ହୋଇଥିବା ଇଟାଲିଆନ୍ ଓପନରେ ସିନ୍ନରଙ୍କୁ ହରାଇ ଆଲାକାରାଜ ୭ମ ମାଷ୍ଟର୍ସ-୧୦୦୦ ଟାଇଟଲ ବିଜୟୀ ହୋଇଥିଲେ। ୩ ମାସର ଡୋପିଙ୍ଗ୍ ବ୍ୟାନ୍ ପରେ ସିନ୍ନରଙ୍କ ଏହା ଥିଲା ପ୍ରଥମ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ କିଂବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍ ୬ଷ୍ଠ ସ୍ଥାନରେ ରହିଛନ୍ତି। ତାଙ୍କ ଉପରକୁ ଜର୍ମାନୀୟ ଆଲେକ୍‌ଜାଣ୍ଡର ଜ୍ୱେରେଭ ତୃତୀୟ, ଆମେରିକାର ଟେଲର ଫ୍ରିଜ୍ ଚତୁର୍ଥ ଓ ଗ୍ରେଟ ବ୍ରିଟେନର ଜ୍ୟାକ୍ ଡ୍ରାପର ପଞ୍ଚମ ସ୍ଥାନରେ ରହିଛନ୍ତି।

### ■ ସାବାଲେଙ୍କା ନଂ-୧

ମହିଳା ବିଭାଗ ବା ଡବ୍ଲ୍ୟୁଟିଏ ର‌୍ୟାଙ୍କିଙ୍ଗ୍‌ରେ ଆରିନା ସାବାଲେଙ୍କା ପୂର୍ବପରି ନଂ-୧ ପୋଜିସନ ବଜାୟ ରଖିଛନ୍ତି। ଆମେରିକାର କୋକୋ ଗଫ୍ ନଂ-୨ରେ ରହିଛନ୍ତି। ମେ ୨୫ରୁ ଜୁନ୍ ୮ ତାରିଖଯାଏ ଖେଳାଯିବାକୁ ଥିବା ଫ୍ରେଞ୍ଚ ଓପନ ପୂର୍ବରୁ ଏହି ର‌୍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଏଠାରେ କ୍ରମାଗତ ଚତୁର୍ଥ ତଥା ମୋଟରେ ୫ମ ଟାଇଟଲ ଜିତିବାକୁ ଆଶାୟୀ ଥିବା ପୋଲାଣ୍ଡର ଇଗା ସ୍ୱିଆଟେକ୍ ୫ମ ସ୍ଥାନକୁ ଖସି ଆସିଛନ୍ତି। ଆମେରିକାର ଜେସିକା ପେଗୁଲା ତୃତୀୟ, ଇଟାଲୀର ଯଶମିନ୍ ପାଓଲିନି ଚତୁର୍ଥରେ ରହିଛନ୍ତି।

## ଏଚ୍‌ଆଇଏଲ୍ ଲାଗି ପଞ୍ଜୀକରଣ ଆରମ୍ଭ



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଫ୍ରାଞ୍ଚାଇଜଭିତ୍ତିକ ହକି ପ୍ରତିଯୋଗିତା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଆଗାମୀ ୨୦୨୬ ଅର୍ଥାତ୍ ୭ମ ସଂସ୍କରଣ ଲାଗି ଖେଳାଳି ପଞ୍ଜୀକରଣ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛନ୍ତି। ଅଗଷ୍ଟ ୨୦ ତାରିଖ ୨୦୨୫ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ପଞ୍ଜୀକରଣ ପ୍ରକ୍ରିୟା ଚାଲିବ ବୋଲି ଆୟୋଜକ ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। ପୁରୁଷ ବିଭାଗରେ ଭାରତ ସମେତ ନେଦରଲାଣ୍ଡସ, ବେଲ୍‌ଜିୟମ, ୟୁକେ, ଜର୍ମାନୀ, ସ୍ପେନ, ଆର୍ଜେଣ୍ଟିନା, ଆୟର୍ଲାଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଦକ୍ଷିଣ କୋରିଆର ଖେଳାଳି ନାମ ପଞ୍ଜୀକରଣ କରିବାକୁ ଯୋଗ୍ୟ ହୋଇଛନ୍ତି। ମହିଳାରେ ଆୟୋଜକ ଭାରତ, ନେଦରଲାଣ୍ଡସ, ଆର୍ଜେଣ୍ଟିନା, ବେଲ୍‌ଜିୟମ, ଚାଇନା, ଅଷ୍ଟ୍ରେଲିଆ, ସ୍ପେନ, ୟୁକେ, ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ, ଚିଲି, ଜାପାନ, ଆମେରିକା ଓ ସ୍କଟଲାଣ୍ଡର ଖେଳାଳି ପଞ୍ଜୀକରଣ କରିପାରିବେ। ଗତ ସିଜନରେ ସାରା ବିଶ୍ୱର ଏକ ହଜାରରୁ ଊର୍ଦ୍ଧ୍ୱ ଖେଳାଳି ନାମ ପଞ୍ଜୀକରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଆଗାମୀ ସିଜନରେ ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବିଭାଗରେ ୮ଟି ଓ ମହିଳାରେ ୪ଟି ଦଳ ଅଂଶଗ୍ରହଣ କରିବେ। ମହିଳା ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶା ୱାରିୟର୍ସ ଟାଇଟଲ୍ ହାସଲ କରିବାରେ ସଫଳ ହୋଇଥିଲା। ସେହିଭଳି ପୁରୁଷରେ ରାର୍ହ ବେଙ୍ଗଲ ଟାଇଗର୍ସ ବାଜିମାତ୍ କରିନେଇଥିଲା।

## ଏସିଆ କପ୍‌ରୁ ଓହରିନାହିଁ ଭାରତ: ବିସିସିଆଇ

ନୂଆଦିଲ୍ଲୀ,୧୯।୫ (ଏଜେନ୍ସି): ଏସିଆ କପ୍ ହେଉ କିମ୍ବା ଏସୀୟ କ୍ରିକେଟ ପରିଷଦ ଦ୍ୱାରା ଆୟୋଜିତ କୌଣସି ଇଭେଣ୍ଟରୁ ଭାରତ ଓହରି ନାହିଁ କିମ୍ବା ଅଂଶଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଇନାହିଁ। ଶ୍ରୀଲଙ୍କାରେ ଆସନ୍ତାମାସ ହେବାକୁ ଥିବା ମହିଳା ଏସିଆ କପ୍ ଇମର୍ଜିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟରୁ ଭାରତ ଓହରିଯାଇଛି ଓ ସେପ୍ଟେମ୍ବର ୨୫ରୁ ଆରମ୍ଭ ହେବାକୁ ଥିବା ପୁରୁଷ ଏସିଆ କପ୍‌ରେ ଖେଳିବ ନାହିଁ ନିଷ୍ପତ୍ତି ନେଇଛି ବୋଲି ଆଜି କିଛି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ରିପୋର୍ଟରେ ଆଦୌ ସତ୍ୟତା ନାହିଁ କିମ୍ବା ବିସିସିଆଇ ଏହି ଦୁଇଟି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଆଦୌ ଆଲୋଚନା କରିନାହିଁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସ୍ପଷ୍ଟୀକରଣ ଦେଇ କହିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ବିଭ୍ରାନ୍ତିକର ଓ ମିଥ୍ୟା ବୋଲି ସାଇକିଆ କହିଛନ୍ତି। ବିସିସିଆଇ ଏବେ ଆଇପିଏଲ୍ କିପରି ବିନା ବାଧାରେ ଶେଷହେବ ଏବଂ ଭାରତର ଉଭୟ ପୁରୁଷ ଓ ମହିଳା ଦଳର ଇଂଲଣ୍ଡ ଗସ୍ତ ନେଇ ଚିନ୍ତାରେ ରହିଛି। ଏଣୁ ଏସିଆ କପ୍ ସମ୍ପର୍କରେ ଆମେ ନିଷ୍ପତ୍ତି ନେବା ତ ଦୂରର କଥା, ଆଦୌ ଆଲୋଚନା କରିନାହୁଁ।

ଏହି ରିପୋର୍ଟରେ କୁହାଯାଇଛି ପାକିସ୍ତାନ ଏବେ ଏସୀୟ କ୍ରିକେଟ ପରିଷଦ (ଏସିସି)ର ନେତୃତ୍ୱ ନେଉଛି। ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ମୋହସିନ ନକ୍‌ଭୀ ପାକିସ୍ତାନ କ୍ରିକେଟ ବୋଡ (ପିସିବି)ର୍ ସଭାପତି ରହିବା ସହ ଏସିସିର ଅଧ୍ୟକ୍ଷ ମଧ୍ୟ ଅଛନ୍ତି। ପାକିସ୍ତାନର ଜଣେ ରାଜନେତା ଓ ମନ୍ତ୍ରୀ ଏସିସିର ଅଧ୍ୟକ୍ଷ ଥିବାରୁ ଭାରତ ଏସିସି ଦ୍ୱାରା ଆୟୋଜିତ ହେବାକୁ ଥିବା କୌଣସି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାଗନେବ ନାହିଁ। ଏହା ଫଳରେ ସନ୍ତ୍ରାସବାଦକୁ ସମର୍ଥନ କରୁଥିବା ପାକିସ୍ତାନ କ୍ରିକେଟରେ ଏକଘରିକିଆ ହୋଇ ରହିବ। ଏଣୁ ପାକିସ୍ତାନ ଦ୍ୱାରା ଆୟୋଜନ କରାଯାଉଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଭାରତ ବୟକଟ୍ କରିଛି ବୋଲି ଏହି ରିପୋର୍ଟରେ କୁହାଯାଇଥିଲା। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ବିସିସିଆଇର ନିଷ୍ପତ୍ତି ଯାହା ହେଉନା କାହିଁକି, ପହଲଗାମ୍‌ରେ ପର୍ଯ୍ୟଟକଙ୍କ ହତ୍ୟାକରାଯିବା ପରେ ଭାରତ ଏବେ ପାକିସ୍ତାନ ସହ କୌଣସି ପ୍ରକାଶ କ୍ରିକେଟ ଖେଳିବ ନାହିଁ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ଚଳିତ ଇମର୍ଜିଂ ମହିଳା ଏସିଆ କପ୍ ଓ ପୁରୁଷ ଏସିଆ କପ୍‌ର ଆୟୋଜନ ଅଧିକାର ଭାରତ ନିକଟରେ ରହିଛି। ୨୦୨୩ରେ ପୁରୁଷ ଏସିଆ କପ୍ ପାକିସ୍ତାନରେ ଆୟୋଜିତ ହେବାର ଥିଲା। କିନ୍ତୁ ଏହି ସମୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ହେବାରୁ ପାକିସ୍ତାନରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଶ୍ରୀଲଙ୍କାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏଥିରେ ଶ୍ରୀଲଙ୍କାକୁ ହରାଇ ଭାରତ ଟାଇଟଲ ଜିତିଥିଲା।

## ଝାଡ଼ଖଣ୍ଡ କ୍ରିକେଟ୍ ସଂଘ ନିର୍ବାଚନରେ ସୌରଭ, ନଦୀମଙ୍କ ବାଜିମାତ୍

ରାଞ୍ଚି, ୧୯।୫ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ଦୁଇ ପୂର୍ବତନ ଖେଳାଳି ସୌରଭ ତିୱାରୀ ଓ ଶାହବାଜ ନଦୀମ ଅବସର ପରେ କ୍ରୀଡ଼ା ରାଜନୀତିରେ ପାଦ ଥାପିଛନ୍ତି। ସଦ୍ୟ ଅନୁଷ୍ଠିତ ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ୍ ସଂଘ (ଜେଏସ୍‌ସିଏ) ନିର୍ବାଚନରେ ସୌରଭ ସମ୍ପାଦକ ଓ ନଦୀମ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ମହେନ୍ଦ୍ର ସିଂ ଧୋନି ଭାରତୀୟ ଦଳର ନେତୃତ୍ୱ ନେଉଥିବାବେଳେ ତିୱାରୀ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ ମଧ୍ୟ ମୋଟ୍ ୪୯ ରନ କରି ନିରାଶ କରିଥିଲେ। ସେହିଭଳି ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ଯେତେବେଳେ ୨୦୦୮ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା ସେହି ଦଳରେ ସୌରଭ ପ୍ରମୁଖ ସଦସ୍ୟ ରହିଥିଲେ। ଅପରପକ୍ଷରେ ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ନଦୀମ ଭାରତ ପକ୍ଷରୁ ମାତ୍ର ୨ଟି ଟେଷ୍ଟ ଖେଳି ୮ଟି ୱିକେଟ୍ ନେଇଥିଲେ। ଉଭୟ ଗତ ବର୍ଷ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।

### ରାଜ୍ୟ ଶିଶୁ ଚେସ୍ ପ୍ରତିଯୋଗିତା

## ରିୟାନ୍ସ, ଅନ୍ୱେଷା ଚାମ୍ପିଅନ




ଭୁବନେଶ୍ୱର,୧୯।୫ (ସମିସ): ସୁନ୍ଦରଗଡ଼ର ରିୟାନ୍ସ ଅଗରୱାଲ ଓପନ ବିଭାଗରେ ଓ ଖୋର୍ଦ୍ଧାର ଅନନ୍ୟା ଅନ୍ୱେଷା ମିଶ୍ର ବାଳିକା ବିଭାଗରେ ୭ ବର୍ଷରୁ କମ୍ ରାଜ୍ୟ ଶିଶୁ ଚେସ୍ ଚାମ୍ପିଅନ୍ ହୋଇଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ସମ୍ମିଳନୀ କକ୍ଷରେ ରବିବାର ଶେଷ ହୋଇଥିବା ଏହି ପ୍ରତିଯୋଗିତା ଅଲ୍ ଓଡ଼ିଶା ଚେସ ସଂଘ ଓ ମାଷ୍ଟର ଚେସ୍ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ଉଭୟ ବିଭାଗରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଜୁନ୍ ୧ରୁ ୫ ତାରିଖଯାଏ ଏହି ପ୍ରତିଯୋଗିତା ଆୟୋଜିତ ହେବ।

ବାଳିକା ବିଭାଗରେ ଅନନ୍ୟା ୮ ରାଉଣ୍ଡ ଖେଳରୁ ୮ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନରେ ରହିଥିଲେ। ଖୋର୍ଦ୍ଧାର ଅନ୍ୟତମ ଖେଳାଳି ପ୍ରତ୍ୟାକ୍ଷା ସମ୍ଭାବୀ ପଣ୍ଡା ୭ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଛନ୍ତି। କଟକର ଅର୍ଣ୍ଣବୀ ପଣ୍ଡା ୫.୫ ପଏଣ୍ଟ ସହ ତୃତୀୟ, ଖୋର୍ଦ୍ଧାର ୩ ଖେଳାଳି ଦେବାଂଶୀ ସାହୁ, ଆରାଧ୍ୟା ମହାରଣା ଓ ଆଦିଶା କାନୁନଗୋ ଯଥାକ୍ରମେ ୪ରୁ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ କଟକର ଗରିମା ସାହୁ ୭ମ, ଖୋର୍ଦ୍ଧାର ଦୁଇ ଖେଳାଳି ସମିରା ସ୍ୱାଇଁ ଓ ଆଧିଶ୍ରୀ ବୁଡେକ ୮ମ ଓ ୯ମ, ଗଞ୍ଜାମର ଅନାଇଶା ସିଂ ୧୦ମ ସ୍ଥାନ ଅଧିକାର କରିଛନ୍ତି।

ବାଳକ ବିଭାଗରେ ରିୟାଂଶ ଓ ଖୋର୍ଦ୍ଧାର ପ୍ରଜ୍ଞାନ ମିଶ୍ର ୮ ରାଉଣ୍ଡ ଖେଳ ଶେଷରେ ୭.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ରିୟାଂଶ ପ୍ରଥମ ଓ ପ୍ରଜ୍ଞାନ ଦ୍ୱିତୀୟରେ ରହିଥିଲେ। ଖୋର୍ଦ୍ଧାର ଦୁଇ ଖେଳାଳି କାବ୍ୟାଂଶ ଚକ୍ରବର୍ତ୍ତୀ, କଟକର ଶିବାଂସଜିତ ସାସ୍ମଲ, ଗୌରବ ଗୌରୀନନ୍ଦନ ଦାଶ, କଟକର କ୍ରିସିତ୍ ପଣ୍ଡା, ଖୋର୍ଦ୍ଧାର ଜିଜ୍ଞାଂଶ କୁମାର ସାହୁ, ମୟୂରଭଞ୍ଜର ବୀରଭଦ୍ର ବ୍ରହ୍ମ, ଖୋର୍ଦ୍ଧାର ଆଦିତ୍ୟ ସାହୁ ଓ କଟକର ଶ୍ରୀୟଂଶ ସାହୁ ଯଥାକ୍ରମେ ତୃତୀୟରୁ ଦଶମସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ମାଷ୍ଟର୍ସ ଚେସ୍ ଫାଉଣ୍ଡେସନର ଅଧ୍ୟକ୍ଷ ବିକ୍ରମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଇଂ ଦେବଦତ୍ତ ଭଟ୍ଟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ମୃତ୍ୟୁଞ୍ଜୟଙ୍କ ଶତକ; ଖୋର୍ଦ୍ଧା ବିଜୟୀ

କଟକ,୧୯।୫(ସମିସ)


ମୃତ୍ୟୁଞ୍ଜୟ ମହାପାତ୍ର


ଜଗଦୀଶ ମହାପାତ୍ର


ଧ୍ରୁବଜ୍ୟୋତି ପହରିୟା


ସ୍ୱଙ୍ଗ ପଣ୍ଡା

ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ କଟକରେ ଜାରି ରହିଛି। ସୋମବାର ବିଡ଼ାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଖୋର୍ଦ୍ଧା ୧୬୧ ରନରେ ନୟାଗଡ଼କୁ ପରାସ୍ତ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ଖୋର୍ଦ୍ଧା ସମସ୍ତ ୱିକେଟ ବିନିମୟରେ ୨୩୭ ରନ କରିଥିଲା। ମୃତ୍ୟୁଞ୍ଜୟ ମହାପାତ୍ର ୯୭ ବଲରୁ ୧୦୧ ରନର ଅପରାଜିତ ଇନିଂସ ଖେଳିଥିଲେ। ନୟାଗଡ଼ର ରିକି ମହାନ୍ତି ୪ଟି ୱିକେଟ ଅକ୍ତିଆର କରିଥିଲେ। ତେବେ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଥିବା ନୟାଗଡ଼ ମାତ୍ର ୭୬ ରନରେ ଅଲଆଉଟ ହୋଇଥିଲା। ବିଜୟୀ ଖୋର୍ଦ୍ଧା ତରଫରୁ ଅଭିଜିତ ମହାନ୍ତି ଓ ପିୟୂଷ ବଳିଆରସିଂହ ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଦଖଲ କରିଥିଲେ। ଶତକୀୟ ପାଳି ଖେଳିଥିବା ମୃତ୍ୟୁଞ୍ଜୟଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ରେଭେନ୍ସା ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୭ ୱିକେଟରେ ନବରଙ୍ଗପୁରକୁ ହରାଇଛି। ଜଗଦୀଶ ମହାପାତ୍ରଙ୍କ ୫ ୱିକେଟ ସଫଳତା ଯୋଗୁଁ ନବରଙ୍ଗପୁରର ଇନିଂସ୍ ୧୨୫ ରନରେ ସୀମିତ ରହିଥିଲା। ଜବାବରେ ହିମାଂଶୁ କୁମାର (୫୩ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭୁବନେଶ୍ୱର-ବି ୨୫ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଜଗଦୀଶଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ କିଟ୍ ୮ ୱିକେଟରେ ବୌଦ୍ଧକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ବୌଦ୍ଧ ମାତ୍ର ୮୦ ରନରେ ଅଲଆଉଟ ହୋଇଥିଲା। ତନୁଷ ଦେ ସର୍ବାଧିକ ୧୮ ରନ କରିଥିବାବେଳେ କିଟ୍‌ର ସ୍ୱଙ୍ଗ ପଣ୍ଡା ୧୩ ରନ ବିନିମୟରେ ୪ଟି ୱିକେଟ ଦଖଲ କରିଥିଲେ। ଜବାବରେ ୧୭ ଓଭରରେ ୨ ୱିକେଟ ହରାଇ କିଟ୍ ବିଜୟୀ ହୋଇଥିଲା। ୪ ୱିକେଟ ସଫଳତା ପାଇଥିବା ସ୍ୱଙ୍ଗ ୨୬ ରନର ପାଳି ଖେଳିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ।

ଅନ୍ୟ ଦୁଇ ମ୍ୟାଚ୍‌ରେ ଝାରସୁଗୁଡା ୪୩ ରନରେ ଯାଜପୁରକୁ, ସୋନପୁର ୮ ରନ୍‌ରେ ଭଦ୍ରକକୁ ହରାଇଥିଲା। ରାୟଗଡ଼ା ଏବଂ ସମ୍ବଲପୁର-ବି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ସୋନପୁରର ଧ୍ରୁବଜ୍ୟୋତି ପହରିୟା (୪ ୱିକେଟ୍) ଓ ଝାରସୁଗୁଡ଼ାର ନୀରବ ଅଗରୱାଲ (୩ ୱିକେଟ) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS